

ଦୁଇଟି ପାର୍ଟରେ ଆସିବ ଧୁରନ୍ଧର

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-145 ♦FRIDAY ♦21 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୪୫ ♦ଶୁକ୍ରବାର ♦୨୧ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ବିଲ୍ ଅନୁମୋଦନ ମାମଲା: ରାଷ୍ଟ୍ରପତି, ରାଜ୍ୟପାଳଙ୍କ ପାଇଁ ନାହିଁ ସମୟସୀମା

## ବିଳମ୍ବ ହେଲେ ଅଦାଲତଙ୍କ ହସ୍ତକ୍ଷେପ

■ ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କୋର୍ଟ ସେମାନଙ୍କୁ ଏଥିଲାଗି ବାଧ କରିପାରିବେ ନାହିଁ। ତେବେ ବିନା କାରଣରେ ଏହି ବିଲ୍ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ ରାଜ୍ୟପାଳ। ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ। ରାଷ୍ଟ୍ରପତିଙ୍କ ପ୍ରେସିଡେନସିଆଲ ରେଫେରେନ୍ସର ଉତ୍ତର ଦେବାକୁ ଯାଇ ସୁପ୍ରିମକୋର୍ଟ ଆଜି ଏଭଳି ମତାମତ ଦେଇଛନ୍ତି।



ରାଷ୍ଟ୍ରପତିଙ୍କୁ ମତାମତ ଦେଲେ ସୁପ୍ରିମକୋର୍ଟ

ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ବିଲ ଉପରେ ନିଷ୍ପତ୍ତି ନେବା ଲାଗି କୋର୍ଟ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ କ୍ଷେତ୍ରରେ ସମୟସୀମା ଧାର୍ଯ୍ୟ କରିପାରିବେ କି? ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରଶ୍ନକୁ ନେଇ ଲୋଡ଼ିଥିବା ମତାମତ ଉପରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଆଜି ଉପରୋକ୍ତ ମତ ଦେଇଛନ୍ତି। ଜଷ୍ଟିସ ଗଭାଇ କହିଲେ ଯେ ବିଧାନସଭା ବିଲ୍ ପଠାଇଲେ ଏହା ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ। ତାଙ୍କ ପାଖରେ ତିନିଟି ବିକଳ୍ପ ରହିଛି। ବିଲ ଉପରେ ମୋହର ମାରିବେ, ଅନୁଧ୍ୟାନ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବେ ନଚେତ ବିଲ୍ ଫେରାଇଦେବେ। ତେବେ ବିଲ୍ କାହିଁକି ଫେରାଇଲେ ତାହାର କାରଣ ଦର୍ଶାଇବାକୁ ପଡ଼ିବ। ବିଲ ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ କୌଣସି ପଦକ୍ଷେପ ନନେଲେ ଏହା ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ ▶ପୃଷ୍ଠା-୭

# ହିତାଧିକାରୀଙ୍କୁ ରାସନ ଛନକା

## କାର୍ଡ କାଟିବାକୁ ଘରଘର ବୁଲୁଛନ୍ତି ସରକାରୀ ଅଧିକାରୀ

■ ଭୁବନେଶ୍ୱର, ୨୦।୧୧ (ସମିସ): ସାରା ରାଜ୍ୟରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଘାରିଛି ରାସନ କାର୍ଡ ଛନକା। କେୱାଇସି ଯାଞ୍ଚ କରିବା ଓ ସରକାରୀ ନଥିପତ୍ରରେ ଅଯୋଗ୍ୟ ମନେ ହେଉଥିବା ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ କାଟିବା ପାଇଁ ସରକାରୀ ଅଧିକାରୀମାନେ ଘରଘର ବୁଲିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୯୨.୮୯ ଲକ୍ଷ ହିତାଧିକାରୀ ସାମିଲ ଥିବା ବେଳେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୯.୭୬ ଲକ୍ଷ ହିତାଧିକାରୀଙ୍କୁ ମାଗଣା ଚାଉଳ ଯୋଗାଇ ଦିଆଯାଉଛି। ତେବେ ମାସିକ ୧୦ ହଜାର ଟଙ୍କାରୁ ଅଧିକ ରୋଜଗାର, ୨ରୁ ବଖରାରୁ ଅଧିକ ପକ୍କା ଘର, ୩ ଚକିଆ ଗାଡ଼ି, ମୋଟର ଚାଳିତ ଡଙ୍ଗା ଓ କୃଷି ଯନ୍ତ୍ରପାତି ଆଦି ରହିଥିଲେ ରାସନ କାର୍ଡ କଟିବ ବୋଲି ଏବେ ପ୍ରଚାର ହେଉଛି। ସେହିପରି ଅଢେଇ ଏକର



ଜମି ଥିବା ହିତାଧିକାରୀମାନେ ମଧ୍ୟ ରାସନ କାର୍ଡରୁ ବାଦ ପଡ଼ିବେ ବୋଲି ସରକାରୀ ଅଧିକାରୀମାନେ କହୁଛନ୍ତି। ଯାହାକୁ ନେଇ ହିତାଧିକାରୀଙ୍କ ମନରେ ଛନକା ସୃଷ୍ଟି କରିଛି।

ସୂଚନା ଅନୁଯାୟୀ କେନ୍ଦ୍ର ସରକାର ସାରା ଦେଶ ପାଇଁ ଏକ ସନ୍ଦିଗ୍ଧ ତାଲିକା ପ୍ରସ୍ତୁତ କରିଛନ୍ତି। ଏହି ତାଲିକାରେ ଦେଶର ୧ କୋଟି ୧୭ ଲକ୍ଷ ହିତାଧିକାରୀଙ୍କ ନାମ ରହିଛି। ଏହି ସନ୍ଦିଗ୍ଧ ତାଲିକାରେ ଥିବା ହିତାଧିକାରୀମାନେ

### ସାରା ରାଜ୍ୟରୁ ବାଦ ପଡ଼ିବେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ

ରାସନ ପାଇବା ପାଇଁ ଯୋଗ୍ୟ ନ ଥିବା କେନ୍ଦ୍ର ସରକାର ଅନୁଭବ କରୁଛନ୍ତି। ଅର୍ଥାତ ଏହି ତାଲିକାରେ ଥିବା ହିତାଧିକାରୀମାନେ ଅଯୋଗ୍ୟ ହୋଇ ମଧ୍ୟ ରାସନ ସାମଗ୍ରୀ ନେଉଥିବା କେନ୍ଦ୍ର କହିଛି। ଏଥିପାଇଁ ରାଜ୍ୟଗୁଡ଼ିକୁ ଏହି ତାଲିକା ପ୍ରଦାନ କରିବା ସହ ତାଲିକାରେ ଥିବା ହିତାଧିକାରୀଙ୍କ ସ୍ଥିତି ଯାଞ୍ଚ କରି ସେମାନଙ୍କୁ ତାଲିକାରୁ ହଟାଇବାକୁ ନିର୍ଦ୍ଦେଶ ଥିବା ଜଣାପଡ଼ିଛି। ଆୟକର ବିଭାଗ, ପରିବହନ ବିଭାଗ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଆଦି ବିଭାଗଗୁଡ଼ିକର ତଥ୍ୟକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ଓଡ଼ିଶାରେ ସରକାରୀ ସ୍ତରରେ ଧରପଗଡ଼ ଆରମ୍ଭ ହୋଇଛି। ସାରା ରାଜ୍ୟରେ ଅନ୍ୟୂନ ୧୦ ଲକ୍ଷ ହିତାଧିକାରୀଙ୍କ ନାମ ଏହି ସୂଚୀରୁ ବାଦ ଦେବାକୁ ଲକ୍ଷ୍ୟ ଯାଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ▶ପୃଷ୍ଠା-୭

## ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନୀତୀଶ

■ ପାଟନା, ୨୦।୧୧ (ଏଜେନ୍ସି): ନୀତୀଶ କୁମାର ରେକର୍ଡ କରିଛନ୍ତି। ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପରେ ପାଟନାର ଗାନ୍ଧୀ ମୈଦାନରେ ଆଜି ଆୟୋଜିତ ଭବ୍ୟ ସମାରୋହରେ ନୀତୀଶ ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏଥିସହିତ ନୀତୀଶ ଦୀର୍ଘଦିନ ପର୍ଯ୍ୟନ୍ତ କ୍ଷମତାରେ ଥିବା ଦେଶର ଅଷ୍ଟମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଯଦି ଏହି କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରନ୍ତି ତେବେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କ୍ଷମତାରେ ଥିବା ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ପାଲଟିବେ। ପୂର୍ବରୁ ଏହି ରେକର୍ଡ ସିକିମ ନେତା ପବନ ଚାମଲିଙ୍ଗଙ୍କ ନାମରେ ରହିଛି।

ନୀତୀଶଙ୍କ ସହିତ ୨୬ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଏମାନଙ୍କ ମଧ୍ୟରେ ବିଜେପି କୋଟାରୁ ୧୪ ଜଣ, ଜେଡିୟୁରୁ ୮, ଚିରାଗ ପାଶ୍ୱାନଙ୍କ ଏଲଜେପିଆରରୁ ୨ ଜଣ, ଜିତନ ରାମ ମାନ୍‌ଝୀଙ୍କ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଦଳରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି। ଏହି ମନ୍ତ୍ରିମଣ୍ଡଳରେ



### ୨୬ ମନ୍ତ୍ରୀ ମଧ୍ୟ ନେଲେ ଶପଥ

### ବିଜେପିର ୧୪, ଜେଡିୟୁର ୮, ଚିରାଗଙ୍କ ୨ମନ୍ତ୍ରୀ ସାମିଲ

### ମନ୍ତ୍ରିମଣ୍ଡଳରେ ୩ ମହିଳା, ଜଣେ ମୁସଲମାନ

ତିନି ମହିଳା ଏବଂ ଜଣେ ମୁସଲିମ ବ୍ୟକ୍ତି ସାମିଲ ଅଛନ୍ତି। ଜେଡିୟୁ ପୁଣିଥରେ ଜମା ଖାନ୍‌ଙ୍କୁ ମନ୍ତ୍ରୀ କରିଛି। ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ପୁଣି ଉପ-ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଛି। ନୀତୀଶଙ୍କ ଏହି ନୂଆ କ୍ୟାବିନେଟରେ ୧୩ ନୂଆ ମୁହଁ ସାମିଲ ହୋଇଛନ୍ତି। ନିଜର ୮ ମନ୍ତ୍ରୀଙ୍କୁ ନୀତୀଶ ପୁଣି ସୁଯୋଗ ଦେଇଛନ୍ତି। ତେବେ ବିଜେପିରୁ ୭ ଜଣ ନୂଆ କରି ମନ୍ତ୍ରୀ ହୋଇଛନ୍ତି। ▶ପୃଷ୍ଠା-୭

### ସପ୍ତାହେ ପରେ ଶୀତ ଅଧିବେଶନ

## ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପାଗଭିଡ଼ା

■ ଭୁବନେଶ୍ୱର, ୨୦।୧୧ (ସମିସ): ଆଉ ସପ୍ତାହେ ପରେ ଅର୍ଥାତ୍ ୨୭ ତାରିଖରୁ ଓଡ଼ିଶା ବିଧାନସଭାର ପଞ୍ଚମ(ଶୀତକାଳୀନ) ଅଧିବେଶନ ଆରମ୍ଭ ହେବ। ବିଭିନ୍ନ ପ୍ରସଙ୍ଗ ଯୋଗୁଁ ଏହି ଅଧିବେଶନଟି ଚର୍ଚ୍ଚାରେ ରହିବାକୁ ଯାଉଥିବା ବେଳେ ସରକାରଙ୍କୁ ଘେରିବାକୁ ବିରୋଧୀ ଏବେଠାରୁ ପାଗ ଭିଡ଼ା ଆରମ୍ଭ କଲେଣି। ଅଧିବେଶନ ପ୍ରାରମ୍ଭରୁ ଗୃହରେ ବିରୋଧୀ ସକ୍ରିୟ ରହିବା ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷେ ନୂଆପଡ଼ା ଉପନିର୍ବାଚନରେ

### ଯେଉଁ ପ୍ରସଙ୍ଗକୁ ଛୁଇଁବ, ସେଥିରେ ସରକାର ବିଫଳ: ବିଜେଡି

### ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଦଳ ବିତର୍କ କରିବ: କଂଗ୍ରେସ

ବିଶାଳ ବିଜୟକୁ ।।ନେଇ ଶାସକ ଦଳ ବିଜେପି ଉତ୍ସାହିତ ଥିବାବେଳେ ବିରୋଧୀଙ୍କ ସବୁ ଆକ୍ରମଣର ପ୍ରତ୍ୟୁତ୍ତର ଦିଆଯିବ ବୋଲି ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି। ଅପରପକ୍ଷେ ଓଡ଼ିଶା ବିଧାନସଭା ଇତିହାସରେ ରାଷ୍ଟ୍ରପତି ପ୍ରଥମଥର ପାଇଁ ଉଦବୋଧନ ଦେବେ ଓ ଅଧିବେଶନରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିବା ନେଇ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ଗତ ମୌସୁମୀ ଅଧିବେଶନ ମାତ୍ର ୭ ଦିନ ଚାଲିଥିବା ବେଳେ ବିରୋଧୀ କଂଗ୍ରେସ ଏବଂ ▶ପୃଷ୍ଠା-୭

### ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ୨୨ରେ ଲଘୁଚାପ, ୨୪ରେ ଅବପାତ

■ ଭୁବନେଶ୍ୱର, ୨୦।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପୂର୍ବରୁ ଗୁରୁବାର ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ। 'ଷ୍ଟ୍ରିଟ୍ ଅଫ୍ ମାଲାକା' ମଧ୍ୟ ଅଂଶରେ ସୃଷ୍ଟି ହୋଇଥିବା ଏହି ଘୂର୍ଣ୍ଣିବଳୟ ଧୀରେ ଧୀରେ ବଙ୍ଗୋପସାଗର ମୁହାଁ ହେବ ଏବଂ ଏହାର ପ୍ରଭାବରେ ୨୨ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଏହି ଲଘୁଚାପପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୪ ତାରିଖ ବେଳକୁ ଆହୁରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର ମଧ୍ୟ ଭାଗରେ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବ। ଏହି ଲଘୁଚାପ ସୃଷ୍ଟି ପରେ ଅଧିକ ଘନୀଭୂତ ହେବା ପାଇଁ ସବୁ ପ୍ରକାର ପାଣିପାଗ ମଡେଲ ସୁହାଉ ଥିବାରୁ ଏହା ବାତ୍ୟାରେ ପରିଣତ ହୋଇପାରେ ବୋଲି ମଧ୍ୟ ପ୍ରାଥମିକ ଭାବେ ଆକଳନ କରାଯାଉଛି। ଏହାର ପ୍ରଭାବରେ ଉଭୟ ଆନ୍ଧ୍ର ଓ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି। ପୁନଶ୍ଚ ଏହା ଯଦି ▶ପୃଷ୍ଠା-୭

### ୨୮ରୁ ଡିସେମ୍ବର ୪ ମଧ୍ୟରେ ଅଧିକ ବର୍ଷା

### ଉଠିଲା ପାରଦ; କମିଲା ଶୀତର ପ୍ରଭାବ

### ପୁଲିସ ଚାକିରି ବେପାର

## ଶଙ୍କର, ସୁରେଶ, ସାଗରଙ୍କ ଜାମିନ ଆବେଦନ ଖାରଜ

■ ବ୍ରହ୍ମପୁର, ୨୦।୧୧ (ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ କେଲେଙ୍କାରୀ ମାମଲାର ତଦନ୍ତଭାର ସିବିଆଇକୁ ଦେବା ନିମନ୍ତେ ବ୍ରହ୍ମପୁର ଜେଏମଏଫସି କୋର୍ଟରେ ପିଟିସନ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ସେପଟେ ମାମଲାର ତଦନ୍ତ ପାଇଁ ବ୍ରହ୍ମପୁରରେ ପହଞ୍ଚିଛି ସିବିଆଇ ଟିମ୍। ଜଣେ ଓକିଲଙ୍କ ସମେତ ସିବିଆଇର ୪ ଜଣିଆ ଟିମ୍ ପ୍ରଥମେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପହଞ୍ଚିଥିଲେ। କୋର୍ଟରେ ସିବିଆଇ ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପତ୍ରକୁ ଦାଖଲ କରାଯାଇଥିଲା। ପରେ ଏସ୍ଆଇ ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ଼ଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସିବିଆଇ ଓକିଲ ଜାମିନ ଆବଦେନକୁ ବିରୋଧ କରିଥିଲେ। ଉଭୟପକ୍ଷର ଓକିଲଙ୍କଠାରୁ ଶୁଣିବା ପରେ ଭିଜିଲାନ୍ସ ଜଜ୍ ▶ପୃଷ୍ଠା-୭






### ଆଡ୍‌ମିସନ୍ ପରେ ବଦଳିଗଲା ନିଟ୍ ର୍ୟାଙ୍କ

## ଗୋଟିଏ କ୍ଲାସ୍ ପରେ ବିଦା କରିଦେଲା ଭିମସାର୍

■ ସମ୍ବଲପୁର, ୨୦।୧୧ (ସମିସ): ସେଦିନ ପୁଅର ନିଟ୍ ର୍ୟାଙ୍କ ଦେଖି ବାପାର ଛାତି କୁଣ୍ଢେମୋଟ ହୋଇଯାଇଥିଲା। ଚଷାଘର ପୁଅ ଡାକ୍ତର ହେବ, ରୋଗୀ ସେବା କରିବ, ନାଁ କମେଇବ; ଦିନ ଆଲୁଅରେ ଠିଆଠିଆ ଏମିତି କେତେ ସ୍ୱପ୍ନ ଦେଖିଯାଇଥିଲେ ବରଗଡ଼ର ସୁଦାମ ସାହୁ। ପୁଅ ମୁକେଶ ସାହୁ ସର୍ବଭାରତୀୟ ସ୍ତରରେ ନିଟ୍ ରାଙ୍କ ୨୬,୪୫୯ ରଖି ସରକାରୀ ମେଡିକାଲ କଲେଜରେ ନିଜର ସିଟ୍‌ଟିଏ ପକା କରିଦେଇଥିଲା। ଦିନ ଗଡ଼ିବା ସହ ଆଡ୍‌ମିସନ୍ ପ୍ରକ୍ରିୟା ଆଗେଇଲା। କାଉନସେଲିଂ, ଆଡ୍‌ମିସନ୍ ପ୍ରକ୍ରିୟାରେ ଯେପରି କୌଣସି ତ୍ରୁଟି-ବିଚ୍ୟୁତି ନ ରୁହେ, ସେଥିପ୍ରତି ପୂରା ଧ୍ୟାନ ଦେଇ ଭୀମସାର୍‌ରେ ପୁଅର ଆଡମିସନ୍



କରାଇଲେ ସୁଦାମ। ଏଥିପାଇଁ ସ୍ତ୍ରୀର ଗହଣାଗାଣ୍ଠିକୁ ବି ବନ୍ଧା ପକାଇଦେଲେ। କିନ୍ତୁ, ପୁଅ ସେଠି ଗୋଟିଏ ଦିନ କ୍ଲାସ୍ କରିବା ପରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ତାଙ୍କୁ ବାହାର କରିଦେଲେ। କର୍ତ୍ତୃପକ୍ଷଙ୍କ କହିବା କଥା, ମୁକେଶଙ୍କ ଉପଯୁକ୍ତ ର୍ୟାଙ୍କ ନାହିଁ। ୱେବ୍‌ସାଇଟ୍‌ରେ ଦେଖିଲେ, ଏବେ ମୁକେଶଙ୍କ ର୍ୟାଙ୍କ ୧୭ ଲକ୍ଷ ଦେଖାଉଛି। ତେବେ ରାତାରାତି ପୁଅର ର୍ୟାଙ୍କ କିପରି ବଦଳିଗଲା, ତାହା ସୁଦାମଙ୍କ ଚାଷୀମୁଣ୍ଡରେ ପଶୁନାହିଁ। ମୁକେଶ ବି କିଛି ବୁଝିପାରୁନାହାନ୍ତି। ଏବେ ବାପ-ପୁଅ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛନ୍ତି। କାହା ପାଖକୁ ଯିବେ, ଅଭିଯୋଗ କରିବେ; କିଛି ଜାଣିପାରୁନାହାନ୍ତି।

ମୁକେଶଙ୍କ କହିବାନୁସାରେ, ସେ ଆଡମିସନ୍ ନେବା ସହ ଆଜି ବାୟୋକେମେଷ୍ଟ୍ରି କ୍ଲାସ୍ ମଧ୍ୟ କରିଥିଲେ। କିନ୍ତୁ ହଷ୍ଟେଲ ଆଡମିସନ୍ ପାଇଁ ଗଲା ବେଳକୁ ସବୁ ଓଲଟପାଲଟ ହୋଇଗଲା। ତାଙ୍କର ପର୍ଯ୍ୟାପ୍ତ ର୍ୟାଙ୍କ ନାହିଁ ଓ ପାଠପଢ଼ା ହୋଇପାରିବ ନାହିଁ ବୋଲି ତାଙ୍କୁ ଜଣାଇବା ସହ ଭିମସାରରୁ ବାହାର କରି ଦିଆଯାଇଛି। ସେପଟେ, ଏଭଳି ଘଟଣା ପରେ ବାପା ସୁଦାମ ଭାଙ୍ଗି ▶ପୃଷ୍ଠା-୭

## ୬ ମାସ ମଧ୍ୟରେ ଟ୍ରମ୍ପଙ୍କ ଶିବିରକୁ ଫେରିଲେ ମସ୍କ

ୱାସିଂଟନ, ୨୦।୧୧(ଏଜେନ୍ସି): ଟେସ୍‌ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କ ପୁଣିଥରେ ଆମେରିକା ରାଜନୀତିର କେନ୍ଦ୍ରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିବାଦ ଓ ମୁକାବିଲାମୂଳକ ସ୍ଥିତି ପରେ ସେ ରାଜଧାନୀ ୱାସିଂଟନରେ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସାଉଦି ରାଜକୁମାର ମହମ୍ମଦ ବିନ୍ ସଲମାନଙ୍କ ସମ୍ମାନରେ ଆୟୋଜିତ ଟ୍ରମ୍ପଙ୍କ ନୈଶ୍ୟଭୋଜିରେ ମସ୍କ ସାମିଲ ହୋଇଥିଲେ। ମସ୍କ ଏଥିସହ ନିଜର ନୂଆ ପାର୍ଟି ଗଠିବା ଯୋଜନାକୁ ମଧ୍ୟ ରଦ୍ଦ କରିଛନ୍ତି। ୨୦୨୬ରେ ଆୟୋଜନ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀଙ୍କୁ ସମର୍ଥନ କରିବେ ଓ ଏଥିପାଇଁ ପାଣ୍ଠି ପ୍ରଦାନ କରିବେ ବୋଲି କହିଛନ୍ତି। ଟ୍ରମ୍ପଙ୍କ ସହ ସେ ଆଉ ବିବାଦ ନୁହେଁ ଏବେ ବନ୍ଧୁତ୍ୱ ସ୍ଥାପନ କରିବାକୁ ଇଚ୍ଛୁକ ବୋଲି କହିଛନ୍ତି। ୬ ମାସ ଦଳେ ମସ୍କ ଓ ଟ୍ରମ୍ପ ମୁହାଁମୁହିଁ ହୋଇଥିଲେ। ସେତେବେଳେ ଟ୍ରମ୍ପ ପ୍ରଶାସନର ବ୍ୟୁଟିଫୁଲ ବିଲ୍ ଓ ନିଜର ନକଟତର ଜେରେଡ ଆଇଜ୍ୟାକମ୍ୟାନଙ୍କୁ ନାସା ପ୍ରମୁଖ ଭାବେ ଉପସ୍ଥାପନ ନ କରିବାରୁ ମସ୍କ ଅସନ୍ତୁଷ୍ଟ ଥିଲେ ଓ ଦୁହିଁଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଉପୁଜିଥିଲା। କେବଳ ସେତିକି ନୁହେଁ, ଟ୍ରମ୍ପ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସମ୍ପର୍କରେ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଫଳରେ ଦୁହିଁଙ୍କ ସମ୍ପର୍କ ଆହୁରି ଖରାପ ହୋଇଥିଲା। ଏପଷ୍ଟିନଙ୍କ ସହ ଜଡିତ କାଗଜପତ୍ର ଟ୍ରମ୍ପ ଜାରି ଏଥିପାଇଁ କରନାହାନ୍ତି, କାରଣ ସେ ମଧ୍ୟ ଜଡିତ ଅଛନ୍ତି ବୋଲି ମସ୍କ କହି ବିବାଦକୁ ଆହୁରି ଘନୀଭୂତ କରିଥିଲେ।

## ଭାରତରୁ ପ୍ରତିଦିନ ୧୫୦ ବେଆଇନ ବାଂଲାଦେଶୀ ଫେରୁଛନ୍ତି: ବିଏସ୍‌ଏଫ୍

ନୂଆଦିଲ୍ଲୀ/କୋଲକାତା, ୨୦।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭାରତ ଓ ବାଂଲାଦେଶ ସୀମାରେ ନିୟୋଜିତ ଥିବା ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଏକ ଭିନ୍ନ ପ୍ରକାର ଦାବି କରିଛି। ରାଜ୍ୟରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଚାଲିଥିବାରୁ ଭାରତରେ ରହୁଥିବା ବହୁ ସଂଖ୍ୟାରେ ଅବୈଧ ବାଂଲାଦେଶ ନାଗରିକ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଉତ୍ତର ୨୪ ପ୍ରଗଣା, ମୁର୍ସିଦାବାଦ୍ ଓ ମାଲଦା ଜିଲ୍ଲାର ବିନା ବାଡ଼ ଥିବା ଅଞ୍ଚଳ ଦେଇ ଏମାନେ ପ୍ରତ୍ୟାବର୍ତ୍ତନ କରୁଛନ୍ତି ବୋଲି ବିଏସ୍‌ଏଫ୍ ତରଫରୁ କୁହାଯାଇଛି। ଏବେ ପ୍ରତିଦିନ ୧୫୦ ବାଂଲାଦେଶୀ ନିଜ ଘରକୁ ଫେରୁଛନ୍ତି। ଚେକ୍ ପୋଷ୍ଟରେ ଛୋଟ ବ୍ୟାଗ୍‌ରେ ନିଜ ଜିନିଷଧରି ଲାଇନ୍‌ରେ ଠିଆ ହେଉଛନ୍ତି ବୋଲି ବିଏସ୍‌ଏଫ୍‌ର ଯବାନମାନେ କହିଛନ୍ତି। ଏମାନେ ଖୋଲାଖୋଲି ଭାବେ ନିଜକୁ ବାଂଲାଦେଶୀ ଓ ବହୁ ବର୍ଷ ତଳେ ବେଆଇନ୍ ଭାବେ ଭାରତ ଆସିଥିବା କଥା ସ୍ୱୀକାର କରୁଛନ୍ତି। ସୀମାରେ ଏହି ଅବୈଧ ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଏସ୍‌ଏଫ୍ ଓ ପଶ୍ଚିମବଙ୍ଗ ପୁଲିସ ଉପରେ ଚାପ ବୃଦ୍ଧି ପାଇଛି। ଏମାନଙ୍କୁ ଦୁଇପଟେ ଧରାଯାଉଥିବା ବ୍ୟକ୍ତିଙ୍କର ବାୟୋମେଟ୍ରିକ ଭେରିଫିକେଶନ, ପଚରାଉଚର ଓ ଆପରାଧିକ ପୃଷ୍ଠଭୂମି ନେଇ ଯାଞ୍ଚ କରିବାକୁ ପଡୁଛି। ନିର୍ବାଚନ କମିଶନ ୯ ରାଜ୍ୟ, ୩ କେନ୍ଦ୍ର ଶାସିତ ପ୍ରଦେଶର ପାଖାପାଖି ୫୧ କୋଟି ଭୋଟରଙ୍କୁ ନେଇ ଏସ୍‌ଆଇଆର ପ୍ରକ୍ରିୟା ଜାରି ରଖିଛନ୍ତି।

## ଶିକ୍ଷିତ ଆତଙ୍କବାଦୀ ସବୁଠୁ ବିପଜ୍ଜନକ: ଦିଲ୍ଲୀ ପୁଲିସ


ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଗୁରୁବାର ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣିରେ ଦିଲ୍ଲୀ ପୁଲିସ୍ ପକ୍ଷରୁ କୁହାଯାଇଛି ।।ଶିକ୍ଷିତ ଲୋକେ ଯେତେବେଳେ ଆତଙ୍କବାଦୀ ହୁଅନ୍ତି ସେମାନେ ସାଧାରଣ ଦଙ୍ଗାକାରୀଙ୍କଠାରୁ ଆହୁରି ବିପଜ୍ଜନକ ହୋଇଥାନ୍ତି। ଦେଶ ବିରୋଧୀ ଗତିବିଧି ସହ ଡାକ୍ତର ଓ ଇଞ୍ଜିନିୟରମାନେ ସାମିଲ ହେବା ଏବେ ଏକ ଟ୍ରେଣ୍ଡର ପରିଣତ ହୋଇଛି। ଏମାନେ ସରକାରଙ୍କ ଅର୍ଥରେ ପାଠପଢ଼ିଥାନ୍ତି ଓ ପରେ ଦେଶ ବିରୋଧରେ କାର୍ଯ୍ୟ କରିଥାନ୍ତି। ଦିଲ୍ଲୀ ପୁଲିସ ଏହି ଶୁଣାଣିରେ ଶରଜିଲ ଇମାମଙ୍କ ଉତ୍ତେଜକ ଭାଷଣର ଭିଡିଓ କୋର୍ଟରେ ଉପସ୍ଥାପନ କରିଥିଲା। ଏହି ଭିଡିଓରେ ଶରଜିଲ୍ ନାଗରିକତା ସଂଶୋଧନ ଆଇନ୍ (ସିଏଏ) ଓ ଏନ୍‌ଆରସି ବିରୋଧରେ ଏହି ଉତ୍ତେଜକ ଭାଷଣ ଦେଉଥିବାର ଦେଖାଯାଇଛି। ଏହି ଭାଷଣ ଦ୍ୱାରା ସ୍ଥିତି ବିଗିଡ଼ିଥିଲା ଓ ଜନତାଙ୍କୁ ଉସ୍କାଇବା ଭଳି କାର୍ଯ୍ୟ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଆସିବା ସମୟରେ ହିଁ ଦଙ୍ଗା ସୃଷ୍ଟି କରିବାକୁ ଗଭୀର ଓ ସୁଚିନ୍ତିତ ଷଡଯନ୍ତ୍ର କରାଯାଇଥିଲା। ଏହି ଦଙ୍ଗାରେ ୫୩ ଜଣ ମୃତ୍ୟୁବରଣ କରିଥିଲେ।

## ଏଟିଏମ୍ ଭ୍ୟାନ୍‌ରୁ ୭ କୋଟି ଲୁଟ୍

ବେଙ୍ଗାଲୁରୁ, ୨୦।୧୧(ଏଜେନ୍ସି): ବେଙ୍ଗାଲୁରୁରେ ଚିଳଚିତ୍ର ଶୈଳୀରେ ଏକ ବଡ଼ଧରଣର ଲୁଟ୍ ହୋଇଛି। ଏକ ଏଟିଏମ୍ କ୍ୟାସ ଭ୍ୟାନରୁ ଲୁଟେରାମାନେ ୭ କୋଟି ଟଙ୍କା ଲୁଟ୍ କରିଛନ୍ତି। ବୁଧବାର ଅପରାହ୍ଣ ୧୨.୩୦ରେ ଏହି ଘଟଣା ଘଟିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଅଧିକାରୀ ବୋଲି ପରିଚୟ ଦେବା ସହ ଲୁଟେରାମାନେ କ୍ୟାସ୍ ଭ୍ୟାନ୍‌କୁ ରାସ୍ତାରେ ଅଟକାଇ ଟଙ୍କା ନେଇ ପଳାଇଯାଇଥିଲେ। ଏହାପରେ ପୁଲିସ ଏହି ଭ୍ୟାନକୁ ଜୟଦେବ ସର୍କଲ ଫ୍ଲାଏଓଭର ପୋଲ ନିକଟରେ ଠାବ କରିଥିଲା। ପୁଲିସ ଭ୍ୟାନର ଡ୍ରାଇଭର, ଦୁଇଜଣ ସୁରକ୍ଷାକର୍ମୀ ଓ ଜଣେ କ୍ୟାସ୍ ଡିପୋଜିଟରଙ୍କୁ ପଚରାଉଚରା ପାଇଁ ଅଟକ ରଖିଛି। କ୍ୟାଶ୍ ମ୍ୟାନେଜମେଣ୍ଟ କମ୍ପାନୀ (ସିଏମ୍‌ଏସ୍)ର ହିଁ ଏହି କ୍ୟାଶ ଭ୍ୟାନ ବୋଲି କୁହାଯାଇଛି। ଏହି ଘଟଣାରେ ଏସ୍‌ଏମ୍‌ଏସ୍‌ର କିଛି କର୍ମଚାରୀଙ୍କ ଭୂମିକା ସନ୍ଦେହ ପରିସରକୁ ଆସିଛି ବୋଲି ପୁଲିସ କମିଶନର ସୀମାନ୍ତ କୁମାର ସିଂ କହିଛନ୍ତି। ଏହି ଘଟଣାରେ ସିଦ୍ଧାପୁରାଦ ପୁଲିସ ଥାନାରେ ମାମଲା ରୁଜୁ କରାଯାଇଛି। ମାତ୍ର ୩୦ ମିନିଟ୍ ମଧ୍ୟରେ ଲୁଟେରାମାନେ ଏହି କାଣ୍ଡ ଘଟାଇବାରେ ସଫଳ ହୋଇଥିଲେ। ସକାଳ ୯.୩୦ରେ ଏହି କ୍ୟାଶ୍ ଭ୍ୟାନ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ଯାଉଥିଲା। ଦ୍ୱିପହର ୧୨.୨୪ରେ ଜେପି ନଗରସ୍ଥିତ ଏଚ୍‌ଡିଏଫ୍‌ସି କରେନ୍ସ ଚେଷ୍ଟରୁ ୭.୧୧ କୋଟି ଟଙ୍କା ନିଆଯାଇଥିଲା। ନୋଟଗୁଡ଼ିକୁ ଟ୍ରଙ୍କରେ ଭର୍ତ୍ତି କରାଯାଇଥିଲା।

### ୧୦୦ଥର ବସ୍‌ଉଠ କରାଇଥିବା ଶିକ୍ଷୟିତ୍ରୀ ଗିରଫ


## ଅସୁସ୍ଥ ଅନୁଭବ କରିବା ପରେ ମୃତ୍ୟୁବରଣ କରିଥିଲେ ଛାତ୍ରୀ



ପାଲଘର, ୨୦।୧୧(ଏଜେନ୍ସି): ମହାରାଷ୍ଟ୍ର ପାଲଘରରେ ଜଣେ ଶିକ୍ଷୟିତ୍ରୀ ତାଙ୍କର ଜଣେ ଛାତ୍ରୀଙ୍କୁ ବିଳମ୍ବରେ ସ୍କୁଲକୁ ଆସିବାରୁ ୧୦୦ ଥର ବସ୍‌ଉଠ୍ ହେବାର ଦଣ୍ଡ ପ୍ରଦାନ କରିଥିଲେ। ଏହାପରେ ଅସୁସ୍ଥ ହୋଇ ୧୨ ବର୍ଷର ଏହି ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଗୁରୁବାର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ହତ୍ୟା ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଏହି ଘଟଣା ନଭେମ୍ବର ୮ରେ ଘଟିଥିଲା। ଛାତ୍ରୀଜଣଙ୍କ ଅସୁସ୍ଥ ହେବା ପରେ ତାଙ୍କ ଚିକିତ୍ସା କରାଯାଇଥିଲା। କିନ୍ତୁ ୭ ଦିନ ପରେ ନଭେମ୍ବର ୧୩ରେ ଛାତ୍ରୀଜଣକ ମୃତ୍ୟୁବରଣ କରିଥିଲେ। ଏହି ଶିକ୍ଷୟିତ୍ରୀଙ୍କ ନାମ ହେଉଛି ମମତା। ତାଙ୍କୁ ବସଇ ଅଞ୍ଚଳରେ ଥିବା ସତୀବାଲିର ଘରୋଇ ସ୍କୁଲରୁ ପୂର୍ବରୁ ହଟାଇ ଦିଆଯାଇଛି। ଏହା ପରେ ପୁଲିସ ମାମଲା ରୁଜୁ କରି ମମତାଙ୍କୁ ଗିରଫ କରିଛି। ଏହି ଘଟଣା ନେଇ ବମ୍ବେ ହାଇକୋର୍ଟରେ ଏକ ଆବେଦନ ଦାଏର କରାଯାଇଥିଲା। ହାଇକୋର୍ଟ ନିଜେ ଏ ମାମଲାରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ଆଇଟି ଯାଞ୍ଚ କରିବାକୁ ଓ ସ୍କୁଲ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

### ଦିଲ୍ଲୀ ଛାତ୍ର ଆତ୍ମହତ୍ୟା ମାମଲା

## ସର୍ବସାଧାରଣରେ ଶିକ୍ଷକ ଅପମାନିତ କରିଥିବା ଅଭିଯୋଗ




ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ଦିଲ୍ଲୀର ସେଣ୍ଟ କଲମ୍ବିଆ ସ୍କୁଲ୍‌ର ଛାତ୍ର ସୌର୍ଯ୍ୟଙ୍କ ଆତ୍ମହତ୍ୟା ମାମଲାକୁ ନେଇ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସ୍କୁଲର ଶିକ୍ଷକ ସର୍ବସାଧାରଣରେ ଛାତ୍ରଙ୍କୁ ଅପମାନିତ କରିଛନ୍ତି ବୋଲି ତାଙ୍କ ମାତାପିତା ଅଭିଯୋଗ କରିଛନ୍ତି। ସୌର୍ଯ୍ୟଙ୍କୁ ଅପମାନିତ କରାଯାଇଥିଲା ବୋଲି ତା'ର ସହପାଠୀ କହିଥିବା ପିତା ପ୍ରଦୀପ ପାଟିଲ ଉଲ୍ଲେଖ କରିଛନ୍ତି। ନଭେମ୍ବର ୧୮ରେ ଏକ ନୃତ୍ୟ ଅଭ୍ୟାସରେ ଗୋଡ଼ ଖସିଯିବା କାରଣରୁ ସୌର୍ଯ୍ୟ ତଳେ ପଡ଼ିଯାଇଥିଲେ। ଫଳରେ ଜଣେ ଶିକ୍ଷକ ତାଙ୍କୁ ଗାଳି କରିଥିଲେ। ସେ ଯେତେବେଳେ କାନ୍ଦିଥିଲା, ଶିକ୍ଷକ କହିଥିଲେ ଯେ, କାନ୍ଦେ ଯେତେ କାନ୍ଦିବୁ ମୋ ଉପରେ କୌଣସି ଫରକ ପଡ଼ିବ ନାହିଁ। ଏତିକି ବେଳେ ସ୍କୁଲ୍‌ର ପ୍ରିନସପାଲ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ କେହି ତାଙ୍କୁ ସମବେଦନା ଜଣାଇ ନ ଥିଲେ। ଫଳରେ ନଭେମ୍ବର ୧୮ରେ ୧୬ ବର୍ଷୀୟ ସୌର୍ଯ୍ୟ ରାଜେନ୍ଦ୍ର ନଗର ମେଟ୍ରୋ ଷ୍ଟେସନ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ବୁଧବାର ପ୍ରଦୀପ ପ୍ରିନ୍‌ସପାଲ, କୋର୍ଡିନେଟର ଓ ଶିକ୍ଷକମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ପୁଅ ଉପରେ ସ୍କୁଲ ତରଫରୁ ଲଗାତର ମାନସିକ ଚାପ ପ୍ରୟୋଗ କରାଯାଉଥିଲା। ତାଙ୍କ ପତ୍ନୀ ତଥା ସୌର୍ଯ୍ୟଙ୍କ ମା ଏ ନେଇ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ବୋଲି ପ୍ରଦୀପ କହିଛନ୍ତି।

# ଭାରତ ବିରୋଧରେ ଟ୍ରମ୍ପଙ୍କ ଅପପ୍ରଚାର

## ■ 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠୁ ହାରିଛି ଭାରତ: ଆମେରିକା ରିପୋର୍ଟ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣି ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କରିଛି। ଗୋଟିଏ ପଟେ ବନ୍ଧୁତ୍ୱର ହାତ ବଢାଉଥିବାବେଳେ ଅନ୍ୟପଟେ ବିଶ୍ୱାସଘାତ କରୁଛି। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଅପପ୍ରଚାର ଚଲାଇ ଭାରତକୁ ବଦନାମ କରିବାକୁ ପ୍ରୟାସ କରିଚାଲିଛି। ମେ'ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୪ ଦିନ ପର୍ଯ୍ୟନ୍ତ ହୋଇଥିବା ସଂଘର୍ଷ ତଥା 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠାରୁ ଭାରତ ହାରି ଯାଇଥିଲା ବୋଲି ଆମେରିକା ପକ୍ଷରୁ ଜାରି ଏକ ରିପୋର୍ଟରେ ଦାବି କରାଯାଇଛି। ଏଥିରେ ପହଲଗାମ ଆକ୍ରମଣକୁ ମଧ୍ୟ ଆତଙ୍କବାଦୀ ଘଟଣା କୁହାଯାଇ ନାହିଁ। ଏହାକୁ 'ବିଦ୍ରୋହୀଙ୍କ ଆକ୍ରମଣ' ଧରାଯାଇଛି। ୮୦୦ ପୃଷ୍ଠାର ଏହି ରିପୋର୍ଟକୁ ୟୁଏସ-ଚୀନ୍ ଇକୋନମିକ ଆଣ୍ଡ ସିକ୍ୟୁରିଟି ରିଭ୍ୟୁ କମିଶନ ତଥା ୟୁଏସସିସି ପକ୍ଷରୁ ଜାରି କରାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ ଏହି ରିପୋର୍ଟକୁ ତୀବ୍ର ବିରୋଧ କରିଛନ୍ତି। ସେ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରୀ ଏହି ରିପୋର୍ଟକୁ ନେଇ ଆପତ୍ତି ଉଠାଇ ବିରୋଧ କରିବେ କି ବୋଲି ପଚାରିଛନ୍ତି। ଏହା ଭାରତର କୂଟନୀତି ପାଇଁ ବଡ଼ ଝଟ୍‌କା ବୋଲି ରମେଶ କହିଛନ୍ତି।



ରିପୋର୍ଟରେ କୁହାଯାଇଛି ଯେ 'ଅପରେସନ ସିନ୍ଦୂର'ରେ ଭାରତର ୬ଟି ଲଢୁଆ ବିମାନକୁ ପାକିସ୍ତାନ ଖସାଇ ଥିବା ଦାବି କରିଥିଲା। ଏଥିରେ ରାଫେଲ ସାମିଲ ଥିବା ମଧ୍ୟ କୁହାଯାଇଛି। ତେବେ ପ୍ରକୃତରେ କେବଳ ତିନୋଟି ବିମାନ ଖସା ଯାଇଥିବା ସୂଚନା ମିଳିଥିବା ଉଲ୍ଲେଖ କରାଯାଇଛି। ଏହା ଦ୍ୱାରା ରାଫେଲର ଛବି ଖରାପ ହୋଇଛି। ୟୁଏସସିସି ପକ୍ଷରୁ କୁହାଯାଇଛି ଯେ ଭାରତ ଏବଂ ପାକିସ୍ତାନ ଏହି ଯୁଦ୍ଧକୁ ନିଜର ଆଧୁନିକ ଅସ୍ତ୍ରଶସ୍ତ୍ରକୁ ବିଶ୍ୱକୁ ଦେଖାଇବା ପାଇଁ ବ୍ୟବହାର କରିଥିଲେ। ସଂଘର୍ଷ ପରେ ଚୀନ୍ ଦୂତାବାସ ସାରା ବିଶ୍ୱରେ ନିଜ ଅସ୍ତ୍ରଶସ୍ତ୍ରର ପ୍ରଶଂସା କରିଥିଲା। ଭାରତୀୟ ଲଢୁଆ ବିମାନକୁ ଖସାଇବା ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିବା କୁହାଯାଇଥିଲା। ଭାରତ-ପାକିସ୍ତାନ ସଂଘର୍ଷର ୫ ମାସ ପରେ ଚୀନ୍ ଇଣ୍ଡୋନେସିଆକୁ ୪୨ଟି ଜେ-୧୦ସି ଲଢୁଆ ବିମାନ ବିକିବା ପାଇଁ ଚୁକ୍ତି କରିଥିଲା। ରିପୋର୍ଟ ଅନୁଯାୟୀ ପାକିସ୍ତାନ ଏହି ଲଢ଼େଇରେ ଚୀନ୍‌ର ଏଚ୍‌କ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ, ପିଏଲ-୧୫ କ୍ଷେପଣାସ୍ତ୍ର ଏବଂ ଜେ-୧୦ ଲଢୁଆ ବିମାନ ବ୍ୟବହାର କରିଥିଲା।

### ■ ପହଲଗାମ ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ ମାନିଲାନି

## ଆରବ ସାଗରରେ ଆମେରିକା ସମର୍ଥନରେ ଦ୍ୱୀପ ନିର୍ମାଣ କରିବ ପାକିସ୍ତାନ

ଇସ୍‌ଲାମାବାଦ୍, ୨୦।୧୧(ଏଜେନ୍ସି): ପାକିସ୍ତାନ ଆରବ ସାଗରରେ ଏବେ ଏକ କୃତ୍ରିମ ଦ୍ୱୀପ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି। ସମୁଦ୍ରରେ ତୈଳ ଖୋଜିବା ପ୍ରକ୍ରିୟା ପାଇଁ ଏକ ସ୍ଥାୟୀ ପୃଷ୍ଠଭୂମି ଭଳବେ ଏହି ଦ୍ୱୀପକୁ ବ୍ୟବହାର କରାଯିବ ବୋଲି ପାକିସ୍ତାନ ସରକାର କହିଛନ୍ତି। ପାକିସ୍ତାନ ପେଟ୍ରୋଲିୟମ ଲିମିଟେଡ (ପିପିଏଲ୍) ଏହି ପ୍ରସ୍ତାବିତ ପ୍ରକଳ୍ପର ନେତୃତ୍ୱ ନେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ମିଳିବା ପରେ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି। ଗତ ଜୁଲାଇରେ ଟ୍ରମ୍ପ ଘୋଷଣା କରିଥିଲେ ଯେ, ଆମେରିକା ଓ ପାକିସ୍ତାନ ମିଳିତ ଭାବେ ତୈଳ ଭଣ୍ଡାରର ବିକାଶ କରିବେ। ଯଦି ଏଥିରେ ତୈଳ ମିଳେ ଭାରତ ମଧ୍ୟ ପାକିସ୍ତାନଠୁ କ୍ରୟ କରିବ ବୋଲି ଟ୍ରମ୍ପ କହିଥିଲେ। ଏହି କୃତ୍ରିମ ଦ୍ୱୀପ ସାହାଯ୍ୟରେ ପାକିସ୍ତାନ ୨୫ଟି ତୈଳକୂପ ଖୋଳିବାକୁ ଯୋଜନା ରଖିଛି। ସିନ୍ଧ ରାଜ୍ୟ ଉପକୂଳରୁ ୩୦କିମି ଦୂରରେ ଥିବା ସୂଜାବଲ ଅଞ୍ଚଳରେ ଏହି ଦ୍ୱୀପ ସୃଷ୍ଟି କରାଯିବ। ସୂଜାବଲ କରାଚୀଠାରୁ ପାଖାପାଖି ୧୩୦ କିମି ଦୂରରେ ଅବସ୍ଥିତ। ସୂଚନା ଯୋଗ୍ୟ ଯେ, ପାକିସ୍ତାନ ଆଶୋଧିତ ତୈଳ କ୍ରୟ କରିବାରେ ୫୦ତମ ସ୍ଥାନରେ ରହିଛି। ପାକିସ୍ତାନ ୮୦ ପ୍ରତିଶତରୁ ଅଧିକ ଆଶୋଧିତ ତୈଳ କ୍ରୟ କରୁଛି।

## ବିସ୍ଫୋରଣ ଷଡ଼ଯନ୍ତ୍ରକାରୀ ସମେତ ୫ ଗିରଫ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତ କରୁଥିବା ଏନ୍‌ଆଇଏ ୫ ଜଣ ପ୍ରମୁଖ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ଏନଆଇଏ ୭ ଜଣଙ୍କୁ ଗିରଫ କଲାଣି। ଗିରଫ ଅଭିଯୁକ୍ତ ଅନନ୍ତନାଗ କାଜିଗୁଣ୍ଡର ବାସିନ୍ଦା ତଥା ସକ୍ରିୟ ଷଡ଼ଯନ୍ତ୍ରକାରୀ ଜସିର ବିଲାଲ ୱାନୀ ଓରଫ ଦାନିଶ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପୁଲୱାମାର ଡ. ମୁଜାମିଲ ସକିଲ ଗନି, ଅନନ୍ତନାଗର ଡ. ଅଦିଲ ଅହମ୍ମଦ ରାଥର, ସୋପିଆନର ମୁଫ୍‌ତି ଇର୍ଫାନ ଅହମ୍ମଦ ଏବଂ ଲକ୍ଷ୍ନୌର ଡ. ସାହିନ ସୈୟିଦ ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ। ଏହି ଚାରି ଜଣଙ୍କୁ ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଛି। କୋର୍ଟ ଆଜି ଏହି ଚାରି ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ଏନ୍‌ଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ପୂର୍ବରୁ ଏହି ଅଭିଯୁକ୍ତ ଜମ୍ମୁ-କଶ୍ମୀର ସହିତ ଅନ୍ୟ ରାଜ୍ୟର ପୁଲିସ ହେପାଜତରେ ଥିଲେ। ଏନଆଇଏର ସୂଚନା ଅନୁଯାୟୀ, ଜସିର ଆତ୍ମଘାତୀ ଉମର ଉନ ନବିର ଘନିଷ୍ଠ ସହଯୋଗୀ ଥିଲା। ସେ ଡ୍ରୋନ ଏବଂ ରକେଟ ମାଧ୍ୟମରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯାନ୍ତ୍ରିକ ସହାୟତା ଦେଇଥିଲା। ରକେଟ ନିର୍ମାଣରେ ମଧ୍ୟ ସହାୟତା କରିଥିଲା। ଦିଲ୍ଲୀ ବିସ୍ଫୋରଣ ପାଇଁ ସେ ଆତ୍ମଘାତୀ ବୋମା ଉମର ନବି ସହ ମିଶି କାମ କରିଥିଲା। ସେହିପରି ଅନ୍ୟ ଚାରି ଜଣ ଡାକ୍ତର ଏହି ବିସ୍ଫୋରଣେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କୁହାଯାଇଛି।

### ■ ଅଲ-ଫଲାହରୁ ପାସ୍ ହୋଇଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ନେଲା ଏଜେନ୍ସି
### ■ ବିଦେଶ ଯିବାକୁ ବାହାରି ଥିଲେ ଅଲ-ଫଲାହ ଅଧ୍ୟକ୍ଷ ସିଦ୍ଦିକୀ

ଅନ୍ୟପକ୍ଷରେ ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟିରୁ ପରିଚାଳିତ ଆତଙ୍କବାଦୀ କାର୍ଯ୍ୟରେ ସାମିଲ ଡାକ୍ତର ଗୁପ୍ତ ଭାବେ ସେମାନଙ୍କ କାମ ଜାରି ରଖିଥିଲେ। ଆତଙ୍କବାଦୀ ନେଟୱାର୍କ ପ୍ରସ୍ତୁତ କରିବା ପାଇଁ ଡ.ମୁଜାମିଲ ସକିଲକୁ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ନୂଆ ନିଯୁକ୍ତି ପରେ ଡ. ସାଇନ ସୈୟିଦ ଏବଂ ଡ. ଉମର ନବି ସେମାନଙ୍କୁ ଆର୍ଥିକ ସହାୟତା ଦେଇ ବ୍ରେନୱାସ କରାଉଥିଲା। ଏହି ନେଟୱର୍କରେ ସାମିଲ ଥିବା କର୍ମଚାରୀଙ୍କ ପରିବାର ସଦସ୍ୟ ଏହି ସୂଚନା ଦେଉଛନ୍ତି। ଏଠାରେ ମୁଜାମିଲ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ ବି ପରଦା ପଛରେ ରହି ଆତଙ୍କବାଦୀ ସୃଷ୍ଟି କରୁଥିଲା। ଏହି ୟୁନିଭର୍ସିଟିରୁ ପାସ୍ କରି ବିଭିନ୍ନ ସ୍ଥାନରେ ଚାକିରି କରୁଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ସଂଗ୍ରହ କରିଛି ଏନ୍‌ଆଇଏ। ଏମାନେ ଆତଙ୍କବାଦୀଙ୍କୁ ସହାୟତା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା କୁହାଯାଉଛି। କିଛି ବ୍ୟକ୍ତି ବଂଲାଦେଶ ଏବଂ ଆଫଗାନିସ୍ତାନ ଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି। ଏବେ ସେମାନଙ୍କୁ ଧରିବା ପାଇଁ ଏନଆଇଏ ପ୍ରୟାସ ଆରମ୍ଭ କରିଛି।

ଦିଲ୍ଲୀ ବିସ୍ଫୋରଣ ମାମଲାକୁ ନେଇ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଯାଞ୍ଚ ଏଜେନ୍ସିର ରାଡାରରେ ରହିଛି। ଆତଙ୍କବାଦୀଙ୍କ ଶିକ୍ଷାକେନ୍ଦ୍ର ପାଲଟି ଥିବା ଏହି ବିଶ୍ୱବିଦ୍ୟାଳୟର ଅନେକ ଗୁମର ଖୋଲିବାରେ ଲାଗିଛି। ଏହାର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକିଙ୍କୁ ଗିରଫ କରି ଇଡି ରିମାଣ୍ଡକୁ ନେଇଛି। ତେବେ ସେ ବିଦେଶ ପଳାଇବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି।

## କଶ୍ମୀର ଟାଇମ୍ସରେ ଏସ୍‌ଆଇଏ ଚଢ଼ଉ

ଶ୍ରୀନଗର, ୨୦।୧୧(ଏଜେନ୍ସି) ଜମ୍ମୁ-କଶ୍ମୀର ପୁଲିସର ଷ୍ଟେଟ୍ ଇନଭେଷ୍ଟିଗେସନ ଏଜେନ୍ସି (ଏସଆଇଏ) ଗୁରୁବାର 'କଶ୍ମୀର ଟାଇମ୍ସ' ଖବରକାଗଜ ଅଫିସରେ ଚଢ଼ଉ କରିଛି। ଏଠାରୁ ଏକେ-୪୭ ରାଇଫଲର କ୍ୟାଟ୍ରିଜ, ପିସ୍ତଲ ରାଉଣ୍ଡ ଏବଂ ହ୍ୟାଣ୍ଡ ଗ୍ରେନେଡ଼ ଜବତ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ପ୍ରକାଶନ ସଂସ୍ଥା ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ବୋଲି ପୁଲିସ ଅଧିକାରୀ କହିଛନ୍ତି। ତେବେ କଶ୍ମୀର ଟାଇମସ ପକ୍ଷରୁ ଏହାର ଖଣ୍ଡନ କରାଯାଇଛି। ଏହି ସମ୍ବାଦପତ୍ରର ସମ୍ପାଦକଙ୍କ ପକ୍ଷରୁ କୁହାଯାଇଛି ଯେ ବିଭିନ୍ନ ସମୟରେ ଏହାକୁ ହଇରାଣ କରାଯାଉଛି। ଯେଉଁଥିପାଇଁ ୨୦୨୨ରୁ ଏହି ସମ୍ବାଦପତ୍ରର ମୁଦ୍ରିତ ପ୍ରକାଶନ ବନ୍ଦ ରହିଛି। ତେବେ ଡିଜିଟାଲ ପ୍ରକାଶନ ଜାରି ରହିଛି। କାହାରି ନାଲି ଆଖି ଆଗରେ ସମ୍ବାଦପତ୍ରର ସ୍ୱର ଦବିଯିବ ନାହିଁ।

## ବିବାଦରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା

ବ୍ୟାଙ୍କକ୍, ୨୦।୧୧ (ଏଜେନ୍ସି): ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତା (୨୦୨୫)କୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ଗ୍ରାଣ୍ଡ ଫିନାଲେର ଦିନକ ପୂର୍ବରୁ ବ୍ରହ୍ମାଣ୍ଡ ସୁନ୍ଦରୀ ଚୟନ କମିଟିର ଅଧ୍ୟକ୍ଷ ଏବଂ ଇଟାଲୀ ରାଜକୁମାରୀ କ୍ୟାମିଲା ଡି ବୋରବୋନ ବିଚାରକମଣ୍ଡଳୀରୁ ଇସ୍ତଫା ଦେଇଛନ୍ତି। ତୃତୀୟ ବିଚାରପତି ଭାବେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ ସଙ୍ଗୀତକାର ଓମାର ହାରଫୁସ ଏବଂ ଫ୍ରାନ୍ସର ପୂର୍ବତନ ଫୁଟବଲର କ୍ଲାଉଡ ମାକଲେଲେ ଏହି ଜୁରିରୁ ବାହାରି ଯାଇଥିଲେ। ଏହି ଚୟନ କମିଟି ମୋଟ ୮ ସଦସ୍ୟ ଥାଆନ୍ତି। ୩ ବିଚାରକ ଛାଡିବା ପରେ ସଂଗଠନ ନତାଲୀ ଗ୍ଲୋବୋଭାଙ୍କୁ ସାମିଲ କରିଥିଲା। ଏବେ ବିଚାରକ ମଣ୍ଡଳୀରେ ମୋଟ ୬ ସଦସ୍ୟ ଅଛନ୍ତି। ଶୁକ୍ରବାର ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଓମାର ଅଭିଯୋଗ ଲଗାଇ ଥିଲେ ଯେ ବିଚାରକ କମିଟି ପ୍ରସ୍ତୁତ ହେବା ପୂର୍ବରୁ ଆୟୋଜନକାରୀ ପ୍ରମୁଖ ୩୦ ପ୍ରତିଯୋଗୀଙ୍କୁ ଅଣ-ଆନୁଷ୍ଠାନିକ ଭାବେ ଚୟନ କରି ରଖିଥିଲା। ଆୟୋଜକଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖିଥିବା ପ୍ରତିଯୋଗୀଙ୍କୁ ବଛା ଯାଇଥିଲା। ଏହା ପରେ ବିଚାରପତିମାନେ ଇସ୍ତଫା ଦେବାରେ ଲାଗିଥିଲେ।

## ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ



ସିମାରା, ୨୦।୧୧(ଏଜେନ୍ସି): ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ ମୁଣ୍ଡ ଟେକିଛି। ମଧେଶ ରାଜ୍ୟର ବାଡ଼ାରେ ବୁଧବାର ଜେନ୍ ବିକ୍ଷୋଭକାରୀ ଓ ଶାସକ ସିପିଏନ୍-ୟୁଏମ୍‌ଏଲ୍‌ର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ ବାହରକୁ ଯିବା ପରେ ଅପରାହ୍ଣ ୧୨.୩୦ରୁ ରାତି ୮ ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ କରାଯାଇଥିଲା। ଫଳରେ ସିମରା ବିମାନ ବନ୍ଦରର କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରହିଥିଲା। ୟୁଏମ୍‌ଏଲ୍‌ର ଶୀର୍ଷ ନେତା ଶଙ୍କର ପୋଖରେଲ ଓ ମହେଶ ବେସ୍ନେତ ବୁଧବାର ପାର୍ଟିର 'ଯୁବି ଜାଗରଣ ଅଭିଯାନ' କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସିମରା ଆସିବାର ଥିଲା। କିନ୍ତୁ ଏହାକୁ ଜେନ୍-ଜେଡ୍ ବିରୋଧ କରିବାକୁ ଅପିଲ କରିଥିଲେ। ଏହାପରେ ସକାଳେ ଶହେରୁ ଦେଢ଼ଶହ ସିମରା ଛକରେ ଏକାଠି ହୋଇଥିଲେ ଓ ପାର୍ଟି କାର୍ଯ୍ୟକର୍ତ୍ତା ସହ ସେମାନଙ୍କର ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ପଥର ଫୋପଡ଼ା ଫୋପଡ଼ି ହେବା ସହ ମାଡପିଟ୍ ମଧ୍ୟ ହୋଇଥିଲା। ଫଳରେ ବିମାନ ବନ୍ଦରର ମୁଖ୍ୟ ଦ୍ୱାର କ୍ଷତିଗ୍ରସ୍ତ ହୋଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବାକୁ ଲାଠିଚାର୍ଜ କରିଥିଲା। ଏବେ ଦୁଇ କକ୍ଷ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ୟୁଏମ୍‌ଏଲ କାର୍ଯ୍ୟକର୍ତ୍ତା ବିରୋଧରେ ଜେନ୍-ଜେଡ୍ ଯୁବକମାନେ ପୁଲିସ ଥାନାରେ ଅଭିଯୋଗ କରିଛନ୍ତି।

## କର୍ଣ୍ଣାଟକ, ମହାରାଷ୍ଟ୍ର ରାଜନୀତିରେ ହଲଚଲ: ଶିବକୁମାର, ସିନ୍ଦେଙ୍କ ଉପରେ ନଜର

ବେଙ୍ଗାଲୁରୁ/ମୁମ୍ବଇ, ୨୦।୧୧ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ପଦ ପାଇଁ ଧାର୍ଯ୍ୟ ଅଢ଼େଇ ବର୍ଷର କଣ୍ଟ ସରିବା ପୂର୍ବରୁ ପୁଣି କର୍ଣ୍ଣାଟକ କଂଗ୍ରେସରେ କଳି ଆରମ୍ଭ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଗୋଷ୍ଠୀର ବିଧାୟକମାନେ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ତାଙ୍କର କିଛି ସମର୍ଥକ ନୂଆଦିଲ୍ଲୀରେ ମଧ୍ୟ ପହଞ୍ଚି ଯାଇଛନ୍ତି। ଏଠାରେ ସେ କଂଗ୍ରେସ ନେତୃତ୍ୱଙ୍କୁ ଭେଟି ଶିବକୁମାରଙ୍କ ପାଇଁ ଲବି କରିବେ ବୋଲି କୁହାଯାଉଛି। ଡିକେ ଶିବକୁମାର ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବା ନେଇ କହିବାର କିଛି ଘଣ୍ଟା ପରେ ଏଭଳି ହୋଇଛି। ସେ ଖୁବଶୀଘ୍ର ଅଧ୍ୟକ୍ଷ ପଦ ଛାଡିବେ ବୋଲି କହିଥିଲେ। ସେ କହିଥିଲେ ଯେ ଏହି ପଦରେ ସବୁବେଳେ ରହିବେ ନାହିଁ। ଏବେ ଅନ୍ୟ ନେତାଙ୍କୁ ବି ସୁଯୋଗ ମିଳିବା ଉଚିତ। ତେବେ ନେତୃତ୍ୱରେ ନ ରହିଲେ ମଧ୍ୟ ସମ୍ମୁଖରେ ରହିବି। ଶିବକୁମାରଙ୍କ ଏହି ବୟାନ ମୁଖ୍ୟମନ୍ତ୍ରୀଙ୍କ ସହ ଚାଲିଥିବା ତାଙ୍କ ଟଣାଓଟରା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଆଜି ରାଜ୍ୟରେ କଂଗ୍ରେସ ସରକାରକୁ ଅଢେଇ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ମ୍ୟୁମନ୍ତ୍ରୀ ବଦଳାଇବା ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି।

ମହାରାଷ୍ଟ୍ରରେ ମଧ୍ୟ ଶାସକ ମେଣ୍ଟରେ କଳି ଆରମ୍ଭ ହୋଇଗଲାଣି। ରାଜ୍ୟରେ ବିଜେପିର ଅନ୍ୟତମ ପ୍ରମୁଖ ଅଂଶୀଦାର ଶିବସେନାର ମନ୍ତ୍ରୀ ଓ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭୀଷଣ କ୍ଷୁବ୍ଧ ଥିବା ଜଣାପଡ଼ିଛି। କ୍ୟାବନେଟ ବୈଠକରେ ଶିବସେନା ମନ୍ତ୍ରୀମାନେ ଯୋଗ ଦେଉ ନାହାନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ସେମାନେ ମନ୍ତ୍ରୀ ଥିଲେ ମଧ୍ୟ ସେମାନଙ୍କ ହାତରେ କ୍ଷମତା ନାହିଁ। ଅଫିସରମାନେ ସେମାନଙ୍କ କଥା ଶୁଣୁ ନାହାନ୍ତି। ଏଭଳି ଅଭିଯୋଗ ନେଇ ଶିବ ସେନା ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଦୁଇ ଦିନ ତଳେ ଦିଲ୍ଲୀ ଯାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି। ରାଜ୍ୟ ସରକାରରେ ସେମାନଙ୍କୁ ଏକପ୍ରକାର ଏକଘରିକିଆ କରିଦିଆଯାଇଛି। ସେ ଅଭିଯୋଗ କରିଛନ୍ତି ଯେ ଆଉ କିଛି ଦିନ ପରେ ରାଜ୍ୟରେ ପୌର ନିର୍ବାଚନ ହେବାକୁ ଯାଉଛି। ଏହାପୂର୍ବରୁ ଶିବ ସେନାର ନେତାମାନଙ୍କୁ ନିଜ ଆଡ଼କୁ ନେବା ଲାଗି ସ୍ଥାନୀୟ ବିଜେପି ନେତାମାନେ ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଜଣାଇଲେ ମଧ୍ୟ ସେ ଶୁଣୁ ନାହାନ୍ତି।

## ଶପଥ ନେଲେ ଜୟ ଢୋଲକିଆ



ଭୁବନେଶ୍ୱର,୨୦।୧୧(ସମିସ): ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ଆଜି ବିଧାନସଭାରେ ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସଦ୍ୟସମାପ୍ତ ନୂଆପଡ଼ା ଉପନିର୍ବାଚନରେ ଶ୍ରୀ ଢୋଲକିଆ ୮୩ ହଜାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଥିଲେ।

■ ଦେବ ଦୀପାବଳି ଉତ୍ସବ

## କୌଶଲ୍ୟା, ଦଶରଥଙ୍କୁ ଦୀପଦାନ

ପୁରୀ, ୨୦।୧୧(ସମିସ): ମାର୍ଗଶିର ଅମାବାସ୍ୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପିତୃପୁରୁଷ ଦଶରଥ ଓ କୌଶଲ୍ୟାଙ୍କୁ ଦୀପଦାନ କରିଛନ୍ତି। ଗୁରୁବାର ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ନୀତି ଭଳି ସମାନ ନୀତି କରାଯାଇଥିଲା। ଠାକୁର ଶ୍ରାଦ୍ଧ ବେଶରେ ବିଭୂଷିତ ହୋଇଥିଲେ। ଅପରପକ୍ଷେ, ମନ୍ଦିରରେ ଦୀପ ଲଗାଯାଇଥିଲା। ଶ୍ରୀମନ୍ଦିରରେ ତିନିଦିନ ଧରି ପାଳିତ ହେଉଥିବା ଦେବଦୀପାବଳି ଉତ୍ସବର ସୋମବାର ଶେଷ ଦିବସ। ଏହି ଶୁକ୍ଳ ପ୍ରତିପଦା ତିଥିରେ ଠାକୁର ବାସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିବେ।



ଲକ୍ଷେ ଦୀପରେ ଝଲସୁଛି ବଡ଼ଦାଣ୍ଡ

## ବାପା ଦଶାହରେ ଚାଲିଗଲା ପୁଅର ଜୀବନ

ଆସିକା, ୨୦।୧୧(ସମିସ): 'ଦୁଃଖ' ସାଙ୍ଗସାଥୀ, ଭାଇ-ବନ୍ଧୁ-କୁଟୁମ୍ବକୁ ସାଙ୍ଗରେ ଆଣି ଆସେ। ବାପା ମୃତ୍ୟୁକୁ ଦିନ ୧୦ଟା ନବିତୁଣୁ ପୁଅର ଜୀବନ ଚାଲିଯାଇଛି। ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ଅତରଙ୍ଗ ଗ୍ରାମର ଉଦୟ ଗୌଡ଼ (୭୦)ଙ୍କ ପରିବାର ଉପରେ ଏବେ ଏମିତି ଦୁଃଖର ପାହାଡ଼ ଅଜାଡ଼ି ହୋଇପଡ଼ିଛି।

ସୂଚନାନୁଯାୟୀ, ଗତ ୧୧ ତାରିଖରେ ଉଦୟଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ତାଙ୍କର ଦଶାହ କର୍ମ ଥିଲା। ଏଥିପାଇଁ ପୁଅ ରାଜେନ୍ଦ୍ର ଗୌଡ଼ ସବୁ ଯୋଗାଡ଼ଯନ୍ତ୍ର ସାରିଥିଲେ। କିନ୍ତୁ ଆଜି ହଠାତ୍ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆସିକା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପଦାକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରାଜେନ୍ଦ୍ରଙ୍କ ଶବ ପହଞ୍ଚିବା ପରେ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ରାଜେନ୍ଦ୍ର ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ବାପାଙ୍କ ଅନ୍ତେ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ବାପାଙ୍କୁ ଝୁରିଝୁରି ତାଙ୍କ ଜୀବନ ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷେ, ରାଜେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ପୂରା ପରିବାର ବେସାହାରା ହୋଇଯାଇଛି। ଉଦୟଙ୍କ ଦଶାହ ଓ ରାଜେନ୍ଦ୍ରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କେମିତି ସଂପନ୍ନ ହେବ, ତାକୁ ନେଇ ପରିବାରଲୋକ, ବନ୍ଧୁବାନ୍ଧବ ଚିନ୍ତାରେ ପଡ଼ିଛନ୍ତି। ତେଣୁ, ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ପୁରୀ, ୨୦।୧୧ (ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ଗୁରୁବାର ମାର୍ଗଶିର ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଚଳନ୍ତା ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ

### ଅଳ୍ପକେ ବର୍ତ୍ତିଗଲେ ୨୫ ଯାତ୍ରୀ

ସେମିଳିଗୁଡ଼ା, ୨୦।୧୧ (ସମିସ): ଚଳନ୍ତା ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ। କିନ୍ତୁ, ନିଜର ଜୀବନ ଯିବା ପୂର୍ବରୁ ୨୫ଟି ଅମୂଲ୍ୟ ଜୀବନ ବଞ୍ଚାଇଦେଲେ। ଠିକ୍ ସମୟରେ ବ୍ରେକ୍ ମାରି ବସ୍ ଅଟକାଇ ଦେବାରୁ ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍‌ର କୁନ୍ଦିଲି ନିକଟରେ ଆଜି ସକାଳେ ଏହି ଘଟଣା ଘଟିଛି। ମୃତ ବସ୍‌ଚାଳକ ହେଲେ, ପରୁଲ୍ଲି ସାଇକୃଷ୍ଣ କୁମାର।





ସୂଚନାନୁଯାୟୀ, ବିଜୟନଗରମ୍‌ରୁ ୨୫ ଯାତ୍ରୀଙ୍କୁ ଧରି ଓଏସ୍‌ଆରଟିସିର ଏକ ବସ୍ ବୁଧବାର ରାତିରେ ମାଲକାନଗିରି ଯାଉଥିଲା। କୁନ୍ଦିଲି ନିକଟ ଚାଳକ ସାଇକୃଷ୍ଣଙ୍କୁ ହୃଦ୍‌ଘାତ ହୋଇଥିଲା। ସେ ତୁରନ୍ତ ବ୍ରେକ୍ ମାରି ବସ୍‌କୁ ରାସ୍ତାକଡ଼ରେ ଅଟକାଇଦେବା ସହ ଷ୍ଟିୟରିଂ ଉପରେ ମୁହଁ ମାଡ଼ି ପଡ଼ି ଯାଇଥିଲେ। ଏହି ସମୟରେ ବସ୍‌ରେ ଥିବା ଅନ୍ୟ ଚାଳକଜଣଙ୍କ ତାଙ୍କୁ ରେଷ୍ଟ ସିଟ୍‌ରେ ଶୁଆଇ ଗାଡ଼ିକୁ ଆଗକୁ ବଢ଼ାଇଥିଲେ। ସୁନାବେଡ଼ା ପରେ ଡୁମୁରିପୁଟଠାରେ ପୁଣଥରେ ସାଇକୃଷ୍ଣଙ୍କ ହୃଦ୍‌ଘାତ ହୋଇଥିଲା। କୋରାପୁଟ ବସ୍‌ଷ୍ଟାଣ୍ଡରୁ ଏକ ଅଟୋରେ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ଶବକୁ ମାଲକାନଗିରିସ୍ଥିତ ତାଙ୍କ ଘରକୁ ପଠାଇ ଦିଆଯାଇଛି।

■ ଆବାସିକ ବିଦ୍ୟାଳୟରେ ପୁଣି ଲଜ୍ଜା!

## +୨ ଛାତ୍ରୀ ଗର୍ଭବତୀ

ଖଇରପୁଟ, ୨୦।୧୧(ସମିସ): ମାଲକାନଗିରିରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଗୋବିନ୍ଦପଲ୍ଲୀ ଏସ୍‌ଏସ୍‌ଡି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଥିବା ଜଣେ +୨ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଏହି ଖବର ପଦାକୁ ଆସିବା ପରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାନୁଯାୟୀ, ଗତ ଦଶହରା ଛୁଟିରେ ଛାତ୍ରୀଜଣଙ୍କ ଘରକୁ ଯାଇଥିଲେ। ଫେରିବା ପରେ ବିଦ୍ୟାଳୟର ମାଟ୍ରନ୍ ଝିଅଟିର ମାସିକ ପରୀକ୍ଷା କରିଥିଲେ। ତାଙ୍କ ରିପୋର୍ଟ ପଜିଟିଭ୍ ଆସିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ମାଥିଲି ଥାନାରେ ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲ୍ଲାରେ ପୂର୍ବରୁ ମଧ୍ୟ ଏପରି ଚିତ୍ର ଦେଖିବାକୁ ମିଳିଛି। ସୂଚନାଥାଉକି, ଗତ ଦଶମ ଶ୍ରେଣୀ ପରୀକ୍ଷା ବେଳେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇ ସନ୍ତାନ ପ୍ରସବ କରିଥିଲେ। ଏପରି ଘଟଣା ଜିଲ୍ଲାରେ ବଢ଼ିବାରେ ଲାଗିଥିବା ବେଳେ ଏଥିପ୍ରତି ସରକାର ଓ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ଅପରେଶନ 'ଚକ୍ର'

## ୧୦ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ, ୩ ବନ୍ଧୁକ ଓ ୪ ଗୁଳି ଜବତ

ପୁରୀ, ୨୦।୧୧(ସମିସ): ପୁରୀ ପୁଲିସ୍ ପଞ୍ଝାରେ ୨ ଗ୍ୟାଙ୍ଗ୍‌ର ୧୦ଦୁର୍ଦ୍ଧାନ୍ତ ଅପରାଧୀ। ବଡ଼ଧରଣର ଅପରାଧ ଘଟାଇବା ପାଇଁ ବ୍ଲୁ-ପ୍ରିଣ୍ଟ ତିଆରି କରୁଥିବା ବେଳେ ଟାଉନ୍ ଥାନା ଓ ତାଳବଣିଆ ଥାନା ଏମାନଙ୍କୁ ପୃଥକ୍ ପୃଥକ୍ ଜାଗାରୁ ଧରିଛି। ଅଭିଯୁକ୍ତମାନେ ହେଲେ, ତଲୁଛ ସାହିର ଲୋକନାଥ ମିଶ୍ର, ବାସେଳିସାହି ଥାନା ମିଶ୍ର ସାହିର ସନ୍ତୋଷ କୁମାର ମିଶ୍ର, ସିଦ୍ଧମହାବୀର ବେହେରା ସାହିରେ ରହୁଥିବା ଛଇତନାର କାଳିଆ ପ୍ରଧାନ, ପୁରୀ ସଦର ଥାନା ଖଣ୍ଡିଆବନ୍ଧର ଦୁଃଶାସନ ସାହୁ, ସିପସରୁବାଲିରେ ରହୁଥିବା ଚନ୍ଦନପୁର ଗୋପୀନାଥପୁର ମାନସ କୁମାର ଭୋଇ। ତାଳବଣିଆ ଥାନା ପୁଲିସ ଭୂଦାନ ଜଙ୍ଗଲରୁ ଏମାନଙ୍କୁ ଗିରଫ କରିଛି। ସେହିପରି, ଟାଉନ୍ ଥାନା ପୁଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ, ବାଲିକୁଦ ରାମଚଣ୍ଡୀ ସାହିର ଶବି ନାୟକ, ବାପିନା ନାୟକ, ବାଲିସାହି ବଉଳମଠ ଗଳିର ସତ୍ୟପ୍ରିୟ ପ୍ରତିହାରୀ, ଘୋଡ଼ାବଜାର ଅଞ୍ଚଳରେ ରହୁଥିବା ଗଞ୍ଜାମ ସୁରେଖାଦେଇପୁରର ପ୍ରଫୁଲ୍ଲ ସ୍ୱାଇଁ ଏବଂ ପାରାନୋଳିଆ ସାହି ବାରବାଟୀ ଜାଗାର ସୁକାନ୍ତ ନାୟକ। ଏମାନଙ୍କୁ ପୁଲିସ ଲୋକନାଥ ରୋଡ୍ କୁସୁନୁ ଖୁଣ୍ଟିଆରୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ଟି ବନ୍ଧୁକ, ୪ଟି ଗୁଳି, ୩ଟି କଟୁରୀ, ଗୋଟିଏ ଲୁହାରଡ୍, ମୋବାଇଲ ଫୋନ ଏବଂ ୮୦୦ ଟଙ୍କା ଜବତ କରାଯାଇଛି। ଗୁରୁବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହତ୍ୟା, ଚୋରି, ଡକାୟତି, ଛିନ୍‌ତାଇ, ରାହାଜାନି ଆଦି ଅପରାଧରେ ସଂପୃକ୍ତ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ତତ୍ତ୍ୱାବଧାନରେ 'ଅପରେଶନ ଚକ୍ର' ଜାରି ରହିଛି। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ।

## ଶଙ୍ଖ ଭବନରେ ବିଜେଡିର ସାଂଗଠନିକ ବୈଠକ

■ ଭାଗନେଲେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତି

■ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର,୨୦।୧୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶଙ୍ଖ ଭବନରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ୟକ୍ଷ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତିମାନଙ୍କ ସହିତ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

ବୈଠକରେ ପ୍ରତ୍ୟେକ୍ଷ ଭାବରେ କନ୍ଧମାଳ ଜିଲ୍ଲାର ସାଂଗଠନିକ ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ବିଧାୟକ ଚନ୍ଦ୍ରମଣୀ କହଁର, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ ଓ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ଉପସ୍ଥିତିରେ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରାଯିବା ଉପରେ ଆଲୋଚନା କରାଯାଇଥିଲା।

ସେହିଭଳି ବୌଦ୍ଧ ଜିଲ୍ଲାର ସଭାପତି ମହିଧର ରଣା ଓ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହିତ ଶ୍ରୀ ମିଶ୍ର ପ୍ରତ୍ୟକ୍ଷ ଭାବରେ ଆଲୋଚନା କରିଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ଜିଲ୍ଲାର ସଭାପତି ଅନୁଗୁଳର ବ୍ରଜ



କିଶୋର ପ୍ରଧାନ, ବରଗଡ଼ର ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକର ଜଗନ୍ନାଥ ସ୍ୱାଇଁ, ବଲାଙ୍ଗିରର ସରୋଜ କୁମାର ମେହେର, କଟକର ପ୍ରଫୁଲ୍ଲ ସିଂ, ଦେବଗଡ଼ର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଢେଙ୍କାନାଳର କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଗଜପତିର ପ୍ରଦୀପ ନାୟକ, ଝାରସୁଗୁଡାର ହରିଶ ଗଣତ୍ରା, କଳାହାଣ୍ଡିର ପ୍ରଦୀପ କୁମାର ଦିଶାରୀ, କେନ୍ଦ୍ରାପଡ଼ାର ଶିବ ପ୍ରସାଦ ଭୋଇ, କେନ୍ଦୁଝରର ଆଶିଷ ଚକ୍ରବର୍ତ୍ତୀ, କୋରାପୁଟର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବିଡିକା ଓ ଦୁର୍ଗା ମିଶ୍ର, ମାଲକାନଗିରିର ମାନସ ମାଡକାମୀ, ମୟୂରଭଞ୍ଜ-୧ର ସୁଦାମ ମାରାଣ୍ଡି, ମୟୂରଭଞ୍ଜ-୨ର ଦେବାଶିଷ ମାରାଣ୍ଡି, ନବରଙ୍ଗପୁରର ମନୋହର ରନ୍ଧାରୀ, ନୟାଗ?ର ରମେଶ ବେହେରା, ନୂଆପଡାର ଅବନୀ ରଞ୍ଜନ ଯୋଶୀ, ରାଉରକେଲାର ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ବଲପୁରର ରୋହିତ ପୂଜାରୀ, ସୁବର୍ଣ୍ଣପୁରର ସରୋଜ କୁମାର କର୍ମ, ସୁନ୍ଦରଗଡର ଯୋଗେଶ ସିଂ, ରାୟଗଡାର ଜଗନ୍ନାଥ ସାରକାଙ୍କ ସହ ସାଙ୍ଗଠନିକ ବିଷୟରେ ଆଲୋଚନା କରାଯିବା ସହିତ ବାକି ଥିବା ଜିଲ୍ଲା କମିଟି ଓ ବିଏଲ୍‌ଓଙ୍କ ନାମ ଦଳର ମୁଖ୍ୟାଳୟ (ଶଙ୍ଖ ଭବନ)ରେ ତୁରନ୍ତ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତ୍ୟେକ୍ଷ ଭାବରେ ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କ ସହ ଦଳର ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ ଓ ବିଜୟ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ

## ଦୁର୍ଘଟଣାରେ ଚାଲିଗଲା ଅଜାଙ୍କ ଜୀବନ

ଆନନ୍ଦପୁର, ୨୦।୧୧ (ସମିସ): ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ। ବାଟ ମଝିରେ ଟ୍ରକ୍ ଧକ୍କାରେ ଚାଲିଗଲା ଅଜାଙ୍କ ଜୀବନ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥର କୋଳିମାଟି ଛକ ନିକଟରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ମୟୂରଭଞ୍ଜ ଜଲ୍ଲା କରଞ୍ଜିଆ ଥାନା ଖାଲୁର୍ ଗାଁୟର ଶରତ ଚନ୍ଦ୍ର ନାୟକ। ଏହି ଦୁର୍ଘଟଣାରେ ଶରତଙ୍କ ପତ୍ନୀ ମମତା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ନାତୁଣୀର ଜନ୍ମଦିନ ପାଳନ ପାଇଁ ଶରତ ଓ ମମତା ଏକ ବାଇକ୍‌ରେ ଯାଜପୁରରୋଡ୍‌ସ୍ଥିତ ନିଜ ଝିଅ ଘରକୁ ଯାଉଥିଲେ। କୋଳିମାଟି ଛକ ନିକଟରେ ଶରତ ଏକ ବସ୍‌କୁ ଓଭଟେକ୍ କରୁଥିବା ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଷିପୁରା ପୁଲିସ୍ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ସେଠାରେ ଶତରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକ ରଖି ତଦନ୍ତ ଚଳାଇଛି ପୁଲିସ୍।

### ମାଟ୍ରିକ୍ ପରୀକ୍ଷାକୁ ଆଉ ୨ ମାସ

## ଇଂରାଜୀ ବହିରେ ହାତ ମାରିନାହାନ୍ତି ସାର୍

### ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କଲେ ଛାତ୍ରଛାତ୍ରୀ

ଉଦଳା, ୨୦।୧୧ (ସମିସ): ୨ ମାସ ପରେ ବୋର୍ଡ ପରୀକ୍ଷା। କିନ୍ତୁ ଏଯାଏ ଇଂରାଜୀ ବହିରେ ହାତ ମରା ହୋଇନି। ଅଭିଯୋଗ କରି କରି ଥକିଯିବା ପରେ ଶିକ୍ଷକ ଶୁଣୁନାହାନ୍ତି। ଏପରି ଅଭିଯୋଗ ନେଇ ଆଜି ୨୪ ଜଣ ଛାତ୍ରଛାତ୍ରୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ବଡ଼ଖମଣ ସରକାରୀ ହାଇସ୍କୁଲର ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପଢ଼ାଉ ନାହାନ୍ତି। ଏନେଇ ଛାତ୍ରଛାତ୍ରୀମାନେ ବାରମ୍ବାର ଗୁହାରି କରିବା ପରେ ମଧ୍ୟ ସେ ଶୁଣୁନାହାନ୍ତି। ଫଳରେ ନିଜ ଭବିଷ୍ୟତକୁ ନେଇ ଛାତ୍ରଛାତ୍ରୀମାନେ ଆଶଙ୍କାରେ ପଡ଼ିଛନ୍ତି। ଏହାର ପ୍ରତିବଦରେ ଆଜି



ସକାଳେ ସ୍କୁଲର ୨୪ଜଣ ଛାତ୍ରଛାତ୍ରୀ ବସ୍‌ରେ ଉଦଳାରେ ପହଞ୍ଚି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଇଂରାଜୀ ପଢ଼ା ହେଉନଥିବା କହିଛନ୍ତି। ଉପଜିଲ୍ଲାପାଳଙ୍କୁ ଭେଟି ନିଜର ଗୁହାରି ଜଣାଇବା ସହିତ ଇଂରାଜୀ ବିଷୟ ପଢ଼ାଇବା ଅନୁରୋଧ କରିଛନ୍ତି ଛାତ୍ରଛାତ୍ରୀ। ସେପଟେ, ଏଭଳି ସାଙ୍ଘାତିକ ଅଭିଯୋଗ ଆସିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଡକାଇ ତାଗିଦ୍ କରିଛନ୍ତି। ଇଂରାଜୀ କ୍ଲାସ କରିବାକୁ ତାଗିଦ କରିଛନ୍ତି। ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ଏହି ଘଟଣାର ତଦନ୍ତ କରାଯିବା ସହ କ୍ଲାସ୍ ନକରି ଶିକ୍ଷାରେ ବାଧା ସୃଷ୍ଟି କରିଥିଲେ, ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଜୋର୍ ଧରିଲା ବହଳଦା ବିଡିଓଙ୍କ ଦାବି

## ବ୍ଲକ୍ ଅଫିସ୍‌ରେ ତାଲା ପକାଇ ସରପଞ୍ଚଙ୍କ ସମୂହ ଧାରଣା

### ବିନା ପିସିରେ ବିଲ୍ ପାସ କରୁ ନ ଥିବା ଅଭିଯୋଗ

ବହଳଦା, ୨୦।୧୧ (ସମିସ): ଅଭିଯୋଗ, ଚେତାବନୀ ପରେ ମଧ୍ୟ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବ୍ଲକ୍ ଅଫିସ୍ ଆଗରେ ତାଲା ପକାଇ ସମୂହ ଧାରଣାରେ ବସିଲେ ୧୧ ପଞ୍ଚାୟତର ସରପଞ୍ଚ। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍‌ରେ ଆଜି ଏପରି ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି।

ମନରେଗା ଯୋଜନାଠାରୁ ଆରମ୍ଭ କରି ବହଳଦା ବ୍ଲକ୍‌ରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିଡିଓ ଶରତ କୁମାର ମଲ୍ଲିକ ଆଖିବୁଜା ପିସି ଆଦାୟ କରୁଛନ୍ତି ବୋଲି ଗତ ୧୭ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚମାନେ ଅଭିଯୋଗ କରିଥିଲେ। ତେଣୁ, ସଂପୃକ୍ତ ବିଡିଓଙ୍କୁ ତୁରନ୍ତ ବଦଳି କରିବାକୁ ପ୍ରଶାସନକୁ ଚେତାବନୀ ଦେଇଥିଲ। କିନ୍ତୁ, ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଏହାର ପ୍ରତିବାଦରେ ଆଜି ସରପଞ୍ଚମାନେ ଏକାଠି ହୋଇ ବ୍ଲକ୍ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଏହାସହ ବ୍ଲକ୍ ଅଫିସ୍‌ରେ ମଧ୍ୟ ତାଲା ପକାଇ ଦେଇଛନ୍ତି।

ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ସରପଞ୍ଚଙ୍କୁ ବୁଝାସୁଝା କରି ଧାରଣାରୁ ଓହରିବାକୁ ନିବେଦନ କରିଥିଲେ। ଏ ସଂପର୍କରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସହ ଆସନ୍ତା ୨୪ ତାରିଖରେ ଆଲୋଚନା କରିବେ ବୋଲି ମଧ୍ୟ ପ୍ରସ୍ତାବ ଦେଇଥିଲେ। ହେଲେ ଏହି ପ୍ରସ୍ତାବରେ ସରପଞ୍ଚମାନେ ରାଜି ହୋଇ ନଥିଲେ। ବିଡିଓଙ୍କ ବଦଳି ନ ହେବା



ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସରପଞ୍ଚମାନେ ଅଡ଼ି ବସିଥିଲେ। ଅପରପକ୍ଷେ, ଏହି ଆନ୍ଦୋଳନ ଯୋଗୁଁ ବ୍ଲକ୍ ଅଫିସ୍‌ର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। ବ୍ଲକକୁ ବିଭିନ୍ନ କାମରେ ଆସୁଥିବା ଲୋକେ ନିରାଶରେ ଫେରିଛନ୍ତି।

ଏହି ଧାରଣାରେ ଗମ୍ଭାରିଆ ସରପଞ୍ଚ ବୈଦେହୀ ହାଁସଦା, ଗିଦିଘାଟୀ ସରପଞ୍ଚ ସାଲାଇ ବେଶ୍ରା, କାଙ୍କି ସରପଞ୍ଚ ସାରଥୀ ହାଁସଦା, ଶଶ ସରପଞ୍ଚ ସ୍ଥଳପଦ୍ମ ହାଁସଦା, ବଡପଳସା ସରପଞ୍ଚ ଗୀତାରାଣୀ ହେମ୍ବ୍ରମ, ଭିତରାମଦା ସରପଞ୍ଚ ଖାତ୍ରୀ କିସ୍କୁ, ବହଳଦା ସରପଞ୍ଚ ଲକ୍ଷ୍ମଣ ହାଁସଦା, ଅଁଳାଯୋଡି ସରପଞ୍ଚ ସଲମା ମାଝୀ, ଅସନା ସରପଞ୍ଚ ବାଲେଶ୍ୱର ମୁର୍ମୁ, ଯଶିପୁର ସରପଞ୍ଚ କାଶୁ ମାଝୀ ଏବଂ ବାସିଙ୍ଗି ସରପଞ୍ଚ ମାହି ମୁର୍ମୁ ପ୍ରମୁଖ ଯୋଗ ଦେଇଛନ୍ତି। ତେବେ ଝରାଡିହି ସରପଞ୍ଚ ରଞ୍ଜିତା ନାଏକ ଏହି ଆନ୍ଦଳନରୁ ବିରତ ରହିଥିବା ଜଣାପଡ଼ିଛି। ଧାରଣାସ୍ଥଳରେ ତହସିଲଦାର ଶିବପ୍ରସାଦ ମୁର୍ମୁ ଓ ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନଙ୍କ ସହ ପୁଲିସ ବଳ ଉପସ୍ଥିତ ଥିଲେ।

ଏ ସଂପର୍କରେ ବିଡିଓ ଶ୍ରୀ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ସେ ପିସି କାରବାରକୁ ଖଣ୍ଡନ କରିଛନ୍ତି। କୌଣସି ଲାଞ୍ଚ ନେଇନାହାନ୍ତି ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଯଦି ଅଭିଯୋଗ ଅଛି କିମ୍ବା ମୋ ନାମ ନେଇ କୌଣସି ଅଧିକାରୀ ଲାଞ୍ଚ ନେଇଥା'ନ୍ତି, ତାହେଲେ ସେମାନେ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ କରନ୍ତୁ ବୋଲି କହିଛନ୍ତି।

ସକାଳ THE SAKALA



www.sakalaepaper.com

# ଜବତ ଧାନ ଗାଡ଼ି ଛାଡି ଦେଲେ

**କୁଚିଣ୍ଡା, ୨୦ ।୧୧(ସମିସ)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ମଣ୍ଡି ଖୋଲିବା ପୂର୍ବରୁ ଦଲାଲ ସକ୍ରିୟ ହୋଇଥିବା ଦେଖାଯାଉଛି । ଗତକାଲି କୁଚିଣ୍ଡାରେ ଗୋଟିଏ ୧୬ ଚକିଆ ଧାନ ବୋଝେଇ ଟ୍ରକ୍‌କୁ ତହସିଲଦାର ଓ ଯୋଗାଣ ବିଭାଗ ଛାଡ଼ି

## ମଣ୍ଡି ଖୋଲିବା ପୂର୍ବରୁ ଦଲାଲ ସକ୍ରିୟ

ଦେଇଛନ୍ତି । ମଣ୍ଡି ଖୋଲିବା ପୂର୍ବରୁ ଗୋଟିଏ ଟ୍ରକ୍‌ରେ ବେପାରୀମାନେ ଧାନ ମିଲକୁ ନେଉଥିବା ବେଳେ ଲୋକେ ଧରିଲେ । ତହସିଲଦାର ଓ ଯୋଗାଣ ବିଭାଗ ଧାନ ଜବତ କରି ଥାନାରେ ଜିମା ମଧ୍ୟ ଦେଲେ ହେଲେ କାହା ଅନୁମତିରେ ପୁଲିସ ଛାଡିଦେଲା । ଯୋଗାଣ ବିଭାଗ କାହିଁକି ବେଆଇନ ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । କୁଚିଣ୍ଡା ଏସିଏସ ଓ ରାକ କିଶୋର ସ୍ୱାଇଁ ଘଟଣାକୁ ହାଲୁକା ଭାବେ ନେଇ ଚାଷୀଙ୍କ ଧାନ ଥିଲା । ରଖିବା ପାଇଁ ଅନ୍ୟ ସ୍ଥାନକୁ ନେଇଥିଲେ ବୋଲି କହି ଏଡାଇ ଦେଇଛନ୍ତି । ହେଲେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି ଯେ, ଧାନ ଚାଲାଣ ନେଇ ସ୍ଥାନୀୟ ଏସିଏସ୍‌ଓ ତଦନ୍ତ କରୁଛନ୍ତି । ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।ସରକାର ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ପାଇଁ କଡ଼ା ନିୟମ କରିଛନ୍ତି । ଚାଷୀ ଅଭାବୀ ବିକ୍ରି ଶିକାର ନ ହେବ ସେ



ନେଇ କମିଟି ଗଠନ କରିଛନ୍ତି । ହେଲେ ଯଦି କମିଟି ବେପାରୀ ସାଙ୍ଗରେ ବେପାର କରିବେ ତାହା ହେଲେ ଚାଷୀ ଅବସ୍ଥା କଣ ହେବ ବୋଲି ପ୍ରଶ୍ନ ଉଠିଛି । ସୂଚନା ଯୋଗ୍ୟ ଯେ, କୁଚିଣ୍ଡା ଉପଖଣ୍ଡ ରେ ଆସନ୍ତା ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ପାଇଁ ତାରିଖ ଧାର୍ଯ୍ୟ ହୋଇଛି । ଚଳିତ ବର୍ଷ ଧାନ ଭଲ ହୋଇଥିବାରୁ ଅଧିକ ଅମଳ ଆଶା ଚାଷୀ ଖୁସି ଅଛନ୍ତି । ଠିକ ଭାବେ ଧାନ ବିଲରୁ ଅମଳ ହୋଇ ନାହିଁ କିମ୍ବା ଅମଳ ହୋଇଥିଲେ ବି ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ପ୍ରଶାସନିକ ସ୍ତରରେ ମଣ୍ଡି ଖୋଲା ଯାଇ ନାହିଁ । ଏପରି ସ୍ଥିତିରେ ଦଲାଲମାନେ ଗଳା ବାଟ ଖୋଜି ବିଭିନ୍ନ ସ୍ଥାନରୁ ଚାଷୀଙ୍କ ଠାରୁ କମ୍ ଦରରେ ଧାନକିଣି ତାଙ୍କ ଗୋଦାମରେ ଭର୍ତ୍ତି କରିବାରେ ବ୍ୟସ୍ତ । ସୋମବାର ସନ୍ଧ୍ୟାରେ ୧୬ ଚକିଆ ଟ୍ରକ୍ ନମ୍ବର ଓଆର୧୪-ଆର୦୭୭୫ରେ ଧାନ ବୋଝେଇ କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଟାଇଁସର ଗ୍ରାମର ୨ ଜଣ ଚାଷୀଙ୍କ ଧାନ ବୋଝେଇ ହୋଇ କୁଚିଣ୍ଡା ଆସୁଥିବା ବେଳେ ତହସିଲଦାର ଖବର ପାଇ କୁଚିଣ୍ଡା ପୁଲିସ ସହାୟତାରେ ଟାଇଁସର ଗ୍ରାମ ନିକଟରୁ ଗାଡିକୁ ଅଟକ ରଖି ନାନା ପ୍ରଶ୍ନ ପଚାରିଥିଲେ । ସନ୍ତୋଷଜନକ ଉତ୍ତର ନ ମିଳିବାରୁ କୁଚିଣ୍ଡା ପୁଲିସ ସହାୟତାରେ ଥାନାକୁ ଧାନ ବୋଝେଇ ଟ୍ରକ୍ ଆଣି ଜମା ଦେଇଥିଲେ ।

### ଆଇଟିଇପି ମାନ୍ୟତା ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି

# ବିକ୍ଷୋଭ ପ୍ରଦର୍ଶନ କଲେ ଜିଏମ୍‌ୟୁ ଛାତ୍ରଛାତ୍ରୀ




**ସମ୍ବଲପୁର, ୨୦।୧୧(ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଇଣ୍ଟେଗ୍ରେଟେଡ୍ ବିଏଡ୍‌ରେ ଚାରି ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ନେସନାଲ କାଉନସିଲ ଫର୍ ଟିଚର୍ ଏଜୁକେସନ୍ (ଏନ୍‌ସିଟିଇ)ର ଗାଇଡ୍‌ଲାଇନ ନଂ. ଏଫ୍-ଆର୍‌ଇଜି୧୦୧୧/୬୯/୨୦୨୪-ଆର୍‌ଇଜି ଏସ୍‌ଇସି-ଏଚ୍‌କ୍ୟୁ ଆପେଣ୍ଡିକ୍ସ-୧ (ଏନେକ୍ସଚର୍-୧) ଅନୁଯାୟୀ ଆଇଟିଇପି ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରିବା କଥା । କିନ୍ତୁ ଏହା କରାଯାଇନଥିବାରୁ ବିଶ୍ୱବିଦ୍ୟାଳୟ ଆଇଟିଇପି ମାନ୍ୟତା ହରାଇବ । ଏହାଦ୍ୱାରା ଏଠାରୁ ପାସ କରିଥିବା କିମ୍ବା କରିବାକୁ ଥିବା ଛାତ୍ରଛାତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନରେ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ଏହାସହ ବିଏସ୍‌ସି-ବିଏଡ୍ ଏବଂ ବିଏ-ବିଏଡ୍ ଛାତ୍ରଛାତ୍ରୀଙ୍କ କୋର୍ସ ଫିରେ ରହିଥିବା ତାରତମ୍ୟକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।ସମସ୍ୟାର ସମାଧାନ ପାଇଁ ଇଣ୍ଟେଗ୍ରେଟେଡ୍ ବିଏଡ୍ ଛାତ୍ରଛାତ୍ରୀ ଆଜି ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ କୁଳସଚିବ ସନତ କୁମାର ନାଏକ, ଉପକୁଳସଚିବ ଡଃ ଉମାଚରଣ ପତି, ଶିକ୍ଷା ବିଭାଗ ମୁଖ୍ୟ ଡଃ ପାର୍ଥସାରଥୀ ମଲ୍ଲିକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତଙ୍କ ସହ ଛାତ୍ରଛାତ୍ରୀଙ୍କ ପ୍ରତିନିଧି ଦଳ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

ଏନେଇ ଉପକୁଳସଚିବ ଡଃ ଉମାଚରଣ ପତି କହିଛନ୍ତି, ତତ୍‌କାଳୀନ ଗଙ୍ଗାଧର ମେହେର ମହାବିଦ୍ୟାଳୟ ସମୟରେ ୨୦୧୫ମେ ମାସରେ ଇଣ୍ଟଗ୍ରେଟେଡ୍ ବିଏଡ୍ ପାଠ୍ୟକ୍ରମ ପାଇଁ ଆବେଦନ କରାଯାଇଥିଲା । ଏହାପରେ ମହାବିଦ୍ୟାଳୟରୁ ଏକକ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ ହୋଇଥିଲା । ଏବେ ସରକାର ଇଣ୍ଟେଗ୍ରେଟେଡ୍ ବିଏଡ୍‌କୁ ଆଇଟିଇପିକୁ ପରିବର୍ତ୍ତନ କରୁଛନ୍ତି । ସେଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇଛି ଏବଂ ସେମାନେ ଆଉ କିଛି ଆବଶ୍ୟକ କାଗଜାତ ମାଗିଛନ୍ତି, ଯାହାକି ୧୦ ଦିନ ମଧ୍ୟରେ ପଠାଇ ଦିଆଯିବ । ତେଣୁ ଆସନ୍ତା ୨୦୨୬ ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଆଇଟିଇପି ମାନ୍ୟତା ପାଇବ ବୋଲି ଡଃ ପତି ସୂଚନା ଦେଇଛନ୍ତି ।

## ୩ ୱାରଣ୍ଟି ଗିରଫ

**କୁଚିଣ୍ଡା, ୨୦ ।୧୧(ସମିସ):** ଗଡ଼ପୋଷ ଓ ନୁନିଆମୁଣ୍ଡା ଅଞ୍ଚଳରୁ ୩ ଜଣ ୱାରଣ୍ଟିଙ୍କୁ ଗୋବିନ୍ଦପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନା ଅନୁସାରେ ବାମରା ବ୍ଲକ ନୁନିଆମୁଣ୍ଡା ଗ୍ରାମର ମିତ୍ରଭାନୁ ଜୟପୁରିଆଙ୍କ ନାମରେ ଏକ ଗଣ୍ଡଗୋଳ ମାମଲା, ଗଡ଼ପୋଷ ଦେହୁରୀପଡ଼ାର ଚନ୍ଦ୍ରଭାନୁ ଛଛାନଙ୍କ ନାମ ରେ ବେପରୁଆ ଗାଡ଼ି ଚାଳନା ଓ ବୁଣ୍ଡୁକାମାଲ ଗ୍ରାମର ଟିମା ଓରଫ ସୁବାସ ମାଇତିଙ୍କ ନାମ୍‌ରେ ଗଣ୍ଡଗୋଳ ମାମଲା ରହିଥିଲା । ସେମାନେ କୋର୍ଟ ତାରିଖରେ ଉପସ୍ଥିତ ନହେବାରୁ ତାଙ୍କ ନାମରେ ୱାରେଣ୍ଟ ଜାରି କରାଯାଇଥିଲା । ପୁଲିସ ତାଙ୍କୁ ଗିରଫ କରି କୁଚିଣ୍ଡା କୋର୍ଟକୁ ଚାଲାଣ କରାଯାଇଛି ।

## ହାର୍ଭେଷ୍ଟର ଉପରୁ ପଡ଼ି ଯୁବକ ଆହତ

**କୁଚିଣ୍ଡା, ୨୦ ।୧୧(ସମିସ):** ବାମରା ବ୍ଲକ ଉଚ୍ଚକାପାଟଠାରେ ହାର୍ଭେଷ୍ଟର ଉପରୁ ଖସିପଡ଼ି ଜଣେ ଯୁବକ ଆହତ ହୋଇଥିବା ବେଳେ ତାଙ୍କୁ ସୁନ୍ଦରଗଡ଼କୁ ରେଫର୍ କରାଯାଇଛି । ସୂଚନା ଅନୁସାରେ ବୁଧବାର ଦିନ ଉଚ୍ଚକାଟ ଗ୍ରାମରେ ହାର୍ଭେଷ୍ଟର ମେସିନ ଧାନ କାଟୁଥିବା ବେଳେ କୈଳାଶ ରୋହିଦାସ ହାର୍ଭେଷ୍ଟର ଉପରେ ଚଢ଼ି କିଛି କାମ କରୁଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ । ଫଳରେ ତାଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା ।ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି ।

# ଶାସନ କ୍ୟାମ୍ପସରେ ବିଦ୍ୟା ବିକାଶର ବାର୍ଷିକୋତ୍ସବ

**ସମ୍ବଲପୁର, ୨୦।୧୧ (ସମିସ):** ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲ ପରିସରରେ ସମ୍ବଲପୁର ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ବାର୍ଷିକୋତ୍ସବ 'ପରିକ୍ରମା-୨୦୨୫' ଅନୁଷ୍ଠିତ ହୋଇଯାଇଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ



କୁମାର ଦାସ ଯୋଗଦେଇ ବିଭିନ୍ନ ଖେଳ ପ୍ରତିଯୋଗିତା ପାଇଁ ଉଦ୍ଦିଷ୍ଟ ବିଦ୍ୟା ବିକାଶ ସ୍ପୋର୍ଟ୍‌ସ ଏରିନାର ଉଦ୍‌ଘାଟନ କରିଥିଲେ । ବିଦ୍ୟା ବିକାଶ ଗ୍ରୁପ୍‌ର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହାନ୍ତ, ବିକାଶ ଫାଷ୍ଟଷ୍ଟେପ୍ ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ଈଶ୍ୱର ନାଗ ନିଜ ନିଜ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ କହିଲେ ଯେ, ଜ୍ଞାନ, କୌଶଳ ଓ ଉତ୍ତମ ମନୋବୃତ୍ତି ଦ୍ୱାରା ଜୀବନରେ ସଫଳତା ମିଳିଥାଏ । ପ୍ରତ୍ୟେକ ଛାତ୍ରଛାତ୍ରୀ ପାଠପଢ଼ା ସହିତ ଅନ୍ୟାନ୍ୟ କୋ-କରିକଲାର ଏକ୍ଟିଭିଟିଜ୍ ଉପରେ ମଧ୍ୟ ଧ୍ୟାନଦେବା ଉଚିତ । ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ରଖିଥିଲେ । ବିଦ୍ୟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ ବିଦ୍ୟା ବିକାଶ ଗ୍ରୁପ୍‌ର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟର ବିଭିନ୍ନ ସ୍ଥାନରେ ତଥା ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ଅନୁଷ୍ଠାନ ଉପରେ ସୂଚନା ଦେଇଥିଲେ । ବିଦ୍ୟା ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା ବିଦ୍ୟା ବିକାଶ ଗ୍ରୁପ୍ ଓଡ଼ିଶାରେ ଓ ଜାତୀୟସ୍ତରରେ ହାସଲ କରିଥିବା ରେଙ୍କ୍ ତଥା ବିଭିନ୍ନ ଏନ୍‌ଟ୍ରାନ୍ସ, ଟେକ୍ନୋ ପାଠ୍ୟ ଖସଡ଼ାର ସୁବିଧା ସୁଯୋଗ ଉପଲବ୍ଧି ବିଷୟରେ ନିଜ ମନ୍ତବ୍ୟ ରଖିଥିଲେ । ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଡିନ୍ ପିତାମ୍ବର ଦାସ ବିକାଶ ଦ କନ୍‌ସେପ୍ଟ ସ୍କୁଲର 'ସିଗନସ୍' ହାଉସ୍‌କୁ ବେଷ୍ଟ ହାଉସ୍ ଓ ବିଦ୍ୟା ବିକାଶ ଗ୍ରୁପ୍‌ର ଏକାଡେମିକ୍ ଆଡ୍‌ଭାଇଜର ନବୀନ ଶର୍ମା ବିକାଶ ଫାଷ୍ଟ ଷ୍ଟେପ୍ ବିଦ୍ୟାଳୟର 'ଓରିଅନ୍' ହାଉସ୍‌କୁ ବେଷ୍ଟ ହାଉସ୍ ଘୋଷଣା କରିଥିଲେ । ଭୁବନେଶ୍ୱର ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଚେୟାରମ୍ୟାନ୍ ତଥା ମେନେଜିଂ ଡାଇରେକ୍ଟର ଭି. ଶ୍ରୀନିବାସ ଉପସ୍ଥିତ ଥିଲେ । ବିକାଶ ସିନିୟର ସେକଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡଃ ପୁଷ୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ବିଦ୍ୟା ଗ୍ରୁପ୍ ମେନେଜ୍‌ମେଣ୍ଟ ପକ୍ଷରୁ ଓଡ଼ିଶାର ସ୍ପୋର୍ଟ୍‌ସ୍ ଆଇକନ୍ ପ୍ରତୀକ ମହାରଣାଙ୍କୁ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ତଥା ଜାତୀୟ, ଆନ୍ତର୍ଜାତୀୟସ୍ତରରେ ସଫଳତା ପାଇଁ ଏବଂ ସମ୍ବଲପୁର ମାରୱାଡ଼ି ଯୁବାମଞ୍ଚକୁ ସମାଜ କଲ୍ୟାଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପରେ ବିଦ୍ୟା ବିକାଶ ଗ୍ରୁପ୍‌ର ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ପାଉଁଶମୟ ସମ୍ବଲପୁର

### ସ୍ୱତନ୍ତ୍ର ବ୍ୟାରିକେଡ଼ ଦାବି କାର୍ଯ୍ୟକ୍ଷମ ହେଲାନି

**ସମ୍ବଲପୁର, ୨୦।୧୧(ସମିସ):** ଝାରସୁଗୁଡ଼ାରୁ ସମ୍ବଲପୁର ସହର ସବୁଠି ଏବେ ଟନ୍ ଟନ୍ ପାଉଁଶ । ମନଇଛା ଯିଏ ଯେଉଁଠି ପାରୁଛି ଆସ ଗଦା କରୁଛି । ଏଥିପ୍ରତି କୌଣସି କଟକଣା ନଥିବା ପରିଲକ୍ଷିତ ହେଉଛି । ଏହାର କଷ୍ଟ ସହୁଛନ୍ତି ସମ୍ବଲପୁର ଓ ଝାରସୁଗୁଡ଼ାବାସୀ । ବେଆଇନ ଭାବେ ରାସ୍ତାକଡ଼ରେ ଟନ ଟନ୍ ପାଉଁଶ ପଡୁଛି ଫଳରେ ଯାତାୟତ କରିବା ମୁସ୍କିଲ ହୋଇପଡୁଛି । ଅନ୍ୟପଟେ ରାସ୍ତା କଡ଼ରେ କଳ କାରଖାନାର ପାଉଁଶ ପକାଯାଉ ଥିଲେ ସୁଦ୍ଧା କାହିଁକି ଜିଲ୍ଲା ପ୍ରଶାସନ ଚୁପ୍ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ସମ୍ବଲପୁରରୁ ଝାରସୁଗୁଡା ରାସ୍ତା ପାର୍ଶ୍ୱରେ ବିଭିନ୍ନ କମ୍ପାନୀ ରହିଛି । କିଛି ମାସ ପୂର୍ବରୁ ସମସ୍ତ କମ୍ପାନୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ ନିର୍ମାଣ ଲାଗି ଦାବି ହୋଇଥିଲା । କିନ୍ତୁ ତାହା ମଧ୍ୟ କାର୍ଯ୍ୟକ୍ଷମ ହେଲାନାହିଁ । ଯାହାକୁ ନେଇ କଷ୍ଟ ଭୋଗୁଛନ୍ତି ସାଧାରଣ ଜନତା । ପ୍ରଶାସନ ବେଆଇନ ଆସ ପଡୁଥିବା ଘଟଣାକୁ ତଦନ୍ତ କରିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି ।



BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଟ୍ରକ୍ ଧକ୍କାରେ କ୍ଷୀର ବ୍ୟବସାୟୀଙ୍କ ମୃତ

**ରେଢ଼ାଖୋଲ, ୨୦ ।୧୧ (ସମିସ):** ସମ୍ବଲପୁର-କଟକ ୫୫ ନଂ ଜାତୀୟ ରାଜପଥ ଭୀମଭୋଇ ଛକ ନିକଟରେ ଗୁରୁବାର ଦିନ ୨୪ ଘଣ୍ଟା ମଧ୍ୟରେ ପୁଣି ଟ୍ରକ୍ ଦୁର୍ଘଟଣାରେ ଜଣେ କ୍ଷୀର ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି । ମୃତକ ରେଢ଼ାଖୋଲ ଡ଼ିମିରିକୁଦାଗ୍ରାମର ସୁବାଷ ଖିଲାରି(୫୮) । ବାରମ୍ବାର ସହର ମଧ୍ୟରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଜନସାଧାରଣ ଭୟଭୀତ ଅବସ୍ଥାରେ ରହିଛନ୍ତି । ରେଢ଼ାଖୋଲ ପଦୂଷଣ ମୁକ୍ତ ଏବଂ ଦୁର୍ଘଟଣାରୁ ତ୍ରାହି ପାଇବାକୁ ହେଲେ ଏକମାତ୍ର ବିକଳ୍ପ ବାଇପାସ୍ ବୋଲି ସାଧାରଣଲୋକେ ଦାବି କରିଥିଲେ । ସୂଚନା ଯୋଗ୍ୟ ଯେ ଡ଼ିମିରିକୁଦା ଗ୍ରାମର କ୍ଷୀର ବ୍ୟବସାୟୀ ସୁବାଷ ଖିଲାରୀ ସାଇକଲରେ କ୍ଷୀର ବ୍ୟବସାୟୀ କରି କଇଥସାହିପଟୁ ଭୀମଭୋଇ ଛକ ଆଡକୁ ଆସୁଥିଲେ । ଏହି ସମୟରେ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ଲୋଡ଼ିଙ୍ଗ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା ।ତାଙ୍କ ଦୁଇ ଗୋଡ଼ରେ ଗାଡି ଚକ ମାଡ଼ି ଯିବାରୁ ଗୁରୁତର ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ୫୫ ନଂ ଜାତୀୟ ରାଜପଥ ଓ ରାଞ୍ଚି ବିଜୟୱାଡା ରାଜପଥକୁ ଅବରୋଧ କରି ଆନ୍ଦୋଳନ କରିଥିଲେ । ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଏକ ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ।



ବୈଠକରେ ପ୍ରଥମେ ଜାତୀୟ ରାଜପଥ ଉପରକୁ ମାଡ଼ିଥିବା କିଛି ଦୋକାନୀଙ୍କୁ ଭିତରକୁ ରହିବ, ସ୍ପିଡ୍ ବ୍ରେକର ବ୍ୟବସ୍ଥା କରାଯିବ ଏବଂ ଟ୍ରାଫିକ ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେପଟେ ରେଢ଼ାଖୋଲ ପୁଲିସ ମାମଲା ରୁଜୁ କରି ଗାଡ଼ି ଜବତ କରି ଡ୍ରାଇଭରକୁ ଗିରଫ କରି ତଦନ୍ତ କରୁଛି ।

# ସ୍କିଲ୍ ସେଣ୍ଟରରେ ସ୍ନାତକୋତ୍ସବ ଦିବସ

**ସମ୍ବଲପୁର, ୨୦।୧୧(ସମିସ):** ବରେଇପାଲିସ୍ଥିତ ଆଦିତ୍ୟ ବିର୍ଲା ସ୍କିଲ୍ସ ସେଣ୍ଟରରେ ସ୍ନାତକୋତ୍ସବ ଦିବସ ପାଳିତ ହୋଇଯାଇଛି । ସେଣ୍ଟର ଅପରେସନ ଲିଡ୍ ମନୋରଞ୍ଜନ ମହାକୁଡ଼ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଆଦିତ୍ୟ ବିର୍ଲା ସ୍କିଲ୍ସ ସେଣ୍ଟରରେ ଶିକ୍ଷା ଗ୍ରହଣକରି କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ୍ ବିତରଣ କରାଯାଇଥିଲା । ସ୍ୱାଗତ ସଙ୍ଗୀତ, ମହିଳା ସଶକ୍ତିକରଣ ଉପରେ ଆଧାରିତ ନୃତ୍ୟ, ସୋସିଆଲ ମିଡିଆ ଉପରେ ସଚେତନଧର୍ମୀ ନାଟକ, ସମ୍ବଲପୁରୀ ନୃତ୍ୟ, ୧୦ଟି ରାଜ୍ୟର ପାରମ୍ପରିକ ପରିଧାନକୁ ନେଇ ଫେସନ ଶୋ ଆଦି ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ଭାବେ ଦେବାଶିଷ ବେହେରା ଓ ମିନାକ୍ଷୀ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଦୀପକ କୁମାର ଦାଶ ସହଯୋଗ କରିଥିଲେ । କାଉନସେଲର ନିବେଦିତା ଯୋଶୀ ଏବଂ ଏକାଡେମିକ୍ କୋର୍ଡିନେଟର ଦୁଷ୍ମନ୍ତ ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହିଣ୍ଡାଲ୍‌କୋ ପକ୍ଷରୁ ୟୁନିଟ ହେଡ୍ ସୁମିତ ମୁଖାର୍ଜୀ, ଏଫଆରପି କ୍ଲଷ୍ଟର ହେଡ୍ ସୌମିତ୍ର ରଏ, ସିଏସଆର କ୍ଲଷ୍ଟର ହେଡ ଶିବ ମହାପାତ୍ର, ହେଡ ସ୍କିଲ୍ସ ଟ୍ରେନିଂ ଶୁଖେନ୍ଦୁ ଘୋଷ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସିଡିପିଓ ମିନତୀ ପାଣିଗ୍ରାହୀ, ରାସନପୁର ଆଇଟିଆଇ ଅଧ୍ୟକ୍ଷ କେ. ଆଲୋକ ରଞ୍ଜନ, ଆଇଟିଆଇ ହୀରାକୁଦ ଟ୍ରେନିଂ ଅଫିସର ଦୀପକ ସାହୁ, ଜୁନିଅର ଏମ୍ପ୍ଲୋମେଣ୍ଟ ଅଫିସର ଲମ୍ବୋଦର ସାହୁ, ଏଡ୍‌ଏଟ ଆକ୍ସନର ଜିଲ୍ଲା ସଂଯୋଜିକା ସୁନିତା ତ୍ରିପାଠୀ ଯୋଗଦେଇଥିଲେ ।




ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"



୰ ଲକ୍ଷ୍ମୀ ପୃଷ୍ଟି
ସ୍ୱାː ୰ ଅର୍ଜୁନ ପୃଷ୍ଟି
ଆବିର୍ଭାବ : ୨୪.୦୯.୧୯୪୦, ତିରୋଧାନ : ୦୮.୧୧.୨୦୨୫
ଆପଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
କନ୍ୟା-ମମତା, ଜ୍ୱାଇଁ- ରାମେଶ୍ୱର, ପୁତ୍ର- ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ- କନ୍ୟାକୁମାରୀ, ମାମୁନି, ମୁନକାରାଣୀ, ରୂପାସିନ୍ଧା, ନାତି-ଓମ୍, ଗୋପାଳ, ସାଧୀନ, କାହ୍ନା, ନାତୁଣୀ ଜ୍ୱାଇଁ-ସାଧନ, ନାତୁଣୀ- ମାମା, ସୋମା, ଶୁଭ, ବିପି, ଲିପି, ଲିଙ୍କି, ପିଙ୍କି, ଭଣଜା ଓ ବାନ୍ଦପୁର କେଶାର୍କ କୁବଲୋ ପରିବାର ସମେତ ବନ୍ଧୁ ତଥା ଆତ୍ମୀୟ ସ୍ୱଜନଙ୍କ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

### ସମଲେଶ୍ୱରୀ ମନ୍ଦିରରେ ଭୋଗ ସକାଶେ ଜୈବିକ ପ୍ରଣାଳୀରେ ଅନ୍ନ ସଂଗ୍ରହ

# ଚାଷୀଙ୍କ ସହ ଟ୍ରଷ୍ଟବୋର୍ଡ ଆଲୋଚନା

**ସମ୍ବଲପୁର, ୨୦।୧୧ (ସମିସ)**

ସମଲେଶ୍ୱରୀ ମା'ଙ୍କ ଭୋଗ ମଣ୍ଡପକୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳ ଯୋଗାଇ ଦେବାପାଇଁ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର କୃଷକ ମାନଙ୍କ ସହିତ ଗତ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ପ୍ରୟାସ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମା' ସମଲେଶ୍ୱରୀଙ୍କ ଭୋଗର ପବିତ୍ରତାକୁ ଆଉ ଅଧିକ ଉଚ୍ଚ ମାନକୁ ନେବାପାଇଁ ଜୈବିକ ପ୍ରଣାଳୀରେ ଚାଷ ହୋଇଥିବା ଧାନରୁ ପ୍ରସ୍ତୁତ ଚାଉଳ ବ୍ୟବହାର କରିବାର ପଦକ୍ଷେପ ଆରମ୍ଭ ହୋଇଛି । ଏହି ଉଦ୍ୟମର ଗାମ୍ଭୀରତାକୁ ବୁଝିବା ଓ ତୃଣମୂଳସ୍ତରର କାର୍ଯ୍ୟକ୍ଷମତାକୁ ଅନୁଧ୍ୟାନ କରିବାପାଇଁ ଗତକାଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ନେତୃତ୍ୱରେ ସଭ୍ୟ ହେମନ୍ତ ମିଶ୍ର ଓ ବୀରେନ୍ଦ୍ର ରାଏ ପଦ୍ମପୁର ଯାଇ ବିମଳ ଫାର୍ମର୍ସ ପ୍ରଡ୍ୟୁସର୍ ଅର୍ଗାନାଇଜେସନ୍, ମହୁଲପାଲି, ପଦ୍ମପୁରର କୃଷକ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ପ୍ରାୟୋଗିକ ଭାବରେ କୃଷିପ୍ରଣାଳୀର ଅବସ୍ଥା, ଉତ୍ପାଦନର ନିୟମିତତା, ଗୁଣବତ୍ତା, ଚାଷୀମାନଙ୍କ ପ୍ରସ୍ତୁତି ଓ ସମଗ୍ର ଜୈବିକ ପ୍ରକ୍ରିୟାକୁ ବିବେଚନା କରିବା ନିମନ୍ତେ ଟ୍ରଷ୍ଟ ବୋର୍ଡ ସଦସ୍ୟମାନଙ୍କ ଦ୍ୱାରା ଅଧ୍ୟୟନ କରାଯାଇଛି । ବିମଳ ଫାର୍ମରସ ପ୍ରଡ୍ୟୁସର ଅର୍ଗାନାଇଜେସନର କୃଷକମାନେ ଗତ କିଛିବର୍ଷ ଧରି ଜୈବିକ ପ୍ରଣାଳୀରେ ଧାନ ଚାଷ କରୁଛନ୍ତି । ବିଶେଷକରି ରାସାୟନିକ ସାର, କୀଟନାଶକ ବ୍ୟବହାର ବନ୍ଦକରି ପାରମ୍ପରିକ ପ୍ରକୃତି-ଆଧାରିତ ଚାଷ ପ୍ରଣାଳୀକୁ ପ୍ରୟୋଗ କରାଯାଉଛି । ଏହି ଉତ୍ପାଦିତ ଧାନର ଚାଉଳ ମା' ସମଲେଶ୍ୱରୀଙ୍କ ନିତ୍ୟ ଭୋଗରେ ବ୍ୟବହାର କରାଯିବାକୁ ମନ୍ଦିର ଟ୍ରଷ୍ଟ ଉଦ୍ୟମ ଜାରିରଖିଛି । ସଞ୍ଜୟ ବାବୁ ଓ ଦଳ ଭୂମିର



ଉର୍ବରତା, ଚାଷ ପ୍ରଣାଳୀ, ଧାନ ଶୁଷ୍କୀକରଣ ଏବଂ ଚାଉଳ ପ୍ରସ୍ତୁତିର ସମସ୍ତ ପଦକ୍ଷେପକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ।

ସ୍ଥାନୀୟ କୃଷକମାନେ ମା' ସମଲେଶ୍ୱରୀଙ୍କ ପବିତ୍ର ଭୋଗରେ ନିଜ ଉତ୍ପାଦିତ ଜୈବିକ ଅନ୍ନ ବ୍ୟବହାର ହେବ ବୋଲି ଗର୍ବ ଓ ଭାବନାପୂର୍ଣ୍ଣ ସନ୍ତୋଷ ବ୍ୟକ୍ତ କରିଥିଲେ । ଆସନ୍ତା ନୂଆବର୍ଷରୁ ଏହି ଚାଉଳରୁ ପ୍ରସ୍ତୁତ ଭୋଗ ଉପଲବ୍ଧ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଆଲୋଚନାରେ କୃଷକ ପ୍ରତିନିଧି ମାନେ ଉପସ୍ଥିତ ରହି ତାଙ୍କର ମତାମତ ରଖିଥିଲେ ଏବଂ ଜୈବିକ ପ୍ରଣାଳୀର ସମସ୍ତ ପକ୍ଷ ଉପରେ ଆଲୋକପାତ କରିଥିଲେ । ଚାଷୀ ନେତା ସରୋଜ ମହାନ୍ତି, ଅଶୋକ କୁମାର ସାହୁ, ମଳୟ ଭୋଇ, ସମାଜସେବୀ ପ୍ରୀତମ ମେହେର, ସୁରେଶ ଚାନ୍ଦ, ହୃଦାନନ୍ଦ ନାୟକ, ନନ୍ଦଲାଲ ପଟେଲ, ତରଣୀ ସେନ ଦ୍ୱାରୀ, କିଶୋର ଚନ୍ଦ୍ର ଦାଶ, ପୃଥ୍ୱୀରାଜ ନାୟକ ଓ ରାଧାରମଣ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ । ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ସଞ୍ଜୟ ବାବୁ କହିଛନ୍ତି, ମା' ସମଲେଶ୍ୱରୀଙ୍କ ଭୋଗ ପବିତ୍ରତାର ପ୍ରତୀକ । ତେଣୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଧାନର ଚାଉଳ ବ୍ୟବହାର କରିବା କେବଳ ଭୋଗର ଶୁଦ୍ଧତାକୁ ବଢ଼ାଇବ ତାହା ନୁହେଁ, ଅଞ୍ଚଳର ଚାଷୀ ଭାଇମାନଙ୍କୁ ନୂଆ ସୁଯୋଗ ଓ ଆତ୍ମସମ୍ମାନ ଦେବ । ମନ୍ଦିର ପକ୍ଷରୁ ଏହି ଉଦ୍ୟମକୁ ସମ୍ମତି ଦେଇଥିବାରୁ ସମ୍ପୃକ୍ତ ଅନୁଷ୍ଠାନ ଗୁଡ଼ିକୁ ଆମେ ସାଧୁବାଦ ଜଣାଉଛୁ ବୋଲି ସେ କହିଛନ୍ତି । ଏହି ପ୍ରୟାସ ନିଶ୍ଚୟ ଭାବେ ଆଗାମୀଦିନରେ ମା' ସମଲେଶ୍ୱରୀ ମନ୍ଦିରର ଭୋଗ ବ୍ୟବସ୍ଥାରେ ଏକ ନୂତନ ଐତିହ୍ୟ ଯୋଡ଼ିଦେବ ବୋଲି ସମ୍ପୃକ୍ତ ଚାଷୀମାନେ ମତ ରଖିଛନ୍ତି ।

# 'ଉଡାନ୍' କାର୍ଯ୍ୟକ୍ରମରେ ସମ୍ବଲପୁରର ୧୭ ପ୍ରତିଯୋଗୀ

**ସମ୍ବଲପୁର, ୨୦।୧୧ (ସମିସ) :** ଓଡ଼ିଶା ରାଜ୍ୟ 'ଭାରତ ସ୍କାଉଟ ଏବଂ ଗାଇଡ'ର ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟାଳୟଠାରେ ପାଞ୍ଚଦିନ ବ୍ୟାପି 'ଉଡାନ୍' କାର୍ଯ୍ୟକ୍ରମ ନଭେମ୍ବର ୧୮ ତାରିଖ ଠାରୁ ଅନୁଷ୍ଠିତ ହେଉଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଚୟନ ହୋଇଥିବା ସ୍କାଉଟ ଏବଂ ଗାଇଡ ମାନେ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀ ତଥା ମାଟିରୁ ଆକାଶକୁ ଉଡ଼ି ପାରିବାର ଅସୀମ ସାମର୍ଥ୍ୟକୁ ପରିପ୍ରକାଶ କରାଇବାର ଲକ୍ଷ୍ୟନେଇ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଅନେକ ପ୍ରେରଣା ପାଇବା ସହ ନିଜ ନିଜର ଭବିଷ୍ୟତ ଉଡାନ୍ ପାଇଁ ଉତ୍ସାହିତ ହେଉଛନ୍ତି। କଳା, କାରିଗରୀ, ନୃତ୍ୟ, ସଙ୍ଗୀତ, ଖାଦ୍ୟ ପ୍ରସ୍ତୁତି, ବକ୍ତୃତା, ତର୍କ, ସାଧାରଣ ଜ୍ଞାନ, ଯୋଗାସନ, ଶାରିରୀକ କଳାକୌଶଳ, ପରିଚ୍ଛନ୍ନତା, ଆତ୍ମନିର୍ଭରଶୀଳ, ଭାତୃତ୍ୱଭାବ, ସହାବସ୍ଥାନ ଆଦି ବିଭିନ୍ନ ପ୍ରସଙ୍ଗରେ ସ୍କାଉଟ ଏବଂ ଗାଇଡ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଉଛି। ଏହି ଶିବିରରେ ସମ୍ବଲପୁର ଜିଲ୍ଲାରୁ ୧୭ ଜଣ ସ୍କାଉଟ ଗାଇଡ ଅଂଶଗ୍ରହଣ କରିଛନ୍ତି। ପଙ୍କଜ ପୋଡ଼, ଦେବାନନ୍ଦ ଲାକ୍ରା, ଗୁରୁଦେବ ମୁଣ୍ଡା, ଡିଲେଶ୍ୱର ସାହାଁସିଆ, ସ୍ୱାଧୀନ ଭୋଇ, କାଶ୍ମୀର ବାର୍ଲା, ଆରୋହି ଶର୍ମା, ସଞ୍ଚିତା ଗୁରୁ, ସ୍ୱପ୍ନିଳ ନନ୍ଦ, ବିପାଶା ବେଉରିଆ, ସ୍ମିତିପ୍ରଜ୍ଞା ଦାନୀ, ଅଦିତି ଶର୍ମା, ନ୍ୟାସା କୁର୍ମୀ, ମୃଣାଳିନୀ ପଣ୍ଡା, ରୋଲି କ୍ଷେତ୍ରୀ, ପ୍ରିୟାଂଶୀ ସ୍ୱାଇଁ ପ୍ରମୁଖ ସ୍କାଉଟ ଏବଂ ଗାଇଡ ଯୋଗ ଦେଇଥିବାବେଳେ ତତ୍ତ୍ୱାବଧାନରେ ସ୍କାଉଟ ମାଷ୍ଟର ତଥା ଜିଲ୍ଲା ଟ୍ରେନିଂ କମିଶନର ସତ୍ୟ ନାରାୟଣ ସାହୁ ଏବଂ ଗାଇଡ କ୍ୟାପ୍ଟେନ ସଙ୍ଗୀତା ମହାରଣା ରହିଛନ୍ତି। ଉଡାନ୍ କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ଉଦ୍‌ଯାପିତ ହେବ।



# ସମ୍ବଲପୁରରେ ଅଟୋ ମହାସଂଘ ଗଠନ ପାଇଁ ନିଷ୍ପତ୍ତି

**ସମ୍ବଲପୁର, ୨୦।୧୧(ସମିସ)**

ସମ୍ବଲପୁରରେ ଅଟୋ ମହାସଂଘର ଗଠନ ପାଇଁ ପ୍ରଥମ କ୍ରିୟାନୁଷ୍ଠାନ କମିଟି ବୈଠକ ଆଜି ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆୟୋଜିତ ହୋଇଯାଇଛି। ଏହି ସଭାରେ ସମ୍ବଲପୁର, ହୀରାକୁଦ ଓ ବୁର୍ଲା ଅଞ୍ଚଳରେ ପଞ୍ଜିକୃତ ଥିବା ୩୧ଟି ଅଟୋ ସଂଘକୁ ନେଇ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ସମ୍ବଲପୁର ସହରରେ ଥିବା ୫ ହଜାରରୁ ଊର୍ଦ୍ଧ୍ୱ ଅଟୋଚାଳକ ଓ ମାଲିକ ମାନଙ୍କର ପ୍ରତିନିଧି ଭାବରେ ୩୧ଟି ସଂଘରୁ ସଭାପତି ଓ ସମ୍ପାଦକ ମାନେ ଉପସ୍ଥିତ ରହି ମହାସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ପଶ୍ଚିମ ଓଡ଼ିଶାସ୍ତରୀୟ ଅଟୋ ମହାସଂଘ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ବର୍ତ୍ତମାନ ସମ୍ବଲପୁରରେ ଅଟୋ ଚାଳକମାନେ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଥିବା ବେଳେ ଜିଲ୍ଲା ପ୍ରଶାସନକୁ ସେଦିଗରେ ଦୃଷ୍ଟିଦେବା ପାଇଁ ଆଲୋଚନା ହୋଇଥିଲା। ବିଶେଷ ଭାବରେ ସମ୍ବଲପୁର ମହାନଗର ନିଗମର ବିଭିନ୍ନ ସ୍ଥାନରେ ବସ ଓ ଅଟୋ ରହଣି ପାଇଁ ସ୍ଥାନ ନିରୂପଣ କରିବା, ବର୍ତ୍ତମାନ ସମ୍ବଲପୁର ସହରରେ ପ୍ରଚଳନ ପାଇଁ ଆସିଥିବା ଇ.ଭି. ବସ୍‌ର ସମୟ ନିର୍ଘଣ୍ଟ କରି ଉଭୟ ଇଭି ବସ ଏବଂ ଅଟୋ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ଘରୋଇ କମ୍ପାନୀଙ୍କୁ ପୋଷିବା ଆଳରେ ଅଟୋ ଚାଳକଙ୍କୁ ନିଜ ଜୀବିକାରୁ ବଞ୍ଚିତ ନକରିବା ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ଧ୍ୟାନ ଦେବା ପାଇଁ ଉପଦେଷ୍ଟା ଏଚଏମଏସ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସହରର ବିକାଶ ସହିତ ରୋଜଗାର ପାଇଁ ଅଟୋକୁ ମାଧ୍ୟମ ଜୀବିକା ଅର୍ଜନ କରୁଥିବା ଅଟୋ ଚାଳକଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରାଯିବ ବୋଲି ଅନ୍ୟତମ ଉପଦେଷ୍ଟା ତଥା ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଆଜିର ଏହି ସଭାରେ ଡିଏସଏସ ଅଟୋଚାଳକ ସଂଘର ସାଧାରଣ ସମ୍ପାଦକ ପ୍ରେମାନନ୍ଦ ମିଶ୍ର ସଭାକୁ ପରିଚାଳନା କରୁଥିବା ବେଳେ ହିନ୍ଦ ମଜଦୁର ସଭାର ଦୁର୍ଯ୍ୟୋଧନ ମହାନ୍ତି, ପୂର୍ବତନ କାଉନସିଲର ସୌରୀ ପାଣିଗ୍ରାହୀ, ପ୍ରୋଗ୍ରେସିଭ ସମ୍ବଲପୁରରୁ ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ ସହ ବୀରେନ୍ଦ୍ର ସାହୁ, ବୁଲୁ ବାରିକ, ରଞ୍ଜନ ଦାସ, ମହେଶ ହରିପାଲ, ପିତ ମିଶ୍ର, ସେଖ ଅବଦୁଲ୍ଲା, ଏମ ଡି ସଲିମ, ମହେନ୍ଦ୍ର ଦେହୁରୀ, ଜ୍ଞାନ ସିଂ, ଶରତ ତାଣ୍ଡି, ଯୋଗେନ୍ଦ୍ରନାଥ ତ୍ରିପାଠୀ, ପିଣ୍ଟୁ ଆରୁଖ, ଏସ୍.କେ ପାଣ୍ଡେ, ଉଜ୍ଜ୍ୱଳ ସ୍ୱାଇଁ, ଶ୍ରୀକାନ୍ତ ପାଣ୍ଡେ, ହିଦାୟତ ତୁଲ୍ଲା, ଯୁଲସ ମୁଣ୍ଡା, ବିଭୀଷଣ କାଣ୍ଡ, ଭାସ୍କର ଲୁହା, ଆଶିଷ ଗୌଡ଼, ରାଜ ଗୁପ୍ତା, ଦିଲୀପ ନାୟ, ଏମ୍‌ଡି ସବିର, ଫିରୋଜ, ଏସ.କେ ନୁରୁଦ୍ଦିନ, ବଲୱନ୍ତ ସିଂ, ସରୋଜ ସାହୁ, ଚିତ୍ରସେନ ନାୟକ ପ୍ରମୁଖ ନିଜ ମତାମତ ରଖିଥିଲେ।





# ପୁଷ୍ପିତା ଦାସ ସମ୍ମାନିତ




**ସମ୍ବଲପୁର, ୨୦।୧୧(ସମିସ):** ମାନବ ଅଧିକାରୀ ବିଭାଗ ତରଫରୁ ଭୁବନେଶ୍ୱରରେସଭା ଅନୁଷ୍ଠିତ ହୋଇଛି। ସଭାରେ ପବ୍ଲିକ ବିଭାଗ ନ୍ୟାସନାଲ କାର୍ଯ୍ୟନିର୍ବାହୀ ବୋର୍ଡ କିରଣ ପାତ୍ର, ଓଡ଼ିଶା ଅଧ୍ୟକ୍ଷ ଦେବେନ୍ଦ୍ର ସିଂହ, ଏସ. ସୁଜାତା ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଅଧ୍ୟକ୍ଷମାନଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ କାମ ପାଇଁ ସମ୍ବଲପୁରର ଅଧ୍ୟକ୍ଷା ପୁଷ୍ପିତା ଦାସଙ୍କୁ ସମ୍ମାନିତ କରାଯାଇଛି।

# ଛାତ ଉପରେ ବଗିଚା ବନେଇବା କର୍ମଶାଳା

**ସମ୍ବଲପୁର, ୨୦।୧୧ (ସମିସ):** ଦ୍ରୁତଗତିରେ ସହରୀକରଣ ସହ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଚାଷ ଉପଯୋଗୀ ଜମି ଓ ଚାଷୀ ସଂଖ୍ୟା ହ୍ରାସ ପାଇବା ଏକ ଉଦବେଗ ଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାଦ୍ୱାରା ପୁଷ୍ଟିକର ଖାଦ୍ୟ ଓ ପ୍ରାକୃତିକ ଖାଦ୍ୟ ମିଳିବା ପ୍ରାୟତଃ ଅସମ୍ଭବ ହେଇପଡୁଛି। ସହରାଞ୍ଚଳରେ ଗଢି ଉଠୁଥିବା ଘର ମାନଙ୍କ ଛାତକୁ କିପରି ବଗିଚାରେ ପରିଣତ କରି, ସେଥିରୁ ତଟକା, ପ୍ରାକୃତିକ ଓ ସୁନ୍ଦର ପନିପରିବା ଓ ଫୁଲ ପାଇ ପରିବା, ସେବିଷୟରେ ଏକ କର୍ମଶାଳା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡା. ନାରାୟଣୀ ପଣ୍ଡା ରିସୋର୍ସ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡଃ ପି. ଶ୍ରୀନିବାସ ଛାତଉପର ବଗିଚାର ଉପାଦେୟତା ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ପ୍ରଦୋଷ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିବା ସହ ଜ୍ଞାନ ସହ କୌଶଳ ଓ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା କିପରି ନିଜକୁ ଆତ୍ମନିର୍ଭରଶୀଳ କରିହେବ ସେବିଷୟରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡଃ ପ୍ରିୟବ୍ରତ ପଣ୍ଡା, ଦିବ୍ୟରାଜ ବରିହା, ଡଃ ପ୍ରଜ୍ଞା ସାହୁ, ଡଃ ଶାନ୍ତନୁ ଷଡ଼ଙ୍ଗୀ ପ୍ରମୁଖଙ୍କ ସହ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟ ସଚେତନତା

**ସମ୍ବଲପୁର, ୨୦।୧୧(ସମିସ):** ଧନୁପାଲିସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରୀୟ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସହରାଞ୍ଚଳରେ ସଫଳ ଛାତ ବଗିଚା ପ୍ରସ୍ତୁତି ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ କେନ୍ଦ୍ରୀୟ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଡଃ ପି ଶ୍ରୀନିବାସ ସହରାଞ୍ଚଳ ପରିବେଶରେ ଛାତ ବଗିଚା ପ୍ରସ୍ତୁତିରେ ଅନନ୍ୟ ସୂତ୍ର ଉଦ୍ୟାନିକରଣ ତଥା ପୌଷ୍ଟିକ ଖାଦ୍ୟ ଉପରେ ତାଲିମ ପ୍ରଦାନ କରିଥିଲେ। କର୍ମଶାଳାରେ ବରିଷ୍ଠ ନାଗରିକ ରାଜେନ୍ଦ୍ର ପଣ୍ଡା, ପ୍ରଦୀପ ପଣ୍ଡା, ଧନୁପାଲି ଅଞ୍ଚଳର ବରିଷ୍ଠ ନାଗରିକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସଦସ୍ୟଗଣ ଉଦ୍ୟୋକ୍ତା ଦିବ୍ୟରାଜ ବରିହା, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ଶିଶୁ ସାମ୍ବାଦିକଙ୍କ ପ୍ରୟାସରେ ଅମଠି ବିଦ୍ୟାଳୟ ପରିଦର୍ଶନ କଲେ ଝାରବନ୍ଧ ବିଡିଓ

**ଝାରବନ୍ଧ, ୨୦।୧୧(ସମିସ):** ଝାରବନ୍ଧ ବ୍ଲକ ଅମଠି ଉଚ୍ଚ ବିଦ୍ୟାଳୟକୁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ ରୋଷେଇ ଘର ଏବଂ ଖେଳ ପଡ଼ିଆ ସମସ୍ୟାର ସମାଧାନ ପାଇଁ ସ୍ଥିତି ଅନୁଧାନ କରିଛନ୍ତି। ଜାତୀୟ ପ୍ରେସ ଦିବସ ୨୦୨୫ ପାଳନ ଅବସରରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧ ତରଫରୁ ଶିଶୁ ସାମ୍ବାଦିକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟ ଅତିଥି, ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି, ସମ୍ମାନିତ ଅତିଥି ଭାବେ ସିଡିପିଓ ସୁଷମା ପଟେଲ ଯୋଗ ଦେଇଥିଲେ। ଏହି କ୍ରମରେ ଶିଶୁ ସାମ୍ବାଦିକ ମାନଙ୍କୁ ନେଇ ପ୍ରେସ କନଫରେନ୍ସ ଅନୁଷ୍ଠିତ ହୋଇଥିଲା। ଅମଠି ଉଚ୍ଚ ବିଦ୍ୟାଳୟର ଶିଶୁ ସାମ୍ବାଦିକା ଗୁଞ୍ଜନ ପଟେଲ ଏବଂ ବୈତାଳି ସ୍କୁଲର ଶିଶୁ ସାମ୍ବାଦିକା ସାକ୍ଷୀ ସାହୁ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ବିଦ୍ୟାଳୟ ରୋଷେଇ ଘର ଏବଂ ଖେଳ ପଡ଼ିଆ ସମସ୍ୟାର ସମାଧାନ ପାଇଁ ପ୍ରଶ୍ନ ପଚାରିଥିଲେ। ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତରଫରୁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିଯିବ ଏବଂ ମୁଁ ନିଜେ ଆପଣଙ୍କ ବିଦ୍ୟାଳୟକୁ ପରିଦର୍ଶନ କରିବି ବୋଲି ବିଡିଓ ପର୍ଶୁରାମ ପଣ୍ଡା ମତ ରଖିଥିଲେ। ଆଜି ବିଡିଓ ପରିଦର୍ଶନ କରି ସମସ୍ୟାର ସମାଧାନ ବିଷୟରେ ଅମଠି ସରପଞ୍ଚ ଲକ୍ଷେ ସିଂ ଥପା (ଶାନ୍ତି), ପ୍ରଧାନ ଶିକ୍ଷକ ଡୋଳାମଣୀ ତ୍ରିପାଠୀଙ୍କ ସହିତ ଆଲୋଚନା କରିଥିଲେ।



# ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ପାଇଁ ପାଇକମାଳ ବ୍ଲକ୍‌ର ୧୭ ଛାତ୍ରଛାତ୍ରୀ ମନୋନୀତ

**ପାଇକମାଳ, ୨୦।୧୧ (ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏନେଇ ୧୭ ଓ ୧୪ କମ ବୟସର ଉଭୟ ବାଳକ ଓ ବାଳିକା ବିଭାଗରେ ପାଇକମାଳ ଅଞ୍ଚଳରୁ ୧୭ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଅଂଶଗ୍ରହଣ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଯୋଗେଶ୍ୱରୀ କାରେ, ଇନ୍ଦୁମତୀ ଧରୁଆ, ପଦ୍ମାଳୟା ପାଣ୍ଡେ, ରଶ୍ମିତା ଧରୁଆ, ଉମାକାନ୍ତି ପଟେଲ, ପୂଜା ବାଗ, ମାଧୁରୀ ରେଙ୍ଗାଲ; ୧୪ ବର୍ଷରୁ କମ ବାଳିକା ବିଭାଗରେ ତପସ୍ୱିନୀ ବିନାଟ, ଲବଲି ବିନ୍ଧାଣି, ସଞ୍ଚିତା ପଟେଲ, ଟିକେଶ୍ୱରୀ ଗଏଁତା; ୧୭ ବର୍ଷରୁ କମ ବାଳକରେ ହରିହର ଧରୁଆ, ବିଜୟ ସାହୁ ଓ ୧୪ ବର୍ଷରୁ କମ ବାଳକ ବିଭାଗରେ ହେମରାଜ ବରିହା, ମୁନା ବାଗ, ଧର୍ମରାଜ ରଣା ଓ ଯୋଗେଶ ବାଗ ସମସ୍ତ ନିଜ ଜିଲ୍ଲା ପାଇଁ ମନୋନୀତ ହୋଇଛନ୍ତି। ଏନେଇ ବିଭିନ୍ନ ମହଲରୁ ସମସ୍ତଙ୍କୁ ଶୁଭେଚ୍ଛାର ଶୁଅ ଛୁଟିଛି।

# ପଦ୍ମପୁର ସହରାଞ୍ଚଳ ଜନଆରୋଗ୍ୟ ସମିତିର ବୈଠକ

**ପଦ୍ମପୁର, ୨୦।୧୧(ସମିସ):** ପଦ୍ମପୁର କପସିଲା ସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ବୈଠକ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଆଶୁତୋଷ ହୋତାଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଯାଇଛି। ବୈଠକରେ ଆରୋଗ୍ୟ କେନ୍ଦ୍ରର ବିଭିନ୍ନ ଅସୁବିଧାଗୁଡିକ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସରକାର ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସେଗୁଡିକର ସମାଧାନ କରିବା ସହିତ ଏହି ଆରୋଗ୍ୟ କେନ୍ଦ୍ରରେ ନର୍ସିଂ ଅଫିସର, ଯୋଗ ଶିକ୍ଷକ ଆଦି ପଦବୀଗୁଡ଼ିକ ପୂରଣ ସହିତ ଭିତ୍ତିଭୂମିର ସୁଦୃଢ଼ୀକରଣ ସହିତ ଚିକିତ୍ସାଳୟର ନିଜସ୍ୱ ଗୃହ ନିର୍ମାଣ କରାଯିବା ସହିତ ଏହାର ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଆରୋଗ୍ୟ କେନ୍ଦ୍ରର ଡାକ୍ତର ରଜତ ସାହୁଙ୍କ ସହିତ ଏପିଏମ ରଞ୍ଜନ, ବିଜ୍ଞାପିତ ଅଞ୍ଚଳ ପରିଷଦର ସୌମ୍ୟବଲଭ ମହାପାତ୍ର, ହସ୍ପିଟାଲ ମ୍ୟାନେଜର ଦିବ୍ୟ ମେହେର, ସାମାଜିକ କର୍ମୀ ନିରୋଜ ଦୋରା, ଉପଖଣ୍ଡ ଚିକିତ୍ସାଳୟରର ଲଳିତ, ମୀନତୀ ସାହୁ, କରୁଣାକର ଦୀପ, ପ୍ରତିମା ଲୁହାର ପ୍ରମୁଖ ଉପସ୍ଥିତ ଥିଲେ।

# ଚେତନା ପରିଷଦ ତରଫରୁ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ ଜୟନ୍ତୀ



**ପଦ୍ମପୁର, ୨୦।୧୧(ସମିସ):** ଦିନରାଜାଜୀ ଟାଉନ ହଲ୍‌ରେ ଝାନସୀ ରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ଧୂମଧାମରେ ପାଳିତ ହୋଇଛି। ଏଥିରେ ଚେତନା ପରିଷଦର ସଭାପତି ହରିଶଙ୍କର ସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଓ ସମ୍ମାନିତ ଅତିଥି ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଯୋଗଦେଇ ଝାନସୀ ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱର ଗାଥା ଉଲ୍ଲେଖ କରିବା ସହିତ ନାରୀ ସଶକ୍ତୀକରଣ, ନାରୀ ପୁରୁଷ ତୁଳନାରେ କୌଣସି ଗୁଣରେ କମ ନୁହେଁ ବୋଲି ଆଲୋକପାତ କରିଥିଲେ। ଏଥି ସହିତ ମୀନକେତନ ସାହୁଙ୍କୁ ପରିବେଶ ସୁରକ୍ଷା ଏବଂ ଜ୍ୟୋତ୍ସ୍ନାରାଣୀ କରଙ୍କୁ ସଫଳ ମହିଳା ଉଦ୍ୟୋଗୀ ଭାବେ ସମ୍ମାନିତ କରାଯାଇଥିଲା। ମଞ୍ଚକୁ ଡ.ଦୁର୍ଗାଶିଷ ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳ ସମୟରେ ସ୍ୱର୍ଗତ ସନ୍ତୋଷ ବୈକାରଙ୍କ ସ୍ମୃତିରେ ରକ୍ତଦାନ ଶିବିର ଅୟୋଜନ କରାଯାଇ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବନେତା ପ୍ରିତେଶ ବହିଦାର ଓ ବଣିକ ସଂଘର ସଭାପତି ପ୍ରତାପ ମିଶ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟ ମନୋଜ ମହାନ୍ତି, ସତ୍ୟବ୍ରତ ସାହୁ, ଭୂପେଶ ସାହୁ, ସୁଧାଂଶୁ ତ୍ରିପାଠୀ, ଚନ୍ଦ୍ରଶେଖର ବାରିକ, ରାକେଶ ସାହୁ, ମାଧବ ସାହୁ, ରାଜେଶ ନାଏକ, ମୁକେଶ ବଗର୍ତ୍ତୀ ସହଯୋଗ କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ପଦ୍ମପୁର, ୨୦।୧୧(ସମିସ):** ଗୁରୁବାର ଦିନ ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସରଖଗେଶ୍ୱରଦାଶଙ୍କ ସଭାପତିତ୍ୱରେ ସ୍ନାତକୋତ୍ତର ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିଜି ନାମଲେଖା ଦାୟିତ୍ୱରେ ଥିବା ଡ.ସୁବୋଧ ତ୍ରିପାଠୀ, ଶିକ୍ଷକ କର୍ମଚାରୀ ସଂଘର ସମ୍ପାଦକ ପ୍ରମୋଦ ତ୍ରିପାଠୀ, ପ୍ରସାଶନିକ ମୁଖ୍ୟ ନବକୃଷ୍ଣ ମିଶ୍ର, ବିତ୍ତିକ ପ୍ରଭାତ ମହାପାତ୍ର, ଶୈକ୍ଷିକ ମୁଖ୍ୟ ଡ. ସରୋଜ ନାଏକ, ନିଶ୍ଚିତତା ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜକ ସନ୍ତୋଷ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦାନକରି ମହାବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ପ୍ରଦାନ, ଶୃଙ୍ଖଳା ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ସହିତ ମହାବିଦ୍ୟାଳୟର ସମସ୍ତ ବିଭାଗର ବିଭାଗ ମୁଖ୍ୟ, ପ୍ରାଧ୍ୟାପକ ପ୍ରାଧ୍ୟାପିକା, ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ମୋନାଲିସା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରାଧାଶ୍ୟାମ ମେହେରଙ୍କ ଜୟନ୍ତୀରେ 'ବାନ୍ଧ ଦିବସ'

**ସମ୍ବଲପୁର, ୨୦।୧୧ (ସମିସ)**

ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ବାନ୍ଧ ଶିଳ୍ପୀ ତଥା ସମ୍ବଲପୁରୀ ଶାଢ଼ୀର ସଂସ୍ଥାପକ ରାଧାଶ୍ୟାମ ମେହେରଙ୍କ ଜୟନ୍ତୀକୁ ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ବାନ୍ଧ ଦିବସ' ରୂପେ ପାଳନ କରାଯାଇଛି।




ଏହି ଅବସରରେ ଚାରିଟେବୁଲ ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ସତନାମୀ ସ୍ୱାଗତ ଅଭିଭାଷଣ ରଖି ରାଧାଶ୍ୟାମ ମେହେରଙ୍କ ଜୟନ୍ତୀକୁ 'ବାନ୍ଧ ଦିବସ' ରୂପେ ପାଳନ କରିବା ନିଷ୍ପତ୍ତି ପାଇଁ ଗର୍ବ ଅନୁଭବ କରିବାସହ ସମସ୍ତେ ଏହି ମହାନ ଶିଳ୍ପୀଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ ଏବଂ ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ମେହେର, ଡଃ ସୁବାସ ମେହେର ଏବଂ ସ୍ୱର୍ଗତ ରାଧାଶ୍ୟାମ ମେହେରଙ୍କ ନାତି ପ୍ରଦୀପ ମେହେର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡଃ ସୁରେନ୍ଦ୍ର ମେହେର ରାଧାଶ୍ୟାମ ମେହେରଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ।


'ବାନ୍ଧ କଳା ଦିବସ' କାର୍ଯ୍ୟକ୍ରମ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ସମ୍ମାନିତ ଅତିଥି ଭାବେ ଡଃ ସୁରେନ୍ଦ୍ର ମେହେର ଓ ରାମକୃଷ୍ଣ ମେହେର ଯୋଗ ଦେଇଥିଲେ। ବାନ୍ଧକଳାରେ ନିପୁଣତା ପାଇଁ ଅତିଥି ମାନଙ୍କୁ ରାଧାଶ୍ୟାମ ମେହେର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ସଂସ୍କୃତି ପରମ୍ପରା ଏବଂ ରାଧାଶ୍ୟାମ ମେହେରଙ୍କ ଜୀବନୀକୁ ସଂଗୃହୀତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉଚିତ ବୋଲି କହିଥିଲେ। ଐତିହାସିକମାନେ ରାଧାଶ୍ୟାମ ମେହେରଙ୍କ ବିଷୟରେ ଶ୍ରୋତାମଣ୍ଡଳୀଙ୍କୁ ଅବଗତ କରାଇଥିଲେ। ବିଭିନ୍ନ କ୍ଷେତ୍ରରେ ସମାଜସେବା କରୁଥିବା ସଂଗଠନ ଓ ସମାଜସେବୀ ଏବଂ ସମ୍ବଲପୁରୀ ଭାଷା ଓ ହସ୍ତତନ୍ତର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ସୋସିଆଲ ମିଡିଆ ବନ୍ଧୁ ଓ ବ୍ଲଗର୍‌ମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏବିସିଡି ଚାରିଟେବୁଲ ଟ୍ରଷ୍ଟ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଗଲା ଏବଂ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଧାଶ୍ୟାମ ମେହେରଙ୍କ ପାରମ୍ପରିକ ବସ୍ତ୍ର ପିନ୍ଧି କରାଯାଇଥିବା ରେମ୍ପ ଶୋ' ତାଙ୍କ ଉଜ୍ଜୀବିତ କଳା ନିଖୁଣତାକୁ ଦର୍ଶାଇଥିଲା। କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଦସ୍ୟ ମାସୁଦ ଆଲମ, ତନ୍ମୟ ବାରିକ, ଗୋପରଞ୍ଜନ କୁମ୍ଭାର, ଆୟୁଷ ମେହେର, ମୁକେଶ ମେହେର, ପରକ୍ଷିତ ମେହେର, ଶୁଶାନ୍ତ କେୟତ, ତର୍ପଣ ପ୍ରଧାନ, ଶ୍ରୀମନ୍ତିକା ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବାନ୍ଧ ଶିଳ୍ପୀ ତଥା ସ୍ୱାଧୀନତା ସଂଗ୍ରାମୀ ରାଧାଶ୍ୟାମ ମେହେରଙ୍କ ନାତି ପ୍ରଦୀପ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁଲିଆ ସମାଜ ପକ୍ଷରୁ ଜୟନ୍ତୀ



**ସମ୍ବଲପୁର:** ସମ୍ବଲପୁର ମେହେର ଭୁଲିଆ ସମାଜ ପକ୍ଷରୁ ନିଜସ୍ୱ ସଭାଗୃହରେ ସ୍ୱର୍ଗତ ରାଧାଶ୍ୟାମ ମେହେରଙ୍କ ଜୟନ୍ତୀ ସଭା ଆୟୋଜିତ ହୋଇଥିଲା। ଭୁଲିଆ ସମାଜ ସଭାପତି ରମାକାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ସ୍ୱର୍ଗତ ରାଧାଶ୍ୟାମ ମେହେରଙ୍କ ପଟ୍ଟଶିଷ୍ୟ ବର୍ଷିୟାନ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ସାମିଲ ହୋଇଥିଲେ। ଏହି ଉପଲକ୍ଷେ ଏକତ୍ରିତ ସମାବେଶକୁ ସମ୍ବୋଧିତ କରି ନିଜ ଗୁରୁଙ୍କ ସାନିଧ ସମୟର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଗୁରୁଙ୍କୁ ଜଣେ ଯୁଗ ଦ୍ରଷ୍ଟା ରୂପେ ବର୍ଣ୍ଣନା କରି ସେ କହିଛନ୍ତି କି ଆଜି ଯେଉଁ ବସ୍ତ୍ରକୁ ଆମେ ସମ୍ବଲପୁରୀ ବସ୍ତ୍ର ବୋଲି ଗର୍ବିତ ଏହି ପରିଚୟ ତାଙ୍କର ଅବଦାନ, ଯାହାକି କାଳକ୍ରମେ ଏହି ଜିଲ୍ଲାରୁ ରାଜ୍ୟ, ଦେଶ ଓ ବିଦେଶରେ ଏହି ମାଟିକୁ ପରିଚୟ ପ୍ରଦାନ କରିପାରିଛି। ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ମେହେର, ବରିଷ୍ଠ ଶିକ୍ଷକ ରାଧାଚରଣ ମେହେର, ମହିଳା ସମାଜ ସଭାନେତ୍ରୀ ସୁଜାତା ମେହେର, ମୋହନ ମେହେର, ପ୍ରଫୁଲ୍ଲ ମେହେର ଓ ଛତିଶଗଡ଼ରୁ ଆମନ୍ତ୍ରିତ ଅରୁଣ ମେହେର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସଭା ଆରମ୍ଭରେ ସମ୍ପାଦକ ଗୋକୁଳ ଚନ୍ଦ୍ର ମେହେର ପ୍ରାରମ୍ଭିକ ସୂଚନା ଦେବା ସହିତ କୋଷାଧ୍ୟକ୍ଷ ସୁଶିଲ ମେହେର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଶିକ୍ଷା ଯଦି ଚରିତ୍ର ନିର୍ମାଣରେ ସହାୟ ନହୁଏ, ତେବେ ତାହା ସମ୍ପୂର୍ଣ୍ଣ ବୃଥା !

-ମହାତ୍ମା ଗାନ୍ଧୀ

ସକାଳ THE SAKALA

## ତଥ୍ୟ ସୁରକ୍ଷା ସର୍ବୋପରି

ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ଏହାର ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହୋଇପାରେ।

ଅଧୁନା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ଗୋପନୀୟତାକୁ ନେଇ ବିପଦ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ଏହା ସହିତ ଯୋଡ଼ି ହୋଇଯାଇଛି ଆଧାର। ଅତୀତରେ ଆଧାରରେ ଥିବା ଭାରତୀୟଙ୍କ ତଥ୍ୟ ବିଦେଶର ତୃତୀୟ ପକ୍ଷ ସଂସ୍ଥା ହାତରେ ପଡ଼ିଥିବା ଅଭିଯୋଗ ଆସିବା ପରେ ଏହା ଆଉ ସୁରକ୍ଷିତ ନୁହେଁ ବୋଲି ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଭାରତୀୟ ନାଗରିକଙ୍କ ତଥ୍ୟ ସୁରକ୍ଷା ଏ ପର୍ଯ୍ୟନ୍ତ ଭରସାଯୋଗ୍ୟ ହୋଇପାରିନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ ଆଧାରକୁ ବିଭିନ୍ନ ସେବା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ଓ ପ୍ରମାଣପତ୍ର ରୂପେ ବ୍ୟବହାର କରାଯାଉଛି। ଯେମିତି ଏବେ ବିନା ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍‌ରେ ଜୀବନଯାତ୍ରା ଏକପ୍ରକାର ଅଚଳ, ଆଧାର ବିନା ସେବା ସେଭଳି ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ଆଧାର ସଂଲଗ୍ନ ଇ-କେୱାଇସି ନଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଖାଦ୍ୟ ନିରାପତ୍ତା ଆଇନରୁ ବାଦ୍ ପଡ଼ି ଜୀବନ ହାରିବା ଭଳି ଉଦାହରଣ ମଧ୍ୟ ଦେଖିବାକୁ ମିଳୁଛି। ବୋଧହୁଏ ଆଉ କିଛିଦିନ ପରେ ବିନା ଆଧାରରେ ହାଟ ବଜାରରୁ ପରିବା ମଧ୍ୟ ମିଳିବ ନାହିଁ। ଏଭଳି ପରିସ୍ଥିତିରେ ତଥ୍ୟ ଚୋରି ହେବା ସ୍ୱାଭାବିକ।

ବିଳମ୍ବରେ ହେଲେ ମଧ୍ୟ ସରକାର ଏ ଦିଗରେ ଚେତିଛନ୍ତି ଏବଂ ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ଯୋଜନା କରୁଛନ୍ତି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ଆଧାର ନମ୍ବରର ଆବଶ୍ୟକତାକୁ କାଣ୍ଟଛାଣ୍ଟ, ବିଶେଷକରି ଘରୋଇ ସେବା କ୍ଷେତ୍ରରେ ନିଷିଦ୍ଧ ନ କରିବା ଯାଏଁ ନାଗରିକଙ୍କ ତଥ୍ୟ ଚୋରି ଆଶଙ୍କା ସବୁବେଳେ ଲାଗି ରହିଥିବ। ଦେଶର ପ୍ରତିରକ୍ଷା ସହିତ ଆଧାରକୁ ଯୋଡ଼ା ଯାଉଛି; କିନ୍ତୁ ନିକଟରେ କାର ବୋମା ବିସ୍ଫୋରଣରେ ଜଡ଼ିତ ଏବଂ ତା'ପୂର୍ବରୁ ଗିରଫ ଆତଙ୍କବାଦୀ ଡାକ୍ତରମାନେ ମଧ୍ୟ ଭାରତୀୟ ଆଧାର କାର୍ଡଧାରୀ ଥିଲେ। ଆତଙ୍କବାଦୀମାନେ ଏକାଧିକ ଆଧାର କାର୍ଡ ପ୍ରସ୍ତୁତି ଓ ବ୍ୟବହାର କରି ନିଶ୍ଚିନ୍ତରେ ରହିଆସୁଥିବା ବେଳେ ବିଚରା ଗରିବ ସାଧାସିଧା ଜନତା ଅଧିକ ହଇରାଣ ହରକତ ହେଉଛନ୍ତି। ତଥ୍ୟ ଚୋରିକୁ ପ୍ରତିହତ କରିବା ପାଇଁ ସରକାର ଯେଉଁକେତେକ ପଦକ୍ଷେପ ନେଉଛନ୍ତି ତାହା ପ୍ରଭାବଶାଳୀ କିମ୍ବା ସମୟୋପଯୋଗୀ ନ ହେବାରୁ ଦାନ୍ତ ଓ ନଖ ନଥିବା ବାଘ ଭଳି ହେଉଛି। କୋଟି କୋଟି ଭାରତୀୟଙ୍କ ଆଧାର କାର୍ଡ କିମ୍ବା ଅନ୍ୟ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେଲେ କେବଳ ସେହି ବ୍ୟକ୍ତିବିଶେଷ କ୍ଷତିଗ୍ରସ୍ତ ହେବେ ନାହିଁ, ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡ଼ିବ। ତେଣୁ ତଥ୍ୟ ସୁରକ୍ଷା ଆଇନ ଓ ନିୟମାବଳୀକୁ ଅଧିକ କଠୋର ଓ ପ୍ରଭାବଶାଳୀ କରିବା ଆଜିର ଆହ୍ୱାନ। ●

## ସମ୍ବିଧାନର ଗରିମାକୁ ସମ୍ମାନ

ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏବଂ ସମ୍ପୃକ୍ତ ରାଜ୍ୟପାଳମାନଙ୍କ ଦ୍ୱାରା ପ୍ରେରିତ ବିଧେୟକଗୁଡ଼ିକୁ ରାଷ୍ଟ୍ରପତି ନିର୍ଦ୍ଦିଷ୍ଟ କେତେ ଦିନ ମଧ୍ୟରେ ଅନୁମୋଦନ କରିବେ ସେଥିପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏହା ସମ୍ପୂର୍ଣ୍ଣ ରୂପେ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବ୍ୟାପାର। ସର୍ବୋଚ୍ଚ ନ୍ୟାୟାଳୟଙ୍କ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ପରେ ଦୀର୍ଘଦିନ ଧରି ଲାଗି ରହିଥିବା ସାମ୍ବିଧାନିକ ସଙ୍କଟ ଓ ବିବାଦର ଅବସାନ ଘଟିଛି। ଏଥିସହିତ ସାମ୍ବିଧାନିକ ଗରିମା ଏବଂ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ଅତୁଟ ରହିଛି। ଏକ ସାର୍ବଭୌମ ରାଷ୍ଟ୍ରରେ ରାଷ୍ଟ୍ରପତି ସର୍ବୋଚ୍ଚ ଶାସନକର୍ତ୍ତା ହୋଇଥିବାରୁ ତାଙ୍କ ଉପରେ ଶୃଙ୍ଖଳା ବା କଟକଣା ଲଦି ଦେବା ଅଶୋଭନୀୟ ଏବଂ ସମ୍ବିଧାନର ମୂଲ୍ୟବୋଧ ପ୍ରତି ଅସମ୍ମାନ ଭଳି। ଖଣ୍ଡପୀଠଙ୍କ ରାୟ ଏ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ।

ଭାରତୀୟ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସେତୁ ସଦୃଶ। ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହେଲେ ମଧ୍ୟ ରାଜ୍ୟ ଶାସନରେ ଅଯଥା ହସ୍ତକ୍ଷେପ କରିପାରିବେ ନାହିଁ। କେବଳ ପରାମର୍ଶ ଦେଇପାରିବେ। ରାଜ୍ୟ ବିଧାନସଭାରେ ପାରିତ ବିଧେୟକଗୁଡ଼ିକୁ ଅନୁମୋଦନ କରିପାରିବେ, ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଇପାରିବେ କିମ୍ବା ଅନୁପଯୁକ୍ତ ମନେ ହେଲେ ବିଧାନସଭାକୁ ଫେରାଇ ପାରିବେ। ଯଦି ଦ୍ୱିତୀୟ ବାର ସମାନ ବିଧେୟକ ପାରିତ ହୁଏ ତେବେ ରାଜ୍ୟପାଳ ତାହାକୁ ଅନୁମୋଦନ କରିବାକୁ କିମ୍ବା ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ସାମ୍ବିଧାନିକ ବ୍ୟବସ୍ଥାରେ ବାଧ୍ୟ। କିନ୍ତୁ ରାଜନୈତିକ ଅସୂୟାର ବଶବର୍ତ୍ତୀ ହୋଇ କେତେକ ରଜ୍ୟର ରାଜ୍ୟପାଳ ଜାଣିଶୁଣି ବିଧେୟକଗୁଡ଼ିକୁ ପକେଇ ରଖୁଛନ୍ତି। ଏଥିରେ ରାଜ୍ୟ ଶାସନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ରାଜ୍ୟପାଳମାନଙ୍କର ଏଭଳି ଉଦ୍ଦେଶ୍ୟମୂଳକ ବାଛବିଚାର ନିଷ୍ପତ୍ତିର ସର୍ବାଧିକ କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ତାମିଲନାଡୁ, କେରଳ ଓ ପଞ୍ଜାବ ରହିଛନ୍ତି। ରାଜ୍ୟପାଳଙ୍କ ଏଭଳି ମନମୁଖି କାର୍ଯ୍ୟ ବିରୋଧରେ ତାମିଲ୍‌ନାଡୁ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ଦୁଇଜଣିଆ ଖଣ୍ଡପୀଠ ବିଧେୟକଗୁଡ଼ିକୁ ଅନୁମୋଦନ କରିବା ସହିତ ରାଜ୍ୟପାଳମାନେ ସର୍ବାଧିକ କେତେ ସମୟ ମଧ୍ୟରେ ନିଷ୍ପତ୍ତି ନେବେ ତାହା ଧାର୍ଯ୍ୟ କରିଥିଲେ। ଏଥିସହିତ ରାଷ୍ଟ୍ରପତିଙ୍କୁ ମଧ୍ୟ ପ୍ରସଙ୍ଗକୁ ଆଣି ସେ ସର୍ବାଧିକ ତିନିମାସ ଭିତରେ ବିଧେୟକଗୁଡ଼ିକୁ ଅନୁମୋଦନ କରିବାକୁ ବାଧ୍ୟ ବୋଲି ରାୟ ଦେଇଥିଲେ। ଏହା ସାମ୍ବିଧାନିକ ଅଧିକାରଗତ ଜଟିଳତା ସୃଷ୍ଟି କରିବାରୁ ମାମଲା ୫ଜଣିଆ ସମ୍ବିଧାନ ଖଣ୍ଡପୀଠକୁ ଯାଇଥିଲା।

ମାମଲାର ବିଚାର କରି ଖଣ୍ଡପୀଠ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦୁଇଜଣିଆ ଖଣ୍ଡପୀଠ ଦେଇଥିବା ସମୟସୀମା ହଟାଇ ଦେବା ସହିତ ସାମ୍ବିଧାନିକ ପଦରେ ଅଧିଷ୍ଠିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟଧାରାରେ ସମୟସୀମା କିମ୍ବା ଶୃଙ୍ଖଳା ଲାଗୁ କରିବାର ଅଧିକାର ନ୍ୟାୟାଳୟଙ୍କର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଥିସହିତ ରାଜ୍ୟପାଳମାନେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଧେୟକଗୁଡ଼ିକୁ ପକେଇ ରଖିବା ଅନୁଚିତ ବୋଲି ଯଥୋଚିତ ରାୟ ଦେଇଛନ୍ତି। ସାମ୍ବିଧାନିକ ଗରିମାର ସୁରକ୍ଷା ଓ ଲକ୍ଷ୍ମଣରେଖାର ମାନ୍ୟତା ବଜାୟ ରଖିବାକୁ ଯାଇ ଖଣ୍ଡପୀଠଙ୍କ ଏହି ସଂଶୋଧିତ ରାୟକୁ ଯଦି ସକାରାତ୍ମକ ରୂପେ ରାଜ୍ୟପାଳମାନେ ଗ୍ରହଣ କରନ୍ତି ତେବେ ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ। ●

# ବୟୋବୃଦ୍ଧ: ଆଇନରେ ସୁରକ୍ଷିତ, ସମାଜରେ ଅବହେଳିତ

ଡକ୍ଟର ଅବଶ ପରିଡ଼ା

ବୟୋବୃଦ୍ଧଙ୍କ ଭରଣପୋଷଣ କରୁନାହାନ୍ତି, କିନ୍ତୁ ପିଲାମାନେ ସମ୍ପତ୍ତି ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଉଛନ୍ତି। ପିଲାମାନଙ୍କ ଦ୍ୱାରା ବାପାଙ୍କ ସମ୍ପତ୍ତିରେ ଅଧିକାରୀ ଜାହିର କରିବା ପାଇଁ ମାମଲା କରିବା ବୟସ୍କଙ୍କ ପ୍ରତି ଏକ ଅତ୍ୟାଚାର। ଚଳିତ ମାସରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ଏହି ଐତିହାସିକ ରାୟ ଦେଇଛନ୍ତି। ସେହିପରି ପିତାମାତାଙ୍କର ଭରଣପୋଷଣରେ ଅବହେଳା କରୁଥିବା ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ ମାମଲାର ସଂଖ୍ୟା ଭାରତରେ ଏବେ ବୃଦ୍ଧି ପାଉଛି। ଉଭୟ ଭରଣପୋଷଣ ଏବଂ ତେଜ୍ୟ ପାଇଁ ହେଉଥିବା ଆବେଦନ କେବଳ ପିଲାମାନଙ୍କର ବ୍ୟକ୍ତିଗତ ଅବହେଳାର ପ୍ରତିଫଳନ ନୁହେଁ, ବରଂ ଏକ ସାମାଜିକ ପରିବର୍ତ୍ତନର ଆଭାସ। ବୟୋବୃଦ୍ଧ ପିତାମାତାଙ୍କ ସେବା ପିଲାମାନଙ୍କ ପାଇଁ ଏକଦା ନୈତିକ କର୍ତ୍ତବ୍ୟ ଥିଲା; କିନ୍ତୁ ତାହା ଏବେ ଆଇନଗତ ବାଧ୍ୟବାଧକତା ପାଲଟିଛି।

ରାଷ୍ଟ୍ରୀୟସ୍ତରର ଅନେକ ସମୀକ୍ଷା ଓ ତଥ୍ୟ ଅନୁଯାୟୀ ଭାରତର ଜନସଂଖ୍ୟାରେ ତିନୋଟି ପରିବର୍ତ୍ତନ ଦେଖାଯାଉଛି। ପ୍ରଥମ ଦୁଇଟି ହେଉଛି, ବୟୋବୃଦ୍ଧଙ୍କ ସଂଖ୍ୟା ଏବଂ ଯୁବବର୍ଗଙ୍କ ଭୌଗୋଳିକ ଗତିଶୀଳତା ବଢ଼ୁଛି। ଶେଷଟି ହେଉଛି ପିଲାମାନଙ୍କ ଉପରେ ଆର୍ଥିକ ଭାବରେ ନିର୍ଭର କରୁଥିବା ବୟସ୍କଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। 'ଇଣ୍ଡିଆ ଏଜିଂ ରିପୋର୍ଟ' ଏହାକୁ ନେଇ ଏକ ଆହ୍ୱାନ କଥା ଉଲ୍ଲେଖ କରିଛି। ତାହା ହେଉଛି, ନୂତନ ଜୀବନଶୈଳୀ ଏବଂ ସମ୍ବଳର ଅଭାବ ଯୋଗୁଁ ଆଧୁନିକ ପରିବାରଗୁଡ଼ିକ ନିଜ ଭାବପ୍ରବଣ ଦାୟିତ୍ୱ ମୁଖ୍ୟତଃ ବୃଦ୍ଧ ପିତାମାତାଙ୍କ ଭରଣପୋଷଣ, ଚିକିତ୍ସା ଓ ସେବାକୁ ନେଇ ଚାପରେ ଅଛନ୍ତି। ବୟସ୍କଙ୍କ ସେବା ଏକ ବୋଝ, ଏକ ଆଇନଗତ ଭୟ ଓ ଦାୟିତ୍ୱର ଚାପ ଭଳି ଧାରଣା ଏବେ ବିଶ୍ୱବ୍ୟାପୀ ବ୍ୟାପକ ହେବାରେ ଲାଗିଛି।

ପାରମ୍ପରିକ ଭାରତୀୟ ସମାଜରେ ପିତାମାତାଙ୍କ ଯତ୍ନ, ସେବା, ଶ୍ରଦ୍ଧା ଓ ସମ୍ମାନ ହେଉଛି ମୂଲ୍ୟବୋଧ ସନ୍ନିହିତ। କିନ୍ତୁ ଦ୍ରୁତ ସହରୀକରଣ, ପ୍ରବାସ ଏବଂ ଅଣୁ ପରିବାରର ଉତ୍ଥାନ ଇତ୍ୟାଦି ଆମ ନୈତିକ କର୍ତ୍ତବ୍ୟଗୁଡ଼ିକୁ ଏକପ୍ରକାରର ଅସ୍ପଷ୍ଟ ଦାୟିତ୍ୱରେ ପରିଣତ କରିଛି। ସମ୍ଭବତଃ, ସେଥିପାଇଁ ବୟୋବୃଦ୍ଧମାନେ ନିର୍ଯାତନା, ହିଂସା, ଅବହେଳାର ଶିକାର ହେଉଛନ୍ତି। ସମାଜଶାସ୍ତ୍ରରେ ଏହାକୁ 'ନୈତିକ ନିରନ୍ତରତାର ସଙ୍କଟ' ବୋଲି କୁହାଯାଏ। ସରଳରେ କହିଲେ, ବ୍ୟକ୍ତିଗତ କିମ୍ବା ସାମାଜିକ ନୈତିକ ଢାଞ୍ଚାର ଅଧୋପତନ ଏବଂ ଠିକ୍ କିମ୍ବା ଭୁଲକୁ ନେଇ ଆମ ଭିତରେ ବ୍ୟାପକ ଅନିଶ୍ଚିତତାର ଏହା ହେଉଛି ଏକ ପରିସ୍ଥିତି। କ୍ରମାଗତ ଭାବେ ଏହା ଯୋଗୁଁ ପରିବାର ଏକ ଆବେଗପୂର୍ଣ୍ଣ ଅନୁଷ୍ଠାନରୁ ପାରସ୍ପରିକ ଲାଭ ଚାଳିତ ପ୍ରତିଷ୍ଠାନ ଏବଂ ଆଇନଗତ ଚୁକ୍ତିରେ ପରିବର୍ତ୍ତନ ହୋଇସାରିଛି। ଅନେକ ପିଲାଙ୍କ ପାଇଁ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ଆଉ ଏକ ଆନ୍ତରିକ ଆଚରଣ ନୁହେଁ। ସମାଜବିଜ୍ଞାନୀ ୱେବରଙ୍କ ତତ୍ତ୍ୱ ଅନୁସାରେ ଆମର ସାମାଜିକ ଜୀବନ ଏକ ପ୍ରକ୍ରିୟାରେ ପାରମ୍ପରିକ ଢାଞ୍ଚାରୁ ଆଇନଗତ-ଯୌକ୍ତିକ କର୍ତ୍ତୃପକ୍ଷକୁ ଆଡ଼କୁ ଗତି କରେ। ଉଦାହରଣ ସ୍ୱରୂପ, ସନ୍ତାନର ଧର୍ମ, କର୍ତ୍ତବ୍ୟ ଏବଂ ନୈତିକ କ୍ରମକୁ ଅମଲାତାନ୍ତ୍ରିକ ପ୍ରକ୍ରିୟା, ଯେପରିକି ଆଧିକାରିକ ସୂଚନା, ଟ୍ରିବ୍ୟୁନାଲ୍ ଶୁଣାଣି, ବହିଷ୍କାର ଆଦେଶ ଦ୍ୱାରା ଆକାର ଦିଆଯାଉଛି। ତେଣୁ ଅବହେଳିତ ପିତାମାତାମାନେ ଆଉ ସ୍ନେହ ବନ୍ଧନ ଆଶା କରୁନାହାନ୍ତି। ପ୍ରତିବାଦରେ ଦୁଃଖ ଓ ନିର୍ଯାତନାର ଆଇନଗତ ସ୍ୱୀକୃତି ପାଇଁ ସେମାନେ ଅଦାଲତର ଆଶ୍ରୟ ନେଉଛନ୍ତି।

ବୃଦ୍ଧ ପିତାମାତାଙ୍କୁ ନିଃସହାୟ ନ କରିବା ପାଇଁ 'ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ'- ୨୦୦୭ ପ୍ରଣୟନ କରାଯାଇଥିଲା। ବୃଦ୍ଧ ପିତାମାତାଙ୍କ ମୌଳିକ ଆବଶ୍ୟକତା, ଆଶ୍ରୟ ଓ ମାସିକ ଭତ୍ତା ପ୍ରଦାନ କରିବାକୁ ଏହା ପିଲାମାନଙ୍କୁ କିମ୍ବା ଉତ୍ତରାଧିକାରୀମାନଙ୍କୁ ଆଦେଶ କରିଥାଏ। ଏଥିରେ ନିୟମ ଅଛି ଯେ ଯଦି ଅବହେଳିତ ହୁଅନ୍ତି ତେବେ ପିତାମାତାମାନେ ଏକ ଭରଣପୋଷଣ ଟ୍ରିବ୍ୟୁନାଲରେ ଏହା ବିରୁଦ୍ଧରେ ଆବେଦନ ଦାଖଲ କରିପାରିବେ। ଟ୍ରିବ୍ୟୁନାଲ ମାସିକ ଭରଣପୋଷଣ ୧୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ପିଲାମାନଙ୍କୁ ପିତାମାତାଙ୍କ ସମ୍ପତ୍ତିର ଅଧିକାରରୁ ବାଦ୍ ଦେଇପାରିବେ।

ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ବୟସ୍କମାନେ ନିଜ ଭରଣପୋଷଣ ପାଇଁ ପିଲାମାନଙ୍କ ମଧ୍ୟରେ ବାଣ୍ଟି ହୋଇଯାଇଛନ୍ତି। ପିତାମାତାଙ୍କୁ ପିଲାମାନେ ଭାଗରେ ରଖିବାକୁ କିଛି ଆଧାର ଅଛି। ଯଥା ପିଲାମାନଙ୍କ ରହୁଥିବା ସ୍ଥାନ, ଚାକିରି ଓ ଆର୍ଥିକ କ୍ଷମତା ଇତ୍ୟାଦି। ଏକ ଘରୋଇ ଗବେଷଣାର ତଥ୍ୟ ଅନୁଯାୟୀ ବୟସ୍କଙ୍କ ଦ୍ୱାରା ନ୍ୟାୟାଳୟରେ ଆବେଦନର ସଂଖ୍ୟା ବଢ଼ିବାର ଦୁଇଟି କାରଣ ଅଛି। ପ୍ରଥମଟି, କେଉଁ ପିଲା ସେମାନଙ୍କୁ କେତେଦିନ ଭାଗରେ ରଖିବେ ଏବଂ ଦ୍ୱିତୀୟ, ପିଲାମାନଙ୍କ ମଧ୍ୟରେ ଜରୁରିକାଳୀନ ଖର୍ଚ୍ଚ ବହନର ଦ୍ୱନ୍ଦ୍ୱ। ଦିଲ୍ଲୀ ବରିଷ୍ଠ ନାଗରିକ ଟ୍ରିବ୍ୟୁନାଲ୍‌ର ଏକ ଆବେଦନର ଉଦାହରଣ ଏଠାରେ ନେବା। ୮୨ ବର୍ଷୀୟ ଦମ୍ପତି ତାଙ୍କ ପୁଅ ଓ ବୋହୂଙ୍କୁ ସମ୍ପତ୍ତିରୁ ବାସନ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ। ଯୁକ୍ତି ଥିଲା ଯେ ପୁଅ-ବୋହୂ ରକ୍ଷଣାବେକ୍ଷଣ ଓ ଭରଣପୋଷଣ କରୁନାହାନ୍ତି, ବରଂ ସମ୍ପତ୍ତି ଉପଭୋଗ ଓ ଦଖଲ କରି ରଖିଛନ୍ତି। ଦିଲ୍ଲୀ ଟ୍ରିବ୍ୟୁନାଲ୍ ଏମ୍‌ଡବ୍ଲୁପିଏସ୍‌ସି ଆଇନ ଅନୁଯାୟୀ ପୁଅକୁ ସମ୍ପତ୍ତିରୁ ବେଦଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ପୁଅର ଯୁକ୍ତି ଥିଲା ଯେ ତାଙ୍କ ଭାଇ ମଧ୍ୟ ସମାନ ଦାୟିତ୍ୱ ବାଣ୍ଟିବା ଉଚିତ। ବିଡ଼ମ୍ବନା ଯେ ଦୁଇ ଭାଇ ମିଳିତ ଯତ୍ନ ଗ୍ରହଣ କରିବାକୁ ମନା କରିଥିଲେ। ସୂଚାଇ ଦେବାକୁ ଚାହେଁ ଯେ ପିଲାମାନଙ୍କ ଏହି ନିଷ୍ପତ୍ତିରେ ଟ୍ରିବ୍ୟୁନାଲ୍ ବିଶେଷ କିଛି ସାହାଯ୍ୟ କରିପାରିବେ ନାହିଁ।

ଟ୍ରିବ୍ୟୁନାଲ୍ ଦେଉଥିବା ରାୟ ମଧ୍ୟ ସମାନ ପ୍ରକାରର ନୁହେଁ। ବୟସ୍କଙ୍କ ଭରଣପୋଷଣ ଆଇନର ନ୍ୟାୟିକ ବ୍ୟାଖ୍ୟା ବିବାଦୀୟ ବୋଲି ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନ ପ୍ରକାଶ କରିଛି। ଏହା ଅନୁଯାୟୀ ପିତାମାତାଙ୍କ ସମ୍ପତ୍ତିରୁ ପିଲାଙ୍କୁ ବେଦଖଲ କରିବାର ପ୍ରଶାସନିକ କର୍ତ୍ତୃପକ୍ଷଙ୍କ କ୍ଷମତାକୁ କିଛି ଖଣ୍ଡପୀଠ ସୀମିତ ରଖିଛନ୍ତି। କେଉଁଠି ବେଦଖଲ ମଧ୍ୟ କରିଛନ୍ତି। ଅନ୍ୟ କିଛି ପରିସ୍ଥିତିରେ ଟ୍ରିବ୍ୟୁନାଲ୍ ବେଦଖଲ ନିର୍ଦ୍ଦେଶ ଜାରି କରିଛନ୍ତି କିନ୍ତୁ ଅପବ୍ୟବହାର କିମ୍ବା ଦଖଲ ପ୍ରମାଣିତ ହୋଇନାହିଁ। ତେଣୁ ଏହା ଦର୍ଶାଉଛି ଯେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଆଇନକୁ ଉଭୟ ଢାଲ ଭାବରେ ଏବଂ ପରିବାର ମଧ୍ୟରେ ଦ୍ୱନ୍ଦ୍ୱର ଏକ ବିବାଦୀୟ ଉପକରଣ ଭାବରେ ବ୍ୟବହାର କରାଯିବାର ସମ୍ଭବନା ଅଛି। କିଛିଦିନ ତଳେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ କହିଛନ୍ତି ଯେ ଭରଣପୋଷଣ ଟ୍ରିବ୍ୟୁନାଲ୍, ଆପିଲେଟ୍ ଟ୍ରିବ୍ୟୁନାଲ୍ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁଯାୟୀ ଆବେଦନ ଉପରେ କୌଣସି ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବାହାର କରିବା ପାଇଁ କୌଣସି ବହିଷ୍କାର ଆଦେଶ ପ୍ରଦାନ କରିବାର କ୍ଷମତା ନାହିଁ। ସେହିପରି ଚଳିତ ବର୍ଷର ଏକ ମିଡିଆ ରିପୋର୍ଟ କୁହେ ଯେ ବୃଦ୍ଧ ପିତାମାତା ଉପହାର କିମ୍ବା ଉତ୍ତରାଧିକାର ପ୍ରତିଶ୍ରୁତି ମାଧ୍ୟମରେ ସମ୍ପତ୍ତି ହସ୍ତାନ୍ତର ପରେ ମଧ୍ୟ ସେମାନେ ଅବହେଳାର ଶିକାର ହେଉଛନ୍ତି। ତେଣୁ ମାସିକ ଅନେକ ଆବେଦନ ଆସୁଛି। ବିହାର, ଛତିଶଗଡ଼ର ଟ୍ରିବ୍ୟୁନାଲ୍ ଏବଂ କିଛି ପ୍ରଶାସନିକ ନିର୍ଦ୍ଦେଶ ଦ୍ୱାରା ବହୁତ ସମ୍ପତ୍ତି ସ୍ଥାନାନ୍ତରକୁ ବାତିଲ କରାଯାଇଛି।

ତେଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଆଇନ କିମ୍ବା ସ୍ୱେଚ୍ଛାକୃତ ସମ୍ପତ୍ତି ସ୍ଥାନାନ୍ତର ବୟସ୍କମାନଙ୍କୁ ଆଶ୍ୱସ୍ତି ଦେଇପାରିବ ନାହିଁ। ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଏହି ଆଇନ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବାରେ ଅସମର୍ଥ ବୋଲି ଅନେକ ଯୁକ୍ତି ବାଢ଼ୁଛନ୍ତି। ପ୍ରଥମ କାରଣ ହେଉଛି ଏହା କଲ୍ୟାଣ ଉପରେ ନୁହେଁ, ଭରଣପୋଷଣ ଉପରେ ଧ୍ୟାନ ଦେଉଛି। ଚିକିତ୍ସା ଖର୍ଚ୍ଚ, ଔଷଧ, ସହାୟକ ଉପକରଣ, ପରିବହନ ଓ ବର୍ଦ୍ଧିତ ସହରାଞ୍ଚଳ ଜୀବନଯାପନ ଖର୍ଚ୍ଚ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ। ଦ୍ୱିତୀୟଟି ହେଉଛି ଆଦେଶ କାର୍ଯ୍ୟକାରିତା କରିବାରେ ସମସ୍ୟା। ଯଦି ପିଲାମାନେ ଦେୟ ଦେବାକୁ ମନା କରନ୍ତି, ତେବେ ଟ୍ରିବ୍ୟୁନାଲ୍‌ର ଅନୁପାଳନକୁ ବଳବତ୍ତର କରିବା ପାଇଁ ସେମିତି କିଛି ଶକ୍ତ ଉପାୟ ନାହିଁ। ଅବଶ୍ୟ ଏକମାତ୍ର ଯତ୍ନ ନେଉଥିବା ପିଲା ବା ଆର୍ଥିକ ଦୁର୍ବଳ ପିଲାମାନଙ୍କ ଉପରେ ଚାପ ହ୍ରାସ କରିବା ପାଇଁ ରାଷ୍ଟ୍ର ଦ୍ୱାରା ପେନସନ, ସମ୍ପ୍ରଦାୟ-ଭିତ୍ତିକ ବୃଦ୍ଧାଶ୍ରମ ଏବଂ ସୁଲଭ ବାର୍ଦ୍ଧକ୍ୟ ସେବାକୁ ବିସ୍ତାର କରାଯାଉଛି।

ପିଲାମାନଙ୍କ ଦ୍ୱାରା ଅବହେଳିତ କିମ୍ବା କୌଣସି ଭରଣପୋଷଣ ପାଉ ନଥିବା ବୃଦ୍ଧମାନଙ୍କ ଉପରେ ଆର୍ଥିକ ଚାପ ପର୍ଯ୍ୟବସିତ ନିଜସ୍ୱ ଗବେଷଣାରୁ ଜଣାପଡ଼ିଛି ଯେ ବୟୋବୃଦ୍ଧମାନେ ଆର୍ଥିକ ସାହାଯ୍ୟ ବିନା ଆଶ୍ରୟ, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ ଖର୍ଚ୍ଚ ଭଳି ମୌଳିକ ଆବଶ୍ୟକତା ଠାରୁ ଖୁବ ଦୂରରେ। ଯାହା ଫଳରେ ତୀବ୍ର ଦାରିଦ୍ର୍ୟ ଓ ସ୍ୱାସ୍ଥ୍ୟର ଅବନତି ଘଟୁଛି। ପୁରୁଷଙ୍କ ଅପେକ୍ଷା ଭାରତୀୟ ବୃଦ୍ଧା ମହିଳା, ମୁଖ୍ୟତଃ ବୃଦ୍ଧା ବିଧବା ମହିଳାମାନେ ଆର୍ଥିକ ଚାପ ଓ କମ୍ ଆର୍ଥିକ ସୁରକ୍ଷା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ରାଷ୍ଟ୍ର କିମ୍ବା ଆଇନ ଦ୍ୱାରା ଶ୍ରଦ୍ଧା, ସେବା ଓ ସମ୍ମାନ ଥିବା ସମ୍ପର୍କକୁ ପୁନଃ ସୃଷ୍ଟି କରିବା ଅସମ୍ଭବ। ତେଣୁ ଏକ ସ୍ଥାୟୀ ଆଇନଗତ ସୁରକ୍ଷା ଓ ସୁସ୍ଥ ସାମାଜିକ ନୀତି ସହିତ ଆନ୍ତଃପିଢ଼ିଗତ ଦାୟିତ୍ୱକୁ ପୁନଃପରିଭାଷିତ କରିବାର ଆବଶ୍ୟକତା ଅଛି। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବିଜ୍ଞାନ ଅଧ୍ୟୟନ ଓ ବୈଜ୍ଞାନିକ ମନୋଭାବ

ପ୍ରଶାନ୍ତ ମିଶ୍ର

ମଣିଷ ଚିରକାଳ ଏକ ଜିଜ୍ଞାସୁ, କୌତୂହଳୀ ଓ ଅନୁସନ୍ଧିତ୍ସୁ ସତ୍ତା। ଅନ୍ଧ ଭାବେ ସେ କୌଣସି କଥାକୁ ମାନି ନିଏ ନାହିଁ। ପ୍ରଶ୍ନ କରେ, ତର୍କ ରଖେ, ପ୍ରମାଣ ଲୋଡ଼େ ଓ ଯଥାର୍ଥତା ଉପରେ ଗୁରୁତ୍ୱ ଦିଏ। ମହାଜନମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ପନ୍ଥାରେ ନିରପେକ୍ଷତାର ଉପାଦାନ ଖୋଜେ। ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କ 'ଯୁକ୍ତିପ୍ରିୟ ଭାରତୀୟ' ଅନୁଯାୟୀ ବୈଜ୍ଞାନିକ ମନୋଭାବ (ସାଇଣ୍ଟିଫିକ୍ ଟେମ୍ପର) ଆମ ଆଦର୍ଶବାଦର ଏକ ଅବିଚ୍ଛେଦ୍ୟ ଅଂଶ। ଉପନିଷଦ ରଚନା କାଳରୁ ଏହା ଭାରତରେ ରହି ଆସିଛି। ବୌଦ୍ଧ ସୂତ୍ରସାହିତ୍ୟରୁ ବି ଜଣାପଡ଼େ ଯେ ବୁଦ୍ଧ କୌଣସି କଥାକୁ ଅନ୍ଧ ଭାବେ ମାନିନେବା ସପକ୍ଷରେ ନଥିଲେ। କେବଳ ଗୁରୁଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଗୁରୁ ଯାହା କହିଛନ୍ତି, ତାହା ସତ୍ୟ ଓ ଅକାଟ୍ୟ ବୋଲି ବିଶ୍ୱାସ କରିଯିବା ତାଙ୍କ ପାଇଁ ଗ୍ରହଣୀୟ ନଥିଲା।

ପାଶ୍ଚାତ୍ୟରେ ଊନବିଂଶ ଶତାବ୍ଦୀର ପ୍ରାୟ ମଧ୍ୟଭାଗରୁ 'ବୈଜ୍ଞାନିକ ମନୋଭାବ' ବାକ୍ୟାଂଶଟିର ବ୍ୟବହାର ବଢ଼ିଥିବା ଜଣାପଡ଼େ। ଏକଦା ଜଣେ ଖ୍ରୀଷ୍ଟୀୟ କ୍ୟାଥୋଲିକ୍ ବିଦ୍ୱାନ ଥୋମାସ୍ ଏ ହକ୍ସ୍ଲ ଏହାର ବିଶ୍ଳେଷଣ କରି କହିଥିଲେ - ବୈଜ୍ଞାନିକ ମନୋଭାବ ଏକ ତ୍ରୁଟି-ବିରୋଧୀ ଯତ୍ନଶୀଳତା ଓ ଅନମନୀୟ ସଠିକତା। ବର୍ଟାଣ୍ଡ ରସେଲ୍ 'ଫ୍ରି ଥଟ୍ ଆଣ୍ଡ ଅଫିସିଆଲ୍ ପ୍ରୋପାଗଣ୍ଡା' ଶୀର୍ଷକ 'କନୱେ ମେମୋରିଆଲ୍ ଲେକ୍‌ଚର୍' ଅବସରରେ ଆଇନଷ୍ଟାଇନଙ୍କ 'ଥିଓରି ଅଫ୍ ରିଲେଟିଭିଟି' ବିଶ୍ୱସ୍ତରରେ ଗୃହୀତ ହେବା ବୈଜ୍ଞାନିକ ମନୋଭାବର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ମତ ଦେଇଥିଲେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ବୈଜ୍ଞାନିକ ମନୋଭାବ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଥିଲା। ତାଙ୍କ 'ଭାରତ ଆବିଷ୍କାର' (ଡିସ୍କଭରି ଅଫ୍ ଇଣ୍ଡିଆ) ଜରିଆରେ ସେ ବୈଜ୍ଞାନିକ ମନୋଭାବକୁ ଜନପ୍ରିୟ କରାଇବା ପାଇଁ ଉଦ୍ୟମ କରିଥିଲେ।

ଧର୍ମ ସ୍ୱତଃପ୍ରବୃତ୍ତ ଆବେଗ, ଉତ୍କଣ୍ଠା ଓ ସ୍ୱତଃସ୍ଫୂର୍ତ୍ତ ଅବବୋଧ ଉପରେ ଆସ୍ଥା ରଖେ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ର ସକାଶେ ଏହାର ବ୍ୟବହାରଯୋଗ୍ୟତା ରହିଛି ବୋଲି ନିଶ୍ଚିତ ଥାଏ। ଏପରିକି ବୌଦ୍ଧିକ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ପାଇଁ ଯେଉଁ କ୍ଷେତ୍ରଗୁଡ଼ିକ ଅନୁକୂଳ, ସେହି କ୍ଷେତ୍ରଗୁଡ଼ିକୁ ବି ବାଦ ଦେବାକୁ ଚାହେଁନାହିଁ। ମନ ମସ୍ତିଷ୍କର ବାତାୟନକୁ ବନ୍ଦ ରଖି ଅନ୍ଧତ୍ୱ, ଅସହନଶୀଳତା, ଅସଙ୍ଗତି ଓ ଅଯୌକ୍ତିକତା ପ୍ରଭୃତିକୁ ଉତ୍ସାହିତ କରେ। ତେଣୁ କୁହାଯାଇପାରେ ଧର୍ମ ନିର୍ଭରଶୀଳ ଓ ଅମୁକ୍ତ ମଣିଷର ବିଶ୍ୱାସପ୍ରବଣତା-ଆଧାରିତ ଏକ ମନୋଭାବ। ଅନ୍ୟପକ୍ଷରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବ କ୍ଷୁଧା, ଦାରିଦ୍ର୍ୟ, ଅସ୍ୱାସ୍ଥ୍ୟକର ପରିବେଶ ଓ ନିରକ୍ଷରତା, ଅନ୍ଧବିଶ୍ୱାସ ଓ ନିଶ୍ଚେତକ ପ୍ରଥା ପରମ୍ପରା ଏବଂ ଅଯଥାର୍ଥ ସମ୍ବଳକ୍ଷୟ ଜନିତ ସମସ୍ୟାସବୁର ସମାଧାନ ପାଇଁ ସାମର୍ଥ୍ୟ ରଖେ। ଆମ ସମ୍ବିଧାନ ଅନୁଯାୟୀ ବି ବୈଜ୍ଞାନିକ ମନୋଭାବ, ମାନବତାବାଦ ଓ ଅନୁସନ୍ଧିତ୍ସୁ ଚିତ୍ତବୃତ୍ତିର ବିକାଶ ଘଟାଇବା ନାଗରିକର ଅନ୍ୟତମ ମୌଳିକ କର୍ତ୍ତବ୍ୟ।

ତୃଣମୂଳ ସ୍ତରରେ ବୈଜ୍ଞାନିକ ମନୋଭାବକୁ ଆଦୃତ କରାଇବା ପାଇଁ ୧୯୫୨ -୫୩ ରେ ଭାରତ ସରକାରଙ୍କ ଦ୍ୱାରା ପ୍ରଥମ ବଳିଷ୍ଠ ପଦକ୍ଷେପ ନିଆ ଯାଇଥିଲା। ତତ୍କାଳୀନ 'କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ'(ସିଏସ୍‌ଆଇଆର୍) ମୁଖ୍ୟ ତଥା 'ଫାଦର୍ ଅଫ୍ ରିସର୍ଚ୍ଚ ଲାବୋରଟାରିଜ୍' ନାମରେ ପରିଚିତ ଶାନ୍ତି ସ୍ୱରୂପ ଭଟ୍ଟନାଗର ଏହାର ନେତୃତ୍ୱ ନେବା ସହ ବିଜ୍ଞାନ, ଟେକ୍ନୋଲୋଜି ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ହୋମି ଜାହାଙ୍ଗୀର ଭାବା, ବିକ୍ରମ ସରାଭାଇ ଓ ସମଶ୍ରେଣୀୟ ଅନ୍ୟ ବୈଜ୍ଞାନିକମାନଙ୍କର ବି ସ୍ୱାଧୀନତାପ୍ରାପ୍ତି ପରବର୍ତ୍ତୀ ଭାରତର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ରହିଥିଲା।

ଅନ୍ୟପକ୍ଷରେ ବୈଜ୍ଞାନିକ ମନୋଭାବର ବିକାଶକୁ ପ୍ରତିହତ କରିବା ପାଇଁ ସେତେବେଳେ ଉଦ୍ୟମ ଚାଲିଥିଲା ଏବଂ ଏବେ ବି ଉଦ୍ୟମ ଜାରି ରହିଛି। ନିଜକୁ ସ୍ୱାମୀ, ବାବା, ମାତା, ଗୁରୁ, ତାନ୍ତ୍ରିକ, ଫକୀର ପ୍ରଭୃତି ରୂପେ ପରିଚିତ କରାଇ ବହୁ ଭଣ୍ଡ ଏ ଦିଗରେ କାର୍ଯ୍ୟ କରିଚାଲିଛନ୍ତି। ବିଜ୍ଞାପନ ଜରିଆରେ ଲୋକଙ୍କୁ ଆକର୍ଷିତ କରି ବିଭିନ୍ନ ବ୍ୟକ୍ତିଗତ ସମସ୍ୟାର ସମାଧାନ ଓ ବ୍ୟାଧି ନିବାରଣ ପାଇଁ କର୍ମକାଣ୍ଡୀୟ ଉପଦେଶ ଦେଉଛନ୍ତି ଓ ଉତ୍ପାଦ ବିକ୍ରି କରୁଛନ୍ତି। ସେମାନଙ୍କ ଜାଲରେ ଧରା ଦେବାକୁ ଦୌଡ଼ୁଛନ୍ତି ତଥାକଥିତ ଶିକ୍ଷିତ ଓ ପ୍ରଭାବଶାଳୀ ଲୋକ। ରାଜନୈତିକ ପୃଷ୍ଠପୋଷକତା ବି ସେମାନଙ୍କୁ ମିଳୁଛି।

ବିଜ୍ଞାନ ଅଧ୍ୟୟନ ସହିତ ବୈଜ୍ଞାନିକ ମନୋଭାବର ବିଶେଷ ସମ୍ପର୍କ ନାହିଁ। ଯଦି ଥା'ନ୍ତା, ତେବେ ବୈଜ୍ଞାନିକ ମହାକାଶକୁ ଯାନ ପଠାଇବା ପୂର୍ବରୁ ସଫଳତା ପାଇବା ଆଶାରେ ଉପାସନା ସ୍ଥଳକୁ ଯାଇ ପୂଜାର୍ଚ୍ଚନା କରନ୍ତେ ନାହିଁ କି ଧର୍ମଗୁରୁମାନଙ୍କ ଆଶୀର୍ବାଦ ଲୋଡ଼ନ୍ତେ ନାହିଁ। ବୈଜ୍ଞାନିକ ମନୋଭାବର ଅଗ୍ରଗାମୀତ୍ୱକୁ ବଜାୟ ରଖିବା ପାଇଁ ତେଣୁ ବିଜ୍ଞାନ ପଢ଼ିବା ଅପେକ୍ଷା ଅଧିକ ଜରୁରୀ, ହେଲା ନିଷ୍କପଟ ସନ୍ଦେହ ପୋଷଣ, ପକ୍ଷପାତିତା ଓ ଘୃଣା ବିଦ୍ୱେଷରୁ ମୁକ୍ତି, ବାସ୍ତବତା ଉପରେ ଗୁରୁତ୍ୱ ଆରୋପ, ଅପ୍ରମାଣ-ଆଧାରିତ ନିଷ୍ପତ୍ତି ବା ସିଦ୍ଧାନ୍ତକୁ ନାକଚ କରିବାର ସାମର୍ଥ୍ୟ। ●

କାଶୀନଗର(ଗଜପତି),ମୋ: ୭୮୭୩୫୭୩୫୬୯

# ଶକୁନି ମନ୍ଦିର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

ମହାଭାରତର ମୁଖ୍ୟ ଖଳନାୟକ ଶକୁନିଙ୍କ ଚତୁରତା ଓ ଚକ୍ରାନ୍ତ ଅତୁଳନୀୟ। ଆଜି ମଧ୍ୟ କୌଣସି କୁବୁଦ୍ଧି ବା କୁଚକ୍ରାନ୍ତକାରୀଙ୍କୁ ଶକୁନିଙ୍କ ସହ ତୁଳନା ଓ ଭର୍ତ୍ସନା କରାଯାଏ। ଶକୁନି ଖଳ ଓ ଦୁରାଚାରୀ ଚରିତ୍ରଯୁକ୍ତ ହୋଇଥିଲେ ମଧ୍ୟ ଦକ୍ଷିଣ ଭାରତରେ ତାଙ୍କର ଏକ ମନ୍ଦିର ଅଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କେତେକ ପୌରାଣିକ କଥାବସ୍ତୁକୁ ଆଧାର କରି ଶକୁନିଙ୍କୁ ଦେବତୁଲ୍ୟ ବିଚାର କରାଯାଇଛି। ଯଥା - ଅଧର୍ମର ବିନାଶ ଓ ଧର୍ମର ସଂସ୍ଥାପନ ପାଇଁ ଦେବତାଙ୍କ କ୍ରୋଧରୁ ସୃଷ୍ଟି ଶକୁନି ଦ୍ୱାପର ଯୁଗରେ ଧରାପୃଷ୍ଠରେ ଜନ୍ମ ନେଇଥିଲେ। କାଳକ୍ରମେ ସେ ପାଣ୍ଡବ ଓ କୌରବଙ୍କ ମଧ୍ୟରେ ବିଭାଜନ କରାଇ ଯୁଦ୍ଧର ତାଣ୍ଡବ ରଚନା କଲେ। ମହାଭାରତ ଯୁଦ୍ଧ ଦ୍ୱାରା ଅଧର୍ମର ବିନାଶ ଓ ଧର୍ମର ଜୟଗାନ ହେଲା।

କେରଳର କୋଲ୍ଲମ ଜିଲ୍ଲାରେ ଶକୁନିଙ୍କୁ ସମର୍ପିତ ଏହି ମନ୍ଦିରକୁ 'ମଲନାଡ ମନ୍ଦିର' କୁହାଯାଉଛି। ଏହି ମନ୍ଦିର 'ମାୟମକୋଟ୍ଟୁ ମଳଂଚାରୁବୁ ମଲନାଡ ମନ୍ଦିର' ଭାବେ ମଧ୍ୟ ଜଣାଶୁଣା। ଯେଉଁଠାରେ ଶକୁନି ମହାଦେବଙ୍କୁ ତପସ୍ୟା କରି ପ୍ରସନ୍ନ କରିଥିଲେ ସେଠାରେ ଏହି ମନ୍ଦିର ନିର୍ମାଣ କରାଯାଇଛି। ସ୍ଥାନୀୟ ଜନଶ୍ରୁତି ଅନୁସାରେ ଏଠାରେ ମହାଦେବ ଶକୁନିଙ୍କୁ ସାକ୍ଷାତ ଦର୍ଶନ ଦେଇ ମୁକ୍ତି ପ୍ରଦାନ କରିଥିଲେ। ଯେଉଁ ଶିଳା ଉପରେ ଶକୁନି ତପସ୍ୟାରତ ଥିଲେ, ତାହା ଆଜି ମଧ୍ୟ ବିଦ୍ୟମାନ ଅଛି, ଯାହା 'ପବିତ୍ରେଶ୍ୱରମ୍' ଭାବେ ପରିଚିତ। ତେଣୁ ଏହି ମନ୍ଦିର ଶକୁନିଙ୍କର ପଶ୍ଚାତାପ ଏବଂ ମହାଦେବଙ୍କ ଆଶୀର୍ବାଦର ପ୍ରତୀକ ଭାବେ ରହିଛି। ଭକ୍ତମାନଙ୍କର ଅତୁଟ ବିଶ୍ୱାସ ରହିଆସିଛି ଯେ, ଏହି ମନ୍ଦିରରେ ବିଧିବିଧାନର ସହ ଶକୁନିଙ୍କ ପୂଜା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ମନ୍ଦିରକୁ ଗୋଟିଏ ତନ୍ତ୍ରପୀଠ ଭାବରେ ମଧ୍ୟ ଖ୍ୟାତି ମିଳିଛି। ଗୁପ୍ତ ସିଦ୍ଧି ପ୍ରାପ୍ତ କରିବା ପାଇଁ ଏଠାରେ ତାନ୍ତ୍ରିକମାନଙ୍କର ଭିଡ଼ ଅନେକ ସମୟରେ ଦେଖିବାକୁ ମିଳେ। ଏଠାରେ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ମଧ୍ୟ ପୂଜା କରାଯାଉଛି। ପ୍ରତିବର୍ଷ ଏଠାରେ 'ମଲକୁଡ୍ଡା ମହୋଲସବମ' ନାମକ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ପାରମ୍ପରିକ ରୀତିନୀତି ଅନୁସାରେ ଶକୁନିଙ୍କର ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ ଏବଂ ହଜାର ହଜାର ଶ୍ରଦ୍ଧାଳୁ ଉକ୍ତ ପୂଜାରେ ଯୋଗ ଦେଇଥା'ନ୍ତି। ସ୍ଥାନୀୟ ଲୋକଙ୍କ ବ୍ୟତୀତ ଭାରତର ଅନେକ ସ୍ଥାନରୁ ମଧ୍ୟ ଭକ୍ତମାନେ ଏହି ଭବ୍ୟ ଉତ୍ସବରେ ଯୋଗ ଦେଇ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ପୂଜା କରି ଆଶିଷ ଭିକ୍ଷା କରିଥା'ନ୍ତି।

କେବଳ କେରଳରେ ଶକୁନି ମନ୍ଦିର କାହିଁକି ପ୍ରତିଷ୍ଠା ହେଲା, ସେ ସମ୍ପର୍କରେ ଗୋଟିଏ ଲୋକକଥା ଅଛି। କଥା ଅନୁସାରେ, ଯୁଦ୍ଧଭୂମିରେ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ, ଅଗଣିତ ସୈନିକଙ୍କର ରକ୍ତରଞ୍ଜିତ ମୃତ ଶରୀର, ରାଜ୍ୟଗୁଡ଼ିକର ବିଭାଜନ, ହାହାକାର ଓ ଶିଶୁଙ୍କ ଆର୍ତ୍ତନାଦ ଦେଖିବା ପରେ ଶକୁନି ପଶ୍ଚାତାପର ଅଗ୍ନିରେ ଜଳିବାକୁ ଲାଗିଲେ। ନିଜକୁ ବହୁବାର ଧିକ୍କାର କରିବା ପରେ ସେ ପଶ୍ଚାତାପ ମନସ୍କ ହୋଇ ବାନପ୍ରସ୍ଥରେ ବାହାରିଲେ। ତପସ୍ୟା କରିବା ପାଇଁ ଶାନ୍ତିର ସନ୍ଧାନରେ ସେ ଆସି ପହଞ୍ଚିଲେ କେରଳର କୋଲ୍ଲମଠାରେ। ଏଠାରେ ସେ ମହାଦେବଙ୍କୁ ତପସ୍ୟା କରି ପ୍ରାୟଶ୍ଚିତ କରିବା ପାଇଁ ସ୍ଥିର କଲେ ଏବଂ ଶତାଧିକ ବର୍ଷ ତପସ୍ୟା କରିବା ପରେ ମହାଦେବ ସ୍ୱୟଂ ଶକୁନିଙ୍କୁ ଦର୍ଶନ ଦେଇ ତାଙ୍କର ମନସ୍କାମନା ପୂର୍ଣ୍ଣ କରିବା ସହ ତାଙ୍କୁ ମୁକ୍ତି ପ୍ରଦାନ କଲେ। ତେଣୁ ସମୟକ୍ରମେ ଏହି ସ୍ଥାନରେ ଶକୁନିଙ୍କ ମନ୍ଦିର ନିର୍ମାଣ ହେଲା ଏବଂ ଉକ୍ତ ତପସ୍ୟା ଶିଳା ମହାଦେବଙ୍କ ଆଶିଷପ୍ରାପ୍ତ ହୋଇ 'ପବିତ୍ରେଶ୍ୱରମ୍' ନାମରେ ଖ୍ୟାତ ହେଲା।

କୋଲ୍ଲମଠାରେ କେବଳ ଶକୁନିଙ୍କ ମନ୍ଦିର ସହିତ ଦୁର୍ଯ୍ୟୋଧନ ଓ କୌରବ ୧୦୦ ଭାଇ ଓ ଭଗ୍ନୀ ଦୁଶଳାଙ୍କ ମନ୍ଦିର ମଧ୍ୟ ୫୦ ମିଟର ବ୍ୟବଧାନ ଭିତରେ ରହିଛି। କେରଳର ରହୁଥିବା 'କୁରାଭାର' ନାମକ ପ୍ରାଚୀନ ସମୁଦାୟର ଲୋକମାନେ ନିଜକୁ କୌରବଙ୍କ ବଂଶଧର ବୋଲି କହିଥା'ନ୍ତି। ତେଣୁ ଏହି ସମୁଦାୟର ଲୋକମାନେ ଶକୁନି ମନ୍ଦିର, ଦୁର୍ଯ୍ୟୋଧନ ମନ୍ଦିର ଓ ଅନ୍ୟ କୌରବ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହି ମନ୍ଦିରଗୁଡ଼ିକରେ ବୈଦିକ ପୂଜାର୍ଚ୍ଚନା ପରିବର୍ତ୍ତେ ଲୋକଗୀତ, ଲୋକପ୍ରଥା, ଆଦିବାସୀ ପରମ୍ପରାର ଝଲକ ଅଧିକ ଦେଖିବାକୁ ମିଳେ। ତଥାପି ଶକୁନି ମନ୍ଦିରରେ ହେଉଥିବା ବାର୍ଷିକ ମେଳାରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ଅଂଶଗ୍ରହଣ କରିଥା'ନ୍ତି। ଶ୍ରଦ୍ଧାଳୁଙ୍କର ଅତୁଟ ବିଶ୍ୱାସ ଏହିସବୁ ମନ୍ଦିର ସହିତ ଜଡ଼ିତ ହୋଇ ରହିଛି ଏବଂ ଏହି ବିଶ୍ୱାସ ଯୋଗୁଁ ସେମାନଙ୍କ ମନୋସ୍କାମନା ଅବିଳମ୍ବେ ପୂର୍ଣ୍ଣ ହୋଇଛି ବୋଲି ଶୁଣିବାକୁ ମିଳେ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଳମ୍ବ ହେଲେ...

ହେବ । ଏଭଳି କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟମଧ୍ୟରେ ନିଷ୍ପତ୍ତି ନେବା ନିମନ୍ତେ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ । କୋର୍ଟ କହିଲେ ଯେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ କ୍ଷମତାକୁ ସଙ୍କୁଚିତ କରାଯିବା ହେଉଛି ସମ୍ବିଧାନ-ବିରୋଧୀ । ତେବେ ବିନା କାରଣରେ ବିଲ୍ ଉପରେ ନିଷ୍ପତ୍ତିରେ ଅହେତୁକ ବିଳମ୍ବ ହେଲେ କୋର୍ଟ ହସ୍ତକ୍ଷେପ କରିପାରିବେ । ସେହିଭଳି ଆଉ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସୁପ୍ରିମ କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି/ରାଜ୍ୟପାଳ ଅନୁମୋଦନ ନଦେଲେ ବିଧାନସଭା ଦ୍ୱାରା ପାରିତ ବିଲ୍ ଅନୁମୋଦିତ ହେଲା ବୋଲି ଧରି ନିଆଯିବା ଭଳି ସମ୍ବିଧାନରେ ବ୍ୟବସ୍ଥା ନାହିଁ କି ସମ୍ବିଧାନ ଏହାପାଇଁ ଅନୁମତି ମଧ୍ୟ ଦେଉନାହିଁ ।

ସୂଚନାଯୋଗ୍ୟ ଗତ ଏପ୍ରିଲ ମାସରେ ସୁପ୍ରିମ କୋର୍ଟଙ୍କ ଦୁଇ ଜଣିଆ ବେଞ୍ଚ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ତାମିଲନାଡୁ ସରକାର ମାମଲାରେ ଐତିହାସିକ ରାୟ ଦେଇ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ୬ ମାସର ସମୟସୀମା ଧାର୍ଯ୍ୟ କରିଥିଲେ । ଏହି ପ୍ରଶ୍ନ ଉପରେ ଗତ ମେ ମାସରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରେସିଡେନସିଆଲ ରେଫରେନ୍ସ ଜରିଆରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଥିଲେ । ତେବେ ମାମଲାର ଶୁଣାଣି ଚାଲିଥିବା ବେଳେ ସମ୍ବିଧାନ ବେଞ୍ଚ ସ୍ପଷ୍ଟ କରିଦେଇଥିଲେ ଯେ ଏହି ମାମଲାରେ କୋର୍ଟ କେବଳ ତାଙ୍କର ମତାମତ ଦେବେ । ଏପ୍ରିଲ ମାସରେ ସୁପ୍ରିମ କୋର୍ଟ ଦେଇଥିବା ରାୟ ଉପରେ ଏହାକୁ ପୁନର୍ବିଚାର ବୋଲି କୁହାଯାଇପାରିବ ନାହିଁ । ସେହିପରି ରାୟକୁ ରଦ୍ଦ କରିବା ଲାଗି ବେଞ୍ଚ ମନା କରିଦେଇଥିଲେ । ଶୁଣାଣି ବେଳେ ହିଁ ମୁଖ୍ୟ ବିଚାରପତି ଅଧିକ ସ୍ପଷ୍ଟ କରିଦେଇଥିଲେ ଯେ ସାମ୍ବିଧାନିକ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହେଲେ ସୁପ୍ରିମ କୋର୍ଟ ଚୁପ ହୋଇ ବସିପାରିବେ ନାହିଁ ।

### ହିତାଧିକାରୀଙ୍କୁ ରାସନ...

ବିଏମ୍ସି ଅଞ୍ଚଳ ପାଇଁ ୩୬ ହଜାର ହିତାଧିକାରୀଙ୍କ ନାମରେ ଥିବା ରାସନ କାର୍ଡ କଟାଯିବା ଲକ୍ଷ୍ୟ ରଖାଯାଇଛି । ସେହିପରି ଆଠଗଡ଼ ବ୍ଲକ୍ ପାଇଁ ପ୍ରାୟ ୫ ହଜାରରୁ ଅଧିକ, ବଡ଼ମ୍ବ ବ୍ଲକରେ ୨୭ ହଜାର ୯୭୦ ଟି କାର୍ଡ କଟାଯିବ । ସେହିପରି ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ୍ରୁ ପ୍ରାୟ ୪୨ ହଜାର, ନୟାଗଡ଼ ଜିଲ୍ଲାରୁ ୩୫ ହଜାର, ସମ୍ବଲପୁର ଜିଲ୍ଲାରୁ ୫୧ ହଜାର ହିତାଧିକାରୀଙ୍କ ନାମ ସନ୍ଦିଗ୍ଧ ସୂଚୀରେ ରହିଛି ଏବଂ ଏମାନଙ୍କ ରାସନ କାର୍ଡ ରଦ୍ଦ ହୋଇପାରେ ବୋଲି କୁହାଯାଉଛି । ଯଦିଓ ରାଜ୍ୟସ୍ତରରେ ଯୋଗାଣ ବିଭାଗ ସର୍ବଦଳୀୟ ବୈଠକରେ ମୁହଁ ବନ୍ଦ ରଖିଛି, ତଥାପି ସାରା ରାଜ୍ୟରେ ରାସନ୍ କାର୍ଡ କଟିବାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଅନ୍ୟପକ୍ଷରେ ଯେଉଁମାନେ ଅନେକ ଦିନ ପର୍ଯ୍ୟନ୍ତ କାର୍ଡରେ ଚାଉଳ ନେଇ ନାହାନ୍ତି ସେମାନଙ୍କ ନାମ ମଧ୍ୟ ଶାସନକାର୍ଡରୁ ସୂଚୀରୁ ବାଦ ପଡ଼ିବ । ରାଜ୍ୟରେ ଜାରି ରହିଥିବା ଇ-କେୱାଇସି ପ୍ରକ୍ରିୟାରେ ପ୍ରାୟ ୧୫ ଲକ୍ଷ ହିତାଧିକାରୀ ଏଯାଏଁ କେୱାଇସି କରି ନାହାନ୍ତି । ଏମାନଙ୍କ ମଧ୍ୟରେ ଅନେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରି ନ ଥିବା ଅଭିଯୋଗ ହୋଇ ଆସୁଛି । ଏମିତି କି ଇ କେୱାଇସି ଯୋଗୁଁ ଯାଜପୁରରେ ଜଣେ ମାଙ୍କିଡିଆ ସମ୍ପ୍ରଦାୟ ଲୋକଙ୍କୁ ଚାଉଳ ନ ମିଳିବ ହେତୁ ଅନାହାରରେ ତାଙ୍କର ମୃତ୍ୟୁ ହୋଇଥିବା ଭଳି ଘଟଣା ମଧ୍ୟ ଘଟିଛି । ଏହି ସ୍ଥିତିରେ ପୁଣି ରାସନ୍ କାର୍ଡ କାଟିବାକୁ ନେଇ ଯୋଜନା ହେବା ପରେ ରାଜ୍ୟରେ ଥିବା ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପାଇଁ ଚିନ୍ତା ବଢ଼ିଛି । ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯୋଗାଣ ବିଭାଗ ଅଧିକାରୀମାନେ ଏବେ ହାତରେ ସନ୍ଦିଗ୍ଧ (ସସ୍ପେକ୍ଟ) ତାଲିକା ଧରି କ୍ଷେତ୍ରସ୍ତରରେ ଯାଞ୍ଚ ଆରମ୍ଭ କରିଛନ୍ତି । ଇ-କେୱାଇସି ପରେ ପରେ ଏଭଳି ଯାଞ୍ଚ ଆରମ୍ଭ ହୋଇଥିବାରୁ ଅନେକ ହିତାଧିକାରୀଙ୍କୁ କାର୍ଡ କଟିଯିବାର ଭୟ ଘାରିଛି ।

### ବିହାର ମୁଖ୍ୟମନ୍ତ୍ରୀ...

ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଗାମୁଛା ହଲାଇ ଲୋକଙ୍କୁ ଅଭିବାଦନ ଜଣାଇଥିଲେ । ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ଅନେକ ବଡ଼ ନେତା ସାମିଲ ହୋଇଥିଲେ । ସମାରୋହରେ ହରିୟାଣା, ଆସାମ, ଗୁଜରାଟ, ମେଘାଳୟ, ଉତ୍ତର ପ୍ରଦେଶ, ନାଗାଲାଣ୍ଡ, ଓଡ଼ିଶା, ଦିଲ୍ଲୀ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ ।

### ସରକାରଙ୍କୁ ଘେରିବାକୁ...

ବିଜେଡିର ହଟ୍ଟଗୋଳ କାରଣରୁ ଅଧିବେଶନଟି ଏକପ୍ରକାର ଧୋଇ ହୋଇଯାଇଥିଲା । କଂଗ୍ରେସର ଅନାସ୍ଥା ପ୍ରସ୍ତାବ ସେତେବେଳେ ରାଜ୍ୟ ରାଜନୀତିକୁ ସରଗରମ କରିଥିବାବେଳେ ଏକାଧିକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଅଡୁଆରେ ପକାଇଥିଲା ବିଜେଡି । ଆସନ୍ତା ଅଧିବେଶନରେ ସମାନ ଢଙ୍ଗରେ ସରକାରଙ୍କୁ ଘେରରାଉ କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ବିରୋଧରେ ପୁଳାପୁଳା ପ୍ରସଙ୍ଗ ରହିଛି । ଆସନ୍ତା ୨୬ ତାରିଖରେ ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ । ବୈଠକରେ ବିଧାନସଭାରେ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ତାହା ସ୍ଥିର କରାଯିବ ବୋଲି ସେ କହିଛନ୍ତି ।

ସେହିପରି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଲୋକଙ୍କ ମତକୁ ଯେ କୌଣସି ଉପାୟରେ ବିଜେପି ଯେମିତି ନେଇପାରିଛି, ସେହିପରି ଭାବେ ପ୍ରତିଦାନ କିନ୍ତୁ ଦେଇପାରୁନାହିଁ । ଯାହାଫଳରେ ରାଜ୍ୟରେ ବେକାରୀ, ଦରଦାମ, ଦାଦନ, ମହିଳା ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି । ଚାଷୀକୁଳ ହତାଦାର, ପ୍ରତାରିତ ହେଉଥିବା ବେଳେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରମାଗତ ଭାବେ ଅବନତି ଦେଖା ଦେଇଛି । ଯେଉଁ ପ୍ରସଙ୍ଗ ଛୁଇଁବ, ସେହି ପ୍ରସଙ୍ଗରେ ସରକାର ବିଫଳ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଅରୁଣ । ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ନେଇ ଆମେ ସରକାରଙ୍କୁ ଜବାବ୍ ମାଗିବୁ ବୋଲି ସେ କହିଛନ୍ତି । ଏତଦ୍ ବ୍ୟତୀତ ମହାନଦୀଠାରୁ ଆରମ୍ଭ କରି ପୋଲାଭରମ୍ ପର୍ଯ୍ୟନ୍ତ ସମସ୍ତ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ବିଜେଡି ଦୃଢ଼ଭାବେ ବିଧାନସଭାରେ ଉତ୍ଥାପନ କରିବ ବୋଲି ସେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ସ୍ଥିର ହୋଇଛିଏବଂ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ରହିଛି । ପ୍ରମୁଖ କାର୍ଯ୍ୟଦିବସ ମଧ୍ୟରେ ପ୍ରଥମ ଦିନରେ ଅପରାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ସହ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବାକୁ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି । ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନା ହେବା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ ।

### ୨୨ରେ ଲଘୁଚାପ...

ବାତ୍ୟାରେ ପରିଣତ ହୁଏ, ତେବେ ପବନର ବେଗ ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହି ଘୂର୍ଣ୍ଣିବଳୟ ଓ ଲଘୁଚାପ ଯୋଗୁଁ ରାଜ୍ୟରେ ବର୍ଷା ପରିମାଣ କେତେ ରହିବ ସେ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଜାରି କରାଯାଇନାହିଁ । ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶା ସହ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ଭବତଃ ୨୭ ତାରିଖରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା କରାଯାଉଛି । ବର୍ଷାକୁ ପ୍ରାଥମିକ ଭାବେ ଆଇଏମ୍ଡି ବିସ୍ତାରିତ ପରିସର ଆକଳନ ଜାରି କରିଛି । ଏଥିରେ ୨୮ ତାରିଖରୁ ଡିସେମ୍ବର ୪ ତାରିଖ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାରେ ସର୍ବାଧିକ ପରିମାଣର ବର୍ଷା ହୋଇପାରେ ବୋଲି ବିଭାଗ ଆକଳନ କରିଛି । ଅନ୍ୟପଟେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟରେ ଶୀତର ପରିମାଣ କମିବାରେ ଲାଗିଛି । ସାରା ରାଜ୍ୟରେ ତାପମାତ୍ରା ରାତିର ତାପମାତ୍ରାରେ କିଛି କିଛି ବଢ଼ିଛି । ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୧.୫ ଡିଗ୍ରୀ ରେକର୍ଡ ହୋଇଛି । ଏହା ସହିତ ଦାରିଙ୍ଗବାଡ଼ିରେ ମଧ୍ୟ ତାପମାତ୍ରା ୧୧.୫ ଡିଗ୍ରୀ ସେଲ୍ସିୟସ୍ ରହିଛି । ୧୨ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ଓଡ଼ିଶାର ୪ଟି ଜାଗାରେ ରେକର୍ଡ କରାଯାଇଥିବା ବେଳେ ୧୫ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ୧୫ଟି ଜାଗାରେ ରେକର୍ଡ କରାଯାଇଛି । ବର୍ତ୍ତମାନ ପବନ ପ୍ରବାହର ଦିଗ ବଦଳିଛି । ରାଜ୍ୟରେ ଏବେ ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି । ଫଳରେ ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି । ଆଗକୁ ତାପମାତ୍ରାରେ ବୃଦ୍ଧି ଯୋଗୁଁ ଶୀତର ମାତ୍ରା କମିବା ନେଇ ସମ୍ଭାବନା ରହିଛି ।

### ଗୋଟିଏ କ୍ଲାସ୍ ପରେ...

ପଡ଼ିଛନ୍ତି । ସେ କହିଛନ୍ତି, ଯଦି ପୁଅର ର୍ୟାଙ୍କ ନଥିଲା, ନିଟ୍ ସେଲ୍ କାହିଁକି ଓ କେମିତି କଲେଜ ଲିଙ୍କ ସାର୍ଟିଫିକେଟ୍ (ସିଏଲ୍ସି) ରଖିବା ସହ ଆଡମିସନ୍ ବାବଦକୁ ୩୭,୯୪୦ ଟଙ୍କା ନେଇ ଭିମସାରରେ କ୍ଲାସ୍ କରିବାକୁ ଅନୁମତି ଦେଲା ?

ସୂଚନାନୁଯାୟୀ, ମୁକେଶଙ୍କ ଘର ବରଗଡ଼ ଜିଲ୍ଲା ବିଜେପୁର ରଙ୍ଗମଟିଆରେ । ଗତ ନିଟ୍ ପରୀକ୍ଷାରେ ସେ ସର୍ବଭାରତୀୟସ୍ତରରେ ସାଧାରଣ ବର୍ଗରେ ୨୬୪୫୯ତମ ର୍ୟାଙ୍କ ପାଇଥିଲେ । ସେ ନିଟ୍ ପରୀକ୍ଷାରେ ୫୨୯ ମାର୍କ ରଖିଥିବା ବେଳେ ଷ୍ଟେଟ୍ ରାଙ୍କ ତାଙ୍କର ୯୧୧ ରହିଥିଲା । ତାଙ୍କୁ ଗତ ୨୧ ଅକ୍ଟୋବରରେ ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସପିଟାଲ (ଭିମସାର) ରେ ସିଟ୍ ଆଲଟ୍ କରାଯାଇଥିଲା । ଆଡମିସନ ଫି ବାବଦକୁ ସେ ୩୭ ୯୪୦ ଟଙ୍କା ଅନ୍ଲାଇନରେ ଜମା କରିଥିଲେ । ସେହିମାସ ୨୪ ତାରିଖରେ ଭୁବନେଶ୍ୱର ଶିଶୁମୁଣ୍ଡାସ୍ଥିତ ଓଜେଇଇ କାର୍ଯ୍ୟାଳୟରେ ଧାର୍ଯ୍ୟ ସମୟରେ ଯାଇ ଭିମସାରରେ ଏମ୍ବିବିଏସ୍ ଆଡମିସନ୍ କି ହୋଇଥିଲେ । କିନ୍ତୁ ଭିମସାରରେ ଗୋଟିଏ କ୍ଲାସ୍ କଲା ପରେ ରାତାରାତି କିପରି ତାଙ୍କର ନିଟ୍ ରାଙ୍କ ବଦଳିଗଲା, ତାହା କେହି ବୁଝିପାରୁନାହାନ୍ତି । ତାଙ୍କ ରାଙ୍କ ଏବେ ୨୬୪୫୯ରୁ ସିଧା ୧୬ ଲକ୍ଷ ରାଙ୍କକୁ ଖସିଆସିଛି ।

ମୁକେଶ ଓ ତାଙ୍କ ବାପା ସୁଦାମ ଏ ସଂପର୍କରେ ଭିମସାର ସହକାରୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଡା. ରାମଚନ୍ଦାନୀ ସେମାନଙ୍କ କାଗଜପତ୍ର ଦେଖିବା ପରେ ଏପରି ଏକ ଠକେଇ ଘଟଣା ଘଟିଛି ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଡା. ରାମଚନ୍ଦାନୀଙ୍କ କହିବା ଅନୁଯାୟୀ, ଯେହେତୁ ମୁକେଶ କହୁଛନ୍ତି, ଏହା ଠକେଇ ଭଳି ଲାଗୁଛି । ସବିଶେଷ ତଦନ୍ତ ହେବା ଆବଶ୍ୟକ । ସେପଟେ, ଘଟଣାକୁ ନେଇ ଭିମସାର ଡିନ୍ କହିଛନ୍ତି, ଆମ ପାଖକୁ ଓଜେଇଇର ଯେଉଁ ଲିଷ୍ଟ ଆସେ, ସେହି ଅନୁସାରେ ଆମେ ଆଡମିଶନ୍ ଦେଉ । ଯେଉଁ ୧୭୦ଜଣଙ୍କ ଲିଷ୍ଟ ଆସିଛି, ସେଥିରେ ମୁକେଶ ପୁରୋହିତ ବୋଲି ଗୋଟିଏ ନାଁ ଅଛି । କିନ୍ତୁ, ମୁକେଶ ସାହୁ ବୋଲି କେହିନାହାନ୍ତି । ଓଜେଇଇର ଯେଉଁ ଲିଷ୍ଟ ଆସିଛି ସେହିମାନଙ୍କୁ ଆମେ ଆଡମିଶନ ଦେଇପାରିବୁ, ଅନ୍ୟମାନଙ୍କୁ ଦେଇପାରିବୁନି ବୋଲି କହିଛନ୍ତି ।

### ଶଙ୍କର, ସୁରେଶ...

ଅଭିଯୁକ୍ତ ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିବା ଗଞ୍ଜାମ ଜିଲ୍ଲା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ, ଗିରଫ ଅଭିଯୁକ୍ତ ଅରବିନ୍ଦ ଦାସଙ୍କ ଜାମିନ ଆବେଦନକୁ ତାଙ୍କ ଓକିଲ ପ୍ରତ୍ୟାହାର କରିନେଇଥିବା ଜଣାପଡ଼ିଛି ।

ଅଭିଯୁକ୍ତମାନେ ବାହାରକୁ ଆସିଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଓ ପ୍ରମାଣ ନଷ୍ଟ କରିବାର ଆଶଙ୍କା ଥିବା ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା । ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା । ପରେ ଅଦାଲତ ମାମଲାର ଶୁଣାଣି କରି ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ ।


**AFFIDAVIT**

I, Basanti Majhi, W/o.: Bulu Majhi, Permanent resident of At/PO.: Nuahata, P.S.: Banarpal, Dist.: Angul, Odisha-759128 declare by this Affidavit No.: 6060, sworn before Executive Magistrate, Angul on Dt.19.11.2025 that from now onwards my name Basnti Majhi will be known as **Basanti Majhi** for all future legal purposes.

**LOST**

By Virtue of an Affidavit sworn before the Executive Magistrate, Bhubaneswar **Dtd. 15/11/2025**, I, **Sitaram Satapathy** S/o: Santanu Kumar Satapathy, have lost my Matric Certificate and Mark sheet (Roll No. 17PB328), +2 Certificate and Mark sheet (Roll No. 321EA265), B.Tech Certificate and Grade sheet (Regd. No. 1101109050), and M.Tech Certificate and Grade sheet (Regd. No. 1607106100) somewhere near Tamando on **17th August 2025**. If found, kindly Contact: **7381654085**.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th November 2025, CF No.- 01, I Hitanjali Kushal aged about 27 years, W/o- Abhilas Kushal, resident of Village-Loharsingh, Po.- Bhainsadarha PS./Block- Jharbandh, Dist.- Bargarh, Pin-768042 hereby declares that, for myself I have changed my name from **Hitanjali Luhar** to **Hitanjali Kushal**. Hence I will be known as **Hitanjali Kushal** for all future purposes.

**AFFIDAVIT**

By virtue of an affidavit before the Tahasildar & Executive Magistrate, Boudh, on 19th November 2025, I, Shobhagini Padhi, Vill- Sanabutupali, PO- Butupali, PS/Dist.: Boudh-762014 have changed my name from Sobhagini Padhi to Shobhagini Padhi. Henceforth I shall be known as **Shobhagini Padhi** for all purposes.

Sd/- Shobhagini Padhi

**AFFIDAVIT**

I, Ambika Malla, aged about 44 years, W/o- Bipin Bihari Bhuyan, resident of At- Nahan, Po- Haripur, Ps- Bari Ramachandrapur, Dist- Jajpur, Odisha, PIN-755005 declare by this affidavit No. 2353, dtd- 20/11/2025, that now onwards I shall be known as **AMBIKA BHUYAN** for all future purposes.

**NOTICE (above 18 years of age)**

By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS-Patkora, Dist.- Kendrapara, Pin-754233, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.

Sd/- Shrabani Mohanty

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.11.2025, I Mini Parida W/o- Sudarsan Parida, resident at/ po- Siruli, Sub-Dist- Chandanpur, Dist- Puri, Odisha, PIN- 752012, declare that I have changed my son's name from Bishal Nayak to Bishal Parida. Henceforth, He shall be known as BISHAL PARIDA for all future purposes.

**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from "**SANJAY KUMAR MOHAPATRA**" to "**DEVETANANDA**" as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as "**Swami Devetananda**" son of **Swami Gahanananda** and henceforth known as "**SWAMI DEVETANANDA**"
Furthermore, it declared that Sri Sanjay Kumar Mohapatra and Devetananda is one and same person.

**AFFIDAVIT**

By virtue of an affidavit sworn before The Executive Magistrate, Kendrapara on Dt.24.10.2025 I Dhruba Charan Das, S/o-Gangadhar Das of Vill-Artamul, P.O.-Chandol, P.S./ Dist-Kendrapara declare that my actual name is Dhruba Charan Das mentioned in my Adhar and Voter ID. But my name has been entered in my Driving License as Ramesh Das. Both the names Dhruba Charan Das and Ramesh Das one and same person. Hence forth I shall be known as Dhruba Charan Das for all purpose.

**AFFIDAVIT**

By virtue of an affidavit (CF No. 3217) sworn before The Executive Magistrate, Sambalpur on dated- 06/11/2025. I, **Kshirodra Suna**, S/o Late Parsuram Suna, permanent resident of At/Po/Ps- Baraipali, Dist- Sambalpur, PIN- 768006, Odisha declare that I have changed my minor daughter's name from **Sukruti Suna** to **C S Sukriti.** Henceforth, she shall be known as **C S Sukriti** (new name) for all purposes.

**Kshirodra Suna**

**AFFIDAVIT**

I, Rajanikanta Paramanik , Age-55 , S/o- Gouranga Paramanik, of permanent resident ,vill/Post- Chandakusumi Ps-Kamarda, Dist- Balasore, Odisha, declared by affidavit before In the Court of Executive Magistrate , Bhograi No.5699, dtd-14/11/2025. That, all the valuable records of my self Aadhar card No-6015xxx5740 & qualification certificate, Bank a/c, etc prepare my surname as Paramanik but in SBI, Dehurda vide a/c No-35866285673 prepared my surname as Barik . Hence this affidavit I shall be known as Rajanikanta Paramanik S/o- Gouranga Paramanik & Rajanikanta Barik ,S/o- Gouranga Barik same and one person for all future purposes.

**" ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର "**

**ସଚେତନତା ଶିବିର**

କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଲିଡ୍ ବ୍ୟାଙ୍କ ବଲାଙ୍ଗୀର ଆନୁକୂଲ୍ୟରେ " ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର" ଶୀର୍ଷକ ଏକ ସଚେତନତା ଶିବିର ଆଜି ୨୧ ନଭେମ୍ବର ୨୦୨୫ ପୂର୍ବାହ୍ନ ୧୦.୩୦ ସମୟରେ ଅନୁଷ୍ଠିତ ହେବ । ଏହି ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡ଼ିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଜନସାଧାରଣଙ୍କୁ ପ୍ରଦାନ କରାଯିବ । ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଲିଡ୍ ବ୍ୟାଙ୍କ ବଲାଙ୍ଗୀର ତରଫରୁ ଅନୁରୋଧ କରାଯାଇଛି ।

**ସ୍ଥାନ: ପ୍ରତିମା ମଣ୍ଡପ, ପ୍ୟାଲେସ ଲାଇନ, ବଲାଙ୍ଗୀର**



GOVERNMENT OF ODISHA
PANCHAYAT SAMITI: NARAYANPATNA
PR & DW DEPARTMENT, ODISHA
EMAIL ID- ori-narayanpatna@nic.in
Letter No. 3938 / 2025/TCN.08/2025-26, Dated 18.11.2025

NOTICE INVITING TENDER

Bid Identification No. 08 of 2025-26 of B.D.O , Narayanpatna

1. Bid documents consisting of specification the Bill of Quality and the Tender Call Notice can be seen in the Govt. website http://tendersorissa.gov.in/nicgep/app.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Classroom at Bari PS | 7,88,971.00 | "C" & "D" | 6000/- | 7900/- | 06 Months |
| 2 | Construction of Additional Classroom at Kondaborigi PS | 8,91,723.00 | "C" & "D" | 6000/- | 9000/- | 06 Months |

03 (Three) No. of works only

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From 24.11.2025 at 11.00 Hours to 08.12.2025 up to 17.30 Hours |
| Bid clarification start date & closing date | 24.11.2025 to 08.12.2025 during office hours |
| Offline documents received through Speed Post/ Registered Post | From 24.11.2025 at 17.30Hours to 12.12.2025 at 11.00 Hours |
| Date, time and venue of opening of bid online | (12.12.2025 at 11.00 Hours), Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | 12.12.2025 at 11.00 Hours onwords. |
| If stipulation arises the tender will be decided through Lottery System | (12.12.2025 at 02.30 Hours) Office of the Block Development Officer, Panchayat Samiti, Narayanpatna |

Block Development Officer
Narayanpatna



**PUBLIC NOTICE**

This notice is hereby given that my client Mr. Balakrushna Paikaray, S/O Brundaban Paikaray has Original ROR bearing Khata No-81, Mouza-Ranasinghpur, Tahsil-Chilika, Dist-Khurda, State-Odisha in favour of Brundaban Paikaray and an FIR (Complaint No-24483001072500020) for the same has been lodged at Balugaon Police Station on 16th Nov. 2025. All person/persons are hereby informed to put their claims or interest of objection about the said property or any part thereof, within a period of 15 days along with the sufficient evidence from appearance of this notice. If ROR not found within 15 days, then certified copy of the document obtained from the registry office will be considered as the original document.

Samir Kumar Paikaray (Advocate)
Bhubanrswar Court, Mob:7008005419

**AFFIDAVIT**

By virtue of an affidavit before the Executive Magistrate : Sambalpur, I, Dipti Nanda, resident of Nandapada, Baulunkeswar Lane, Near Bariha Temple, PO Jharupada, PS Town, Dist. Sambalpur – 768001, do hereby state My maiden name was Sunanda Panda, as recorded in my HSE Certificate. After my marriage on 09-03-1985, I have been known as Dipti Nanda. My correct date of birth is 04-06-1964 as per HSE Certificate and PPO records. In my Aadhaar (No. 4532 6471 2582), my date of birth has been wrongly mentioned as 04-06-1959. I declare that both names refer to me.

Sd/- Dipti Nanda



Leadership and beyond
ଦି ନ୍ୟୁ ଇଣ୍ଡିଆ ଏସ୍ୟୁରାନ୍ସ କମ୍ପାନୀ ଲିମିଟେଡ
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

ଟେଣ୍ଡର ରେଫ. ସଂ: ବିବିଏସ୍ଆରଓ/କଟକ ଡିଓ୨ ସ୍ଥାନାନ୍ତର/ସନ୍ଧାନ/ଚୟନ/୫୫୦୪୦୦/୦୦୧

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର କଟକ ଡିଓ ୨ ଅପରେଟିଂ କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ ୧୦୦୦-୧୩୦୦ ବର୍ଗଫୁଟ କାର୍ପେଟ ଏରିଆ ବିଶିଷ୍ଟ ତଳ କିମ୍ବା ପ୍ରଥମ ମହଲାରେ ଅବସ୍ଥିତ ବ୍ୟବସାୟିକ ଗୃହ ଲିଜ୍ ଭିତ୍ତିରେ ଢଳମୁଦ ଦିଆ ଯାଇପାରେ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି ।
ଅବସ୍ଥିତି: ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ସିଡିଏ ସେକ୍ଟର-୫ ରୁ ସିଡିଏ ସେକ୍ଟର-୮, କଟକରେ ହୋଇଥିବା ଆବଶ୍ୟକ ।
ଟେଣ୍ଡର କାଗଜପତ୍ର (କଟକ ଡିଓ୨ ଅପରେଟିଂ କାର୍ଯ୍ୟାଳୟ, ୧ମ ମହଲା, ମହାଶ୍ରମଣ, କ୍ୟାଣ୍ଟନମେଣ୍ଟ ରୋଡ, କଟକ) କାର୍ଯ୍ୟାଳୟରୁ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୩୦ ମଧ୍ୟରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ । ଏହି ଟେଣ୍ଡର ସୂଚନା କମ୍ପାନୀର ୱେବସାଇଟ୍ www.newindia.co.in (public notice section)ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ ।
ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: ୧୦.୧୨.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।

ସ୍ୱା/- ଉପ ମହା-ପ୍ରବନ୍ଧକ



**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
ସା/ପୋ.: ଘଟଗାଁ, ଜିଲ୍ଲା- କେନ୍ଦୁଝର-୭୫୮୦୨୭ (ଓଡ଼ିଶା)

ନୋଟିସ୍ ନଂ. ୩୧୩ | ଡା. ୧୯.୧୧.୨୦୨୫

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୫-୨୬ ବର୍ଷ (ତା.୨୧.୧୨.୨୦୨୫ରିଖ ଠାରୁ ତା. ୨୦.୧୨.୨୦୨୬ରିଖ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଢଳମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ.୧୫୦୦/- (ଏକ ହଜାର ପାଞ୍ଚ ଶହ) ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସମସ୍ତ କାର୍ଯ୍ୟଦିବସରେ ପ୍ରଥମ ପର୍ଯ୍ୟାୟ ପାଇଁ ଦିବା ୧୧ ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା.୧୩.୧୧.୨୦୨୫ରିଖ ଠାରୁ ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ ହୋଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ ।

| ଟେଣ୍ଡରର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୦୧.୧୨.୨୦୨୫ରିଖ ୧୧ ଘଟିକା | ତା.୦୧.୧୨.୨୦୨୫ରିଖ ୧୨.୦୦ ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା.୦୮.୧୨.୨୦୨୫ରିଖ ୧୧ ଘଟିକା | ତା.୦୮.୧୨.୨୦୨୫ରିଖ ୧୨.୦୦ ଘଟିକା |
| ତୃତୀୟ ପର୍ଯ୍ୟାୟ | ତା.୧୫.୧୨.୨୦୨୫ରିଖ ୧୧ ଘଟିକା | ତା.୧୫.୧୨.୨୦୨୫ରିଖ ୧୨.୦୦ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧ | ପୂଜା ସାମଗ୍ରୀ ଦୋକାନ ନଂ.୧ (ସ୍ଥାନ- ମୁଖଶାଳା ଡାହାଣ ପାର୍ଶ୍ୱ) | ଟ.୨୯,୨୫,୫୫୪/- | ଟ.୨,୯୨,୫୫୫/- |
| ୨ | ପୂଜା ସାମଗ୍ରୀ ଦୋକାନ ନଂ.୨ (ସ୍ଥାନ- ବୃକ୍ଷ ପକା ମଣ୍ଡପ ପାର୍ଶ୍ୱ) | ଟ.୨୨,୫୬,୭୧୦/- | ଟ.୨,୨୫,୬୭୧/- |
| ୩ | ପୂଜା ସାମଗ୍ରୀ ଦୋକାନ ନଂ.୩ (ସ୍ଥାନ- ଗାଡି ପୂଜା) | ଟ.୨୫,୯୪,୮୮୮/- | ଟ.୨,୫୯,୪୮୮/- |
| ୪ | ବୃକ୍ଷ ପକା | ଟ.୪୮,୬୮,୧୪୩/- | ଟ.୪,୮୬,୮୧୪/- |
| ୫ | ଚେକଗାଡି ସାମଗ୍ରୀ ଯୋଗାଇବା | | ଟ.୧,୯୯,୬୫୦/- |
| ୬ | ସିକ୍ୟୁରିଟି ଗାର୍ଡ ଯୋଗାଇବା | | ଟ.୧,୭୬,୦୦୦/- |

ସା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର



ୟୁନିଅନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ, ଓଟି ରୋଡ୍, ପୋଲିସ୍ ଲାଇନ, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୮୮୪୪** | | | | |
| ୧. | ଶ୍ରୀ କୃଷ୍ଣ ଚନ୍ଦ୍ର ମହାନ୍ତ, ଦୁଗୁଧା, ଉଦଳା, ମୟୂରଭଞ୍ଜ-୭୫୭୦୪୧ / ୨୫୫୪୧୬୬୩୦୦୦୦୨୦୪ | ଟ.୧,୨୫,୬୪୭.୦୦ | ୨୧.୭ | ୨୨.୪୬ |
| ୨. | ଶ୍ରୀ ସଞ୍ଜୟ ଦେହୁରୀ, କାଳାଡହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୫୫୬ | ଟ.୨୩,୦୨୨.୧୬ | ୪.୯୬ | ୨.୮୫ |
| ୩. | ଶ୍ରୀ ସଞ୍ଜୟ ଦେହୁରୀ, କାଳାଡହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୬୮୧ | ଟ.୩୪,୦୭୫.୦୦ | ୬.୦୭ | ୭.୪୩ |
| ୪. | ଶ୍ରୀ ପୁରୁଷମ ମାଝୀ, ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଇ, ପୋ: ସାନବିଶୋଇ, ଥାନା: କପ୍ତିପଦା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୨୫୬ | ଟ.୫୯,୯୬୩.୦୦ | ୧୨.୮ | ୧୩.୯୮ |
| **ଯାଜପୁର ମୁଖ୍ୟ ଶାଖା, ସା: ୟୁନିଟ୍ ନଂ. ୮, ୧ମ ମହଲା, ଯଯାତିନଗର, ଯାଜପୁର ଟାଉନ, ଯାଜପୁର-୭୫୫୦୦୧, ମୋ.: ୯୮୫୧୩୦୧୬୬୧** | | | | |
| ୧. | ଶ୍ରୀ ରାକେଶ କୁମାର ଓଝା, ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୪୦୦୦୦୮୧୬ | ଟ.୧୮,୫୫୧.୦୦ | ୩.୪ | ୩.୯ |
| ୨. | ଶ୍ରୀ ରାକେଶ କୁମାର ଓଝା, ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୪୦୦୦୦୮୧୭ | ଟ.୫୧,୬୭୨.୬୬ | ୯.୯୯ | ୧୧.୧ |
| **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ଭଦ୍ରକ ବାଏପାସ୍ ରୋଡ୍, ଭଦ୍ରକ, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | | |
| ୧. | ଶ୍ରୀମତୀ ଅରୁଣା ରାଣୀ ବେହେରା, ସ୍ୱାମୀ: ରତନ କୁମାର ବେହେରା, ସା: ସାନ୍ଦୀ କଲୋନୀ ବାଏପାସ୍, ଭଦ୍ରକ-୭୫୬୧୦୦ / ୩୩୫୬୨୬୫୪୦୦୦୧୧୧୧ | ଟ.୨,୦୮,୮୧୯୪୨ | ୪୦.୪ | ୮୩.୧ |
| **ଲକ୍ଷ୍ମୀ ରୋଡ୍ ଶାଖା, ହୋଲ୍ଡିଂ ନଂ. ୫୩୩, ଲକ୍ଷ୍ମୀ ମେନ୍ ରୋଡ୍, ବାରିପଦା-୭୫୭୦୦୧, ମୋ.: ୭୦୦୪୮୭୯୦୯୩** | | | | |
| ୧. | ଶ୍ରୀ ସିଦ୍ଧାର୍ଥ କୁମାର ନାଏକ, ମାର୍ଫତ: ଶୁକଦେବ ନାଏକ, ପ୍ଲଟ୍ ନଂ.: ୪୫୯/୩୭୨୬, ନୂଆସାହି, ବଗୁଡ଼ପୁର, ମୟୂରଭଞ୍ଜ-୭୫୭୦୩୩ / ୩୪୭୯୨୬୫୪୦୦୦୦୩୯୯ | ଟ.୧,୪୬,୨୦୧୬୬ | ୨୭.୭୨ | ୨୯.୧୮ |
| **ବଡବିଲ-୧ ଶାଖା, ଷ୍ଟେସନ୍ ରୋଡ୍, ବଡବିଲ, କେନ୍ଦୁଝର, ପିନ୍-୭୫୮୦୩୫, ମୋ.: ୯୧୬୮୬୫୪୮୬୪** | | | | |
| ୧. | ଶ୍ରୀ ଶ୍ରୀବତ୍ସ କୁମାର ବିଦ୍ୟାଧର, ସା/ପୋ: ବଡ଼ନୁଆଗାଁ, ଥାନା: ହରିଚନ୍ଦନପୁର, ବଡବିଲ-୭୫୮୦୨୮ / ୫୫୪୧୦୬୫୪୦୦୦୦୧୮୦ | ଟ.୧,୦୭,୧୦୦୮୯ | ୧୯.୮୨ | ୨୨.୭୮ |
| **ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | | |
| ୧. | ଶ୍ରୀ ବୁଲୁ ଦିଗାଲ, ବିପିଡ଼ି, ଇଦପାହି, ଦାମୋଦରପୁର-୭୫୭୧୦୭ / ୬୫୩୨୦୬୫୪୦୦୦୦୧୮୧ | ଟ.୬୩,୩୬୬.୦୦ | ୧୪.୨ | ୧୫.୪୬ |
| **ରେମୁଣା-କାନୁଗଞ୍ଜ ଶାଖା, ଗଣେଶ୍ୱରପୁର, କାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | | |
| ୧. | ଶ୍ରୀ ପ୍ରକାଶ ସାହୁ, ପିତା: ହରେକୃଷ୍ଣ ସାହୁ, କାନୁଗଞ୍ଜ, ରେମୁଣା, ଗୋଲେଇ ରେମୁଣା, ବାଲେଶ୍ୱର-୭୫୬୦୧୯ / ୭୨୩୭୦୬୫୪୦୦୦୦୭୩୨ | ଟ.୭୨,୬୨୦.୦୦ | ୧୨.୭୮ | ୧୪.୨ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ ।

ସ୍ଥାନ : ବାଲେଶ୍ୱର, ତାରିଖ : ୨୦.୧୧.୨୦୨୫ | ଶାଖା ପ୍ରବନ୍ଧକ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ODISHA CONSTRUCTION CORPORATION LTD. | CAD-2393
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-17(V-II)/60/2025-26 dtd.20.11.2025.**

Type of work : Supply of labour for assembly of fabricated Hoist bridge of 130T rope drum hoist of Kanupur Irrigation Project at Kanupur site.
Total No. of work : 01(One).
Period of supply : 1 (One) month.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-17(V-II) /60 / 2025-26 dtd.20.11.2025 | Rs.4720/- (Non-refundable) | 20.11.2025 10.00AM to 01.12.2025 1.00 PM | 20.11.2025 10.00AM to 01.12.2025 3.30 PM |

Date of opening of the Tender : 01.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-

### ଝାରସୁଗୁଡ଼ାରେ ଡକାୟତଙ୍କ ଆତଙ୍କ

# ବନ୍ଧୁକ ମୁନରେ ପରିବାର ସଦସ୍ୟଙ୍କ ହାତଗୋଡ଼ ବାନ୍ଧି ଲୁଟ୍





**୮୦୦ ଗ୍ରାମ ସୁନା, ୨କିଲୋ ରୁପା ଏବଂ ୧୪ ଲକ୍ଷ ଟଙ୍କା ଡକାୟତି**

**ଝାରସୁଗୁଡ଼ା,୨୦।୧୧(ସମିସ)**

ରାଜ୍ୟରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲା ଏଥିରୁ ବାଦ ପଡିନି। ଡବଲ ଇଞ୍ଜିନ ସରକାରରେ ଲୋକଙ୍କ ସୁରକ୍ଷା ଏକ ବିରାଟ ପ୍ରଶ୍ନ ହୋଇଛି। ପୁଲିସକୁ କିମ୍ବା ଆଇନଶୃଙ୍ଖଳାକୁ ଅପରାଧୀଙ୍କ ଆଦୌ ଡର ଭୟ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଝାରସୁଗୁଡ଼ା ସହରରେ ଦେଖିବାକୁ ମିଳିଛି। ବୁଧବାର ରାତିରେ ୪ ଜଣ ଡକାୟତ ନିଶ୍ଚିନ୍ତ ହୋଇ ଝାରସୁଗୁଡ଼ା ଟାଉନ ଥାନାର ମାତ୍ର ୧୦୦ ମିଟର ଦୂରରେ ଜଣଙ୍କ ଘରକୁ ପଶି ବନ୍ଧୁକମୁନରେ ୩ଘଣ୍ଟା କାଳ ପରିବାରର ସମସ୍ତ ସଦସ୍ୟଙ୍କ ହାତଗୋଡ ବାନ୍ଧି ଡକାୟତି କରିଛନ୍ତି। ଏପରିକି ଦୁଇ ମହିଳା, ବୃଦ୍ଧ ବ୍ୟକ୍ତି ଏବଂ ପୁଅକୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

ଝାରସୁଗୁଡ଼ା ଟାଉନ ଥାନାର ୧୦୦ ମିଟର ଦୂରରେ ମନମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ମୁକେଶ ବୁଛୱାନୀଙ୍କ ପାନ ମସଲାର ହୋଲସେଲ ଦୋକାନ ରହିଛି। ବୁଧବାର ରାତି ସାଢ଼େ ୮ଟା ବେଳେ ଦୋକାନ ବନ୍ଦ କରୁଥିବା ସମୟରେ ୪ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଆସି ମୁକେଶଙ୍କୁ ଛୁରି ଦେଖାଇଥିଲେ। ପୁଣି ଏକ ବନ୍ଧୁକ ଦେଖାଇ ଦୋକାନ ନିକଟରେ ଥିବା ତାଙ୍କ ଘରକୁ ଜୋର ଜବରଦସ୍ତ ତାଙ୍କୁ ନେଇ ପଶିଯାଇଥିଲେ। ଏହାପରେ ଘରେ ଥିବା ବୃଦ୍ଧ ବ୍ୟକ୍ତି ଓ ୨ ମହିଳାକୁ କପଡାରେ ବାନ୍ଧି ଦେଇଥିଲେ। ପୁଣି ଝିଅକୁ ଟ୍ୱିସନରୁ ଡକାଇ ତାକୁ ମଧ ବାନ୍ଧିଥିଲେ। ମୁକେଶଙ୍କ ପୁଅ ବାହାରେ ରହିଥିବା ବେଳେ ତାକୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପରିବାରର ସମସ୍ତଙ୍କୁ ଗୋଟିଏ ସ୍ଥାନରେ କପଡାରେ ବାନ୍ଧି ସାଢ଼େ ୮ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପାଖାପାଖି ୩ ଘଣ୍ଟା କାଳ ୪ ଜଣ ଦୁର୍ବୃତ୍ତ ଡକାୟତି କରିଥିଲେ। ଘରେ ଥିବା ସମସ୍ତ ସାମଗ୍ରୀକୁ ଏଣେ ତେଣେ ଫିଙ୍ଗି ଦେବା ସହିତ ଆଲମାରୀରେ ଥିବା ୮୦୦ ଗ୍ରାମର ସୁନା ଅଳଙ୍କାର, ୨ କିଲୋର ରୂପା ଅଳଙ୍କାର ଏବଂ ନଗଦ ୧୪ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଡକାୟତି ବିଷୟରେ କାହାକୁ କହିଲେ ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଛୁରା ମାଡରେ ମୁକେଶ ଆହତ ହୋଇଥିବା ଜଣାପଡ଼ିଛି। ଟାଉନ ଥାନାରୁ ମାତ୍ର ୧୦୦ ମିଟର ଦୂରରେ ଏପରି ଏକ ବଡ ଧରଣର ଡକାୟତି ହୋଇଥିବାରୁ ପୁଲିସକୁ ଡକାୟତ ମାନେ ଖୋଲା ଚ୍ୟାଲେଞ୍ଜ ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଝାରସୁଗୁଡ଼ା ଟାଉନ ଥାନା ଅଧୀନ ମନମୋହନ ସ୍କୁଲ ଅଞ୍ଚଳ ଏକ ଜନଗହଳି ପୂର୍ଣ୍ଣ ଅଞ୍ଚଳ ହୋଇଥିବା ବେଳେ ଡକାୟତମାନେ ପୁଲିସକୁ ଖାତିର କରୁ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଘଟଣାକୁ ନେଇ ଅଭିଯୋଗ ହେବା ପରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ସମେତ ଡଗ ସ୍କ୍ୱାର୍ଡ ଓ ପୁଲିସ ଟିମ ପହଞ୍ଚି ତଦନ୍ତ କରିଥିବା ନେଇ ସୂଚନା ମିଳିଛି।

## ଜାତୀୟ ଶିକ୍ଷାନୀତି ଶୀର୍ଷକ ଆଲୋଚନାଚକ୍ର


**ଦେବଗଡ଼,୨୦।୧୧(ସମିସ):** ଦେବଗଡ଼ ମହାବିଦ୍ୟାଳୟ ପରିସରରେ କେନ୍ଦ୍ର ସରକାରଙ୍କ ପିଏମ ଉଷା ପ୍ରକଳ୍ପ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଜାତୀୟ ଶିକ୍ଷା ନୀତି, ଗଠନ, ଦୃଷ୍ଟିକୋଣ ଓ ଲକ୍ଷ୍ୟ ଶୀର୍ଷକରେ ୨ ଦିନିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ସୁଦାମ ପରିଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ। ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ରାମ ନରେଶ ମହାଲିଙ୍ଗ, ପ୍ରଫେସର ଶ୍ରବଣ ବାଗ, ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଫେସର ପି ମୁରଲୀଧର ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟଶିକ୍ଷା ନୀତିର ବିଭିନ୍ନ ଦିଗ, ଶିକ୍ଷା ଢ଼ାଞ୍ଚା, ବହୁଭାଷୀ ଶିକ୍ଷା ବ୍ୟବସ୍ଥା, ଦକ୍ଷତା ଭିତ୍ତିକ ଶିକ୍ଷା, ଗବେଷଣା ଭିତ୍ତିକ ଉଚ୍ଚଶିକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଦେବଗଡ଼ ଜିଲ୍ଲା ସମେତ ଅନ୍ୟାନ୍ୟ ଡିଗ୍ରୀ ମହାବିଦ୍ୟାଳୟରୁ ନିମନ୍ତ୍ରିତ ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ଅଧ୍ୟାପକ ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ସଞ୍ଜୀବ ଦାଶ ଅତିଥି, ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିବା ବେଳେ ଆବାହକ ଡ.ଶିଖା ମହର୍ଷି ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ.ଦିନେଶ ରାୟ, ହର ସେଟ, ସୁସ୍ମିତା କେରକେଟ୍ଟା ଚିରଞ୍ଜିବି ବେହେରା, ଓ ଅଙ୍କିତା ଡୁଙ୍ଗଡୁଙ୍ଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଏକ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶେଷରେ ଡ.ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତ ପାରାୟଣ ପାଇଁ କଳସ ଶୋଭାଯାତ୍ରା

**ଦେବଗଡ଼,୨୦।୧୧(ସମିସ):** ସ୍ଥାନୀୟ ଗୋପାଳଜୀଉ ମନ୍ଦିରରେ ଭାଗବତ ମହାପୁରାଣ ସପ୍ତାହ ଅବସରରେ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଧାନପାଟ ଠାରେ ପୂଜକ ଅନ୍ତର୍ଯ୍ୟାମୀ ନାୟକ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ଦିର ପୂଜକ ରାଜେଶ ରାଉତଙ୍କ ତତ୍ତ୍ୱାବଧାନରେ ସତ୍ୟବ୍ରତ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରାରେ ବହୁ ଭକ୍ତ ପ୍ରଧାନପାଟ ଜଳପ୍ରପାତରୁ କଳସୀରେ ଜଳ ସଂଗ୍ରହ କରି ଗୋପାଳଜୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ କଳସୀ ସ୍ଥାପନ ପରେ ପୂଜା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। କର୍ମକର୍ତ୍ତା ସନ୍ତୋଷ ପଣ୍ଡା, ସୁରେଶ ଶତପଥୀ, ଅଶୋକ ଦେବ, ଜଗଦୀଶ ନନ୍ଦ, ସଞ୍ଜୀବ ଧର, ରମେଶ ଚନ୍ଦ୍ର ସାହୁ, ଜନ୍ମେଜୟ ନାୟକ, ଭୋଳା ନାଥ ଦାସ, ବଂଶୀଧର ସାହୁ, ବୁଡୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଭାଗବତ ପାରାୟଣ କମିଟି, ଗୋପାଳଜୀଉ ମନ୍ଦିର ଟ୍ରଷ୍ଟ ଓ ବଜରଙ୍ଗ ମଣ୍ଡପ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ପାରାୟଣ କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।



## ଡିଏଭି ପବ୍ଲିକ ସ୍କୁଲରେ ପୁସ୍ତକମେଳା ଉଦ୍‌ଯାପିତ



**ଝାରସୁଗୁଡ଼ା/ବନ୍ଧବାହାଲ,୨୦।୧୧(ସମିସ):** ଡିଏଭି ପବ୍ଲିକ ସ୍କୁଲଠାରେ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ପୁସ୍ତକମେଳା ଉଦ୍‌ଯାପିତ ହୋଇଯାଇଛି। ଗତ ୧୯ ତାରିଖରୁ ୨ଦିନ ବ୍ୟାପୀ ଆୟୋଜିତ ଏହି ମେଳାକୁ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏକେ ପାଣ୍ଡେ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ଗୋଟିଏ ସ୍ଥାନରେ ଭଳିକି ଭଳି ଗଣିତ, ସାହିତ୍ୟ, ଇଂରାଜୀ, ଇତିହାସ, ବିଜ୍ଞାନ, ଭୂଗୋଳ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ଗଳ୍ପ ପୁସ୍ତକ ସବୁ ପାଇ ବେଶ୍ ଆନନ୍ଦିତ ହୋଇଥିଲେ। ଅଧ୍ୟକ୍ଷ ହୋତା ପୁସ୍ତକ ପଠନର ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଆଜି ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କ ଗହଣରେ ପୁସ୍ତକମେଳା ବୁଲି ଦେଖିଥିଲେ।

## ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା

**ଦେବଗଡ଼,୨୦।୧୧(ସମିସ):** ପଶ୍ଚିମ ଓଡ଼ିଶାର ଅନ୍ୟତମ ସମ୍ମାନଜନକ ଫୁଟବଲ ପ୍ରତିଯୋଗିତା ଭାବେ ଖ୍ୟାତି ଅର୍ଜନ କରିଥିବା 'ସର୍ବ ଭାରତୀୟ ପ୍ରଧାନପାଟ କପ୍' ଫୁଟବଲ ପ୍ରତିଯୋଗିତା ଚଳିତ ବର୍ଷ ଆସନ୍ତା ୨୪ ତାରିଖ ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଓଡ଼ିଶାର ୫ ଜିଲ୍ଲାର ବଛାବଛା ଫୁଟବଲ ଦଳ ସହ ବିହାର ଓ ଛତିଶଗଡର ପ୍ରତିଷ୍ଠିତ ଫୁଟବଲ ଦଳ ଅଂଶଗ୍ରହଣ କରିବେ। କ୍ଲବ୍ ପକ୍ଷରୁ ଚାମ୍ପିଅନ ଦଳକୁ ୪୧ ହଜାର ଓ ରନର୍ସଅପ ଦଳକୁ ୩୧ ହଜାର ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ। ଏନେଇ ଆଜି ସନ୍ଧ୍ୟାରେ ଷ୍ଟାଡିୟମ ଠାରେ ପ୍ରଧାପାଟ କ୍ଲବ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ବିକାଶ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, କ୍ଲବ୍ ସମ୍ପାଦକ ସଞ୍ଜୀବ ନାଏକ, କ୍ଲବ୍ ସଭାପତି ସୁବାଷ ଚନ୍ଦ୍ର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ।

## ଡିସେମ୍ବର ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ଝାରସୁଗୁଡ଼ା,୨୦।୧୧(ସମିସ):** ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ଡିସେମ୍ବର ୧୩ ତାରିଖ ଜିଲ୍ଲା କୋର୍ଟ ପରିସରରେ ଓ ଲଖନପୁରରେ ଥିବା ଗାଁ ନ୍ୟାୟାଳୟ ପରିସରରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅବସରରେ ସମସ୍ତ ପ୍ରକାରର ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଦେୱାନି ମକଦ୍ଦମା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଇତ୍ୟାଦି ମାମଲା ମାନଙ୍କର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଏଥିରେ ଅଧ୍ୟକ୍ଷତା କରିବେ।

ଆପୋଷ ବୁଝାମଣା ମାଧ୍ୟମରେ କୋର୍ଟରେ ବିଚାରାଧିନ ମାମଲା ଗୁଡ଼ିକର ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପୋଯୋଗ କରିବାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ କହିଛନ୍ତି। ଅଧିକ ସୂଚନା ନିମନ୍ତେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି। କଚେରୀରେ ଦାୟର ହୋଇ ନ ଥିବା ପ୍ରାକ୍ ମୋକଦ୍ଦମା ସ୍ତରୀୟ ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ହୋଇପାରିବ। ଲୋକ ଏହି ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। କୌଣସି ବିଚାରାଧୀନ ମୋକଦ୍ଦମା ଲୋକ ଅଦାଲତ ମାଧ୍ୟମରେ ସମାଧାନ ହେଲେ ଆଗରୁ ପୈଠ ହୋଇଥିବା କୋର୍ଟ ଫି ମଧ୍ୟ ଫେରସ୍ତ ହୋଇପାରିବ। ଅଧିକ ସୂଚନା ପାଇଁ ହେଲ୍ପଲାଇନ ନମ୍ବର ୧୫୧୦୦କୁ ଯୋଗାଯୋଗ କରିପାରିବେ।

## ମହାନଦୀ କୋଇଲା ଖଣି ଇଣ୍ଟର ଏରିଆ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଝାରସୁଗୁଡ଼ା,୨୦।୧୧(ସମିସ):** ଝାରସୁଗୁଡ଼ା ବ୍ରଜରାଜନଗର ମହାନଦୀ କୋଇଲା ଖଣି ଓରିଏଣ୍ଟ ଏରିଆ ପକ୍ଷରୁ ଭିଏସଏସ ଷ୍ଟାଡିୟମ୍ ଠାରେ ଗୁରୁବାର ମହାନଦୀ କୋଇଲା ଖଣି ଇଣ୍ଟର ଏରିଆ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଓରିଏଣ୍ଟ ଏରିଆର ମହାପ୍ରବନ୍ଧକ ଅଜୟ ନାମାଯୋଶୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଜିଏମ ଏଏମଏମ ଓରିଏଣ୍ଟ ଏରିଆ ବିଶ୍ୱଜିତ ପଟ୍ଟନାଏକ, ଓସିଏମସିର କ୍ଷୀରୋଦ କୁଅଁର, ବିଆଇକେଏମଏସ ବିଏମଏସର ସୁଜିତ୍ ଝା, ଏଆଇଟିଆଇୟୁସିର ପ୍ରଦୀପ ନାଏକ, ଏଏଚଆରଏମର ଦିବାଙ୍କର ଲୋନାରେ, ଷ୍ଟାଫ ଅଫିସର (ଏସଏନଟି) ଗୁନବନ୍ତ ବେଲେ, ସିଷ୍ଟା ପକ୍ଷରୁ ଗଜପତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପାଲି ଇପ୍ସିତା ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଏଚଆରଏମ ଦିବାଙ୍କର ଲୋନାରେ ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜିତ ହେଉଥିବା ଟି-୨୦ କ୍ରିକେଟ ଖେଳରେ ୧୪ଟି ଦଳକୁ ନେଇ ୧୧ ଦିନ ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହେବ। ଆସନ୍ତା ୩୦ ତାରିଖ ଫାଇନାଲ ଖେଳ ଆୟୋଜିତ ହେବାନେଇ ସୂଚନା ରହିଛି। ମିଥିଲେସ ପ୍ରସାଦ, ଯଶବିନ୍ଦର ସିଂହ ଖେଳକୁ ପରିଚାଳନା କରୁଥିବା ବେଳେ ସ୍କୋରର ଭାବେ ରୋହିତ ପାସୱାନ, ଏମଡି ନାସୁରିଧିନ ମଲ୍ଲିକ ଓ ଓରିଏଣ୍ଟ ଏରିଆର କାର୍ଯ୍ୟକର୍ତ୍ତା ସହଯୋଗ କରିଛନ୍ତି।

## ଗାଇସିଲେଟ ଗସ୍ତରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଯୁଗ୍ମ ସଚିବ

**ଗାଇସିଲେଟ,୨୦।୧୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍‌ରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଯୁଗ୍ମ ସଚିବ ଗାୟତ୍ରୀ ଦତ୍ତ ନାୟକ ପହଞ୍ଚିଛନ୍ତି। ବ୍ଲକ୍ କାର୍ଯ୍ୟାଳୟରେ ତାଙ୍କୁ ସ୍ୱାଗତ ପରେ ସେ ସରଧାପାଲି ପଞ୍ଚାୟତ କରିମୁଣ୍ଡା, କଟାବାହାଲ ପଞ୍ଚାୟତ କୁଲିଆରୀ, ତାଲପାଲି ପଞ୍ଚାୟତ ଖୁଣ୍ଟପାଲି ଗାଁରେ ପହଞ୍ଚିଥିଲେ। ୨୦୧୬-୧୭ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଗୃହ ନିର୍ମାଣ କରି ନଥିବା ସମସ୍ତ ହିତାଧିକାରୀଙ୍କ ଘର ଘର ବୁଲି ତଦାରଖ କରିଥିଲେ। କାମ ଆରମ୍ଭ କରି ନଥିବା ବା ଅଧପନ୍ତରିଆ କାମ କରିଥିବା ହିତାଧିକାରୀଙ୍କୁ ତୁରନ୍ତ କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀଷ୍ମ ମାଝୀ, ବିପିସି ଆରଏଚ ଅଭୟ ପଧାନ, ସହକାରୀ ନିର୍ବାହୀଯନ୍ତ୍ରୀ କୈଳାଶ ଚନ୍ଦ୍ର ମେହେର, ଏପିଓ ମାନସ ପ୍ରଧାନ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗାଁ ରୋଜଗାର ସେବକ ମାନେ ଉପସ୍ଥିତ ଥିଲେ। ଯେଉଁ ବ୍ୟକ୍ତିମାନେ ଆବାସ ଯୋଜନା ପାଇ ନାହାନ୍ତି ବା ଭଙ୍ଗା ଦଦରା ଘରେ ରହୁଛନ୍ତି, ସେମାନଙ୍କ କଥା ବୁଝିବା ସହ ଯଥାଶୀଘ୍ର ତାଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ମାନଙ୍କ ସହିତ ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ଓ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ ଗାଇସିଲେଟ ବ୍ଲକ୍‌ର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ନାୟକ ପ୍ରତିଶ୍ରୁତି ଦେଇଥିଲେ।



## ସଚ୍ଚିଦାନନ୍ଦ ସିଂହାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ବରଗଡ଼,୨୦।୧୧(ସମିସ): ସମତା ଭବନ ବରଗଡ଼ ଠାରେ ବରିଷ୍ଠ ସମାଜବାଦୀ ଚିନ୍ତକ ସଚ୍ଚିଦାନନ୍ଦ ସିଂହାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ସମତା ଭବନ ପରିବାର ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗତ ବୁଧବାର ୯୮ ବର୍ଷ ବୟସରେ ମୁଜଫରପୁର ସ୍ଥିତ ନିଜ ବାସଗୃହରେ ତାଙ୍କର ପରଲୋକ ହୋଇଛି। ଯୁବକ ଅବସ୍ଥାରୁ ସମାଜବାଦୀ ବିଚାରଧାରା ଏବଂ ଆନ୍ଦୋଳନରରେ ପ୍ରଭାବିତ ହୋଇ ଆଜୀବନ କାମ କରିଆସୁଥିଲେ। ମୁଜଫରପୁର ଜିଲ୍ଲାର ମନିକା ଗାଁରେ ଏକ ଆଦର୍ଶ, ସରଳ ଏବଂ ନିରାଡମ୍ବର ଜୀବନ ଅତିବାହିତ କରୁଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଥିଲେ ଯେ ସେ ଡ.ରାମ ମନୋହର ଲୋହିଆ, ଡ.ବାବା ସାହେବ ଭୀମରାଓ ଆମ୍ବେଦକର, ଜୟ ପ୍ରକାଶ ନାରାୟଣ ଏବଂ କିଶନ ପଟ୍ଟନାୟକଙ୍କ ସହିତ କାମ କରିବାପାଇଁ ସୌଭାଗ୍ୟ ଲାଭ କରିଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାରେ ବହୁତ ପ୍ରଭାବିତ ହୋଇ ସମାଜବାଦ ଉପରେ ଦୁଇ ଡଜନରୁ ଅଧିକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପ୍ରଖର ଜ୍ଞାନ କାରଣରୁ ଡ.ରାମ ମନୋହର ଲୋହିଆ ତାଙ୍କୁ ମେନକାଇଣ୍ଡ ପତ୍ରିକାର ସମ୍ପାଦକ ମଣ୍ଡଳୀର ସଦସ୍ୟ ରୂପେ ନିଯୁକ୍ତ କରିଥିଲେ। ହିନ୍ଦୀ ମାସିକ ପତ୍ରିକା 'ସାମୟିକ ବାର୍ତ୍ତା'ର ଉପଦେଷ୍ଟା ମଧ୍ୟ ଥିଲେ। ସଭାରେ ଶିବ ପ୍ରସାଦ ପ୍ରଧାନ, ବାବା ମାୟାରାମ, ସୁଶୀଲ ସାହୁ, ହର ବଣିଆଁ, ସୀତାରାମ ମେହେର, ସୁରେନ୍ଦ୍ର ମେହେର, କିଶୋର ସାହୁ, ସରୋଜ ପଧାନ ରମେଶ ପତି, ପ୍ରବୀଣ ସାହୁ, ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀ

**ବରଗଡ଼,୨୦।୧୧(ସମିସ):** ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ଆନୁକୂଲ୍ୟରେ ଗଙ୍ଗାଧର ନଗର ସ୍ଥିତ ଏଇ ମିସନ ସ୍କୁଲ ଠାରେ ଗୁରୁ ଭଗବାନ ସାହୁଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଯୁଗଳ ପ୍ରସାଦ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଇ ମିସନ ସ୍କୁଲ ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଡ.ତପସ୍ୱିନୀ ଗୁରୁଙ୍କ ଅଭିଭାଷଣ ଏବଂ ସଭାପତିତ୍ୱରେ, ସାହିତ୍ୟିକ ମନୋରଞ୍ଜନ ମେହେରଙ୍କ ସଂଯୋଜନାରେ କବୟିତ୍ରୀ ଜୟଶ୍ରୀ ପଣ୍ଡା ଗୁରୁ ବନ୍ଦନା ପରିବେଷଣ କରିଥିଲେ। ସମ୍ପାଦକ ସନ୍ତୋଷ ପଣ୍ଡା ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ସାହିତ୍ୟିକ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ବୟୋଜ୍ୟେଷ୍ଠ କଣ୍ଠଶିଳ୍ପୀ ଦଧିବାବନ ଶତପଥୀ ଯୋଗ ଦେଇଥିଲେ। ଡ.ଯଶବୀର ସିଂ ସୈନୀ ଧନ୍ୟବାଦ ଅର୍ପଣ କରିଥିଲେ। ଲୁଲୁରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ କୃଷ୍ଣଚନ୍ଦ୍ର ପଣ୍ଡା, ତୁଳସୀ ଦାଶ, ନନ୍ଦୀ କିଶୋର ଦାଶ, ଉଦ୍ଧବ ବେହେରା, ଅଚ୍ୟୁତାନନ୍ଦ ବାରିକ, ବିମଳ କୃଷ୍ଣ ମିଶ୍ର, ଶିବାନନ୍ଦ ମଟାରୀ, ସାରଥି ମେହେର, ଦାମୋଦର ସାହୁ, ନୂରାବତି ସାହୁ, ମିନୁ ହୋତା, ସନ୍ତୋଷିନୀ ନାଗ, ସଂଘମିତ୍ରା ପଟେଲ, ପଲ୍ଲୀ ସେବକ ସାହୁ, ଲାଲ ବିହାରି ମିଶ୍ର, ମନୋଜ ବାଗ, ମାନସରଞ୍ଜନ ଦାଶ, ଲଳିତ ଦାସ, ଜଟାଧାରୀ ପ୍ରଧାନ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କିର୍ମିରା ବ୍ଲକ୍‌ରେ ୩ ପ୍ରକଳ୍ପ ଶିଳାନ୍ୟାସ



ଝାରସୁଗୁଡ଼ା/କିର୍ମିରା,୨୦।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍‌ର ୩ଟି ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କରିଛନ୍ତି। ପ୍ରଥମେ କିର୍ମିରାରେ ୧୬୬୯.୩୧ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ନୂତନ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରର ଶିଳାନ୍ୟାସ କରିଥିଲେ। ପରେ କିର୍ମିରାରୁ ବାଗଡିହି ରାସ୍ତା ରଙ୍ଗିଆଟିକିରା ପାଖ ନାଳା ୭୬୦.୮୫ଲକ୍ଷ ଟଙ୍କାରେ ନିର୍ମିତ ନୂତନ ସେତୁ, ବାଗଡିହି ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଖଡିଆମାଲ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୧୨୭୧.୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ରାସ୍ତାର ଶିଳାନ୍ୟାସ କରିଥିଲେ। ଏଥିରେ ବିଡିଓ ଅଭିନାଶ ଲାକ୍ରା, କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡ.ଘନଶ୍ୟାମ ସୂରେନ, ସରପଞ୍ଚ ସନ୍ତୋଷିନୀ ପଟେଲ, ବିଜେପି ମଣ୍ଡଳ ସଭାପତି ଉଦ୍ଧବ ସିଂ ନାଏକ, ବିଜୟ ଶର୍ମା, ନସ୍କାପାଲି ନାଏକ ସରପଞ୍ଚ ପ୍ରେମ ଜୟପୁରିଆ, ବିଜୟ ଅଗ୍ରୱାଲ୍, ବାବୁଲାଲ କିଷାନ, ଝସକେତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରଜରାଜନଗରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ଝାରସୁଗୁଡ଼ା,୨୦।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅଧୀନ ଗାନ୍ଧୀ ଛକ ଦୁର୍ଗାପୂଜା ମଣ୍ଡପ ପଡିଆ ଠାରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରପରିଷଦର ଅଧ୍ୟକ୍ଷ କ୍ରିଷ୍ଣଗୋପାଳ ସୀତାନି, ମହାନଦୀ କୋଇଲା କମ୍ପାନୀ ଇବ୍ ଭ୍ୟାଲି ଏରିଆ ଜେନେରାଲ ମ୍ୟାନେଜର ଜିତେନ୍ଦ୍ର ତିୱାରୀ, ପୂର୍ତ୍ତ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସତ୍ୟବାନ ପଟେଲ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୧୯ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ଗାନ୍ଧୀ ଛକ ଠାରୁ ରେଳଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ, ଲଖନପୁର ବ୍ଲକ୍‌ର କନକତୁରା ଠାରେ ୨କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ରାଜସ୍ୱ ଡାକବଙ୍ଗଳା ଗୃହର ଶିଳାନ୍ୟାସ କରିଥିବା ବେଳେ ବ୍ରଜରାଜନଗର ପୌରପରିଷଦର ବିଭିନ୍ନ ଅଞ୍ଚଳରେ ୬ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୮ ଟି ପ୍ରକଳ୍ପର ଲୋକାର୍ପଣ, ମହାନଦୀ କୋଇଲା କମ୍ପାନୀ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ବ୍ୟୟରେ ୫ଟି ଶ୍ରେଣୀ ଗୃହର ଲୋକାର୍ପଣ, ୭ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟରେ ୬୬ଟି ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହା ସହିତ ମନ୍ତ୍ରୀ ୩୦ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ବାଣ୍ଟିଥିଲେ। ରାଜ୍ୟ ସୁରକ୍ଷା ଯୋଜନାରେ ୫୦ ଜଣଙ୍କୁ ନୂଆଁ ରାସନକାର୍ଡ ବାଣ୍ଟି ଥିଲେ। ପୌର କାର୍ଯ୍ୟାଳୟର ନିଲୁ ହଂସା ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର କର୍ମଚାରୀ, ପୂର୍ତ୍ତ ବିଭାଗ କର୍ମଚାରୀ, ଅନେକ ବିଜେପି ନେତା ଓ କର୍ମୀ ମାନଙ୍କ ସହ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

● ୨୨ତମ ବରଗଡ଼ ପୁସ୍ତକମେଳା

# ପୁସ୍ତକର ପ୍ରଭାବ ଯୁଗେ ଯୁଗେ ସୁଦୂର ପ୍ରସାରୀ

ବରଗଡ଼, ୨୦।୧୧(ସମିସ): "ପୁସ୍ତକର ପ୍ରଭାବ କେବଳ ଆଜି ନୁହଁ ଯୁଗ ଯୁଗରେ ରହିଛି, ପୁସ୍ତକର ପ୍ରଭାବ ସୁଦୂର ପ୍ରସାରୀ" ବୋଲି ଗୁରୁବାର ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ୨୨ତମ ବରଗଡ଼ ପୁସ୍ତକମେଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଡ.ଛାୟାକାନ୍ତ ଷଡଙ୍ଗୀ କହିଛନ୍ତି। ପାଠାଗାରର ସଭାପତି ଅରୁଣ ମହାନ୍ତିଙ୍କ ସଭାପତିତ୍ୱ ଓ ଉପସଭାପତି ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଶ୍ରୀ ଷଡଙ୍ଗୀ ପୁରସ୍କାର କି ପ୍ରଶଂସା ପାଇଁ ନୁହେଁ ବରଂ ସମାଜ ପାଇଁ ପ୍ରେରଣା, ସମ୍ବେଦନା, ଅଭିଜ୍ଞତା, ଅନୁଭୂତି, ଭାବନା ଯୁକ୍ତ ସାହିତ୍ୟ ସୃଷ୍ଟି କରିବାକୁ ଆଧୁନିକ ଲେଖକଙ୍କୁ ଆହ୍ୱାନ ଦେଇଥିଲେ। ଆଜି ୨୨ତମ ପୁସ୍ତକମେଳାକୁ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଅବିଭାବକ ମାନଙ୍କୁ ପିଲାଙ୍କୁ ପୁସ୍ତକ ପଠନ ପ୍ରିୟ କରିବାକୁ ଚେଷ୍ଟା କରିବାକୁ କହିଥିଲେ। ଏହି ଅବସରରେ ସେ ସରକାରୀ ସ୍ତରରେ ବରଗଡ଼ ପୁସ୍ତକ ମେଳାକୁ ସହଯୋଗ ଯୋଗାଇ ଦେବା ସହ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରରର କାର୍ଯ୍ୟରେ ସହଯୋଗ କରିବେ ବୋଲି ଘୋଷଣା କରିଥିଲେ। ଅନ୍ୟତମ ଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ପାଠାଗାର ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅତିଥିମାନେ ଶିକ୍ଷାବିତ ଡ.ଜଗଦୀଶ ମିଶ୍ରଙ୍କ ପୁସ୍ତକ ଶହୀଦ ବୀର ମାଧୋ ସିଂ ପୁସ୍ତକ ଉନ୍ମୋଚନ କରିଥିଲେ। ପାଠାଗାରର ବରିଷ୍ଠ ସଦସ୍ୟ ପତିତପାବନ ସାହୁ, ସନ୍ତୋଷ ପଣ୍ଡା, ଜୟଶ୍ରୀ ସାହୁ, ବିକ୍ରମାଦିତ୍ୟ ପଣ୍ଡା, ଗୌରୀ ଶଙ୍କର ପଣ୍ଡା, ଅମିୟ ଭୂଷଣ ସାହୁ, ହୃଷୀକେଶ ଦାଶ, ଡୋଳାମଣି ଶତପଥୀ, ଶୁଭମ୍ ଭିତ୍ରିଆ, ମିଳନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗାନ୍ଧୀ ଜୟନ୍ତୀ ଓ ପୁସ୍ତକମେଳା ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ, ସ୍ମାରକୀ ପ୍ରଦାନ କରାଯାଇଥିଲା। ଶେଷରେ ପାଠାଗାର ସମ୍ପାଦକ ରବି ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଅତାବିରା ମଣ୍ଡିରେ ଧାନ ପୂରାଇଲେ ଚାଷୀ

## ଧାନ ସଂଗ୍ରହ ଆରମ୍ଭ ପୂର୍ବରୁ ସ୍ଥିତି ଅସମ୍ଭାଳ

ଅତାବିରା, ୨୦।୧୧(ସମିସ)

ହୀରାକୁଦ ସେଚାଞ୍ଚଳ ଅଧୀନସ୍ଥ ଅତାବିରା ବ୍ଲକରେ ଆଗୁଆ ଧାନ ଚାଷ ଆରମ୍ଭ ହୋଇ ଆଗୁଆ ଅମଳ ହୋଇଥାଏ। ପାଖାପାଖି ୨୦ ପ୍ରତିଶତ ଧାନ ଅମଳ ହୋଇଗଲାଣି। ଆଉ ୪/୫ ଦିନରେ ଧାନ ଅମଳ ହୋଇଯିବ। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ଦ୍ୱାରା ୨୮ ତାରିଖ ମଣ୍ଡି ଖୋଲିବା ନେଇ ଧାର୍ଯ୍ୟ କରାଯାଇଥିଲା। ଚାଷୀ ପାଖରେ ଧାନ ରଖିବାକୁ ସ୍ଥାନ ନାହିଁ। ସେପଟେ ଆଗକୁ ଲଘୁଚାପଜନିତ ବର୍ଷା ଥିବାରୁ ନିଜ କଷ୍ଟୋପାର୍ଜିତ ଧାନକୁ ସୁରକ୍ଷିତ ରଖିବା ପାଇଁ ପୂର୍ବ ନିଷ୍ପତ୍ତି କ୍ରମେ ଚାଷୀ ଗୁରୁବାର ମଣ୍ଡିରେ ଧାନ ପୂରାଇ ଅନୁକୂଳ କରିଛନ୍ତି। ରାଜ୍ୟ କୃଷକ ସଂଗଠନ ଅତାବିରା ବ୍ଲକ ପକ୍ଷରୁ ନଡ଼ିଆ ବାଡ଼େଇ ପୂଜାର୍ଚ୍ଚନା କରି ଖରିଫ ଫସଲର ଧାନ ସଂଗ୍ରହ ଶୁଭ ମନାସୀ ଛନ୍ତି। ସଂଗଠନର ବ୍ଲକ ସଭାପତି ବୀରେନ୍ଦ୍ର କର ପୂଜାର୍ଚ୍ଚନା କରି ଧାନ ଆଣିଥିବା ଦୁଇ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବାବେବିରା କେନାଲର ଚାଷୀ ରେଡ୍ଡୀ ରାଜେଶ କୁମାର ୧୭୨ ପାକେଟ୍, ପଟାବି ଭାଙ୍ଗା ୧୭୧ ପାକେଟ ଧାନ ଆଣିଥିଲେ। ମାର୍ଗଶିର ଗୁରୁବାର ହୋଇଥିବାରୁ ଓଡ଼ିଆ ଚାଷୀ ଧାନ ଆଣି ନଥିବା ଦେଖିବାକୁ ମିଳିଥିଲା। ଆସନ୍ତା କାଲି ଶୁକ୍ରବାର ଗୋଡ଼ଭଗା ମଣ୍ଡିରେ ଅନୁରୂପ ଭାବେ କୃଷକ ସଂଗଠନ ପକ୍ଷରୁ ଧାନ ପୁରାଇବାର କାର୍ଯ୍ୟକ୍ରମ ରହିଛି। ଆଜିର କାର୍ଯ୍ୟକ୍ରମରେ ଚାଷୀ ବୁଧଦେବ ନନ୍ଦ, ଦଶରଥ ଭୋଇ, ଅଶ୍ୱିନୀ ତ୍ରିପାଠୀ, ପାପରାଓ, ସୁରେଶ କର୍ଣ୍ଣ, ସମୀର ପ୍ରଧାନ, ଭୁବନ ପ୍ରଧାନ, କେରାମବାବୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଏ ପଟେ ଜିଲ୍ଲା ପ୍ରଶାସନ ସବୁ ଜାଣି ନ ଜାଣିଲା ପରି ରହିଥିବା ଦେଖା ଦେଇଛି।



# ବରଗଡ଼-ଭେଡେନ ରାସ୍ତାର ଉନ୍ନତିକରଣ ପାଇଁ ଶିଳାନ୍ୟାସ

ବରଗଡ଼, ୨୦।୧୧(ସମିସ): ବରଗଡ଼ ପ୍ରାଇଭେଟ୍ ବସଷ୍ଟାଣ୍ଡ ମାଁ ସାରଳା ହୋଟେଲ ପାଖରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ପାୟ ୧୪ କୋଟି ଟଙ୍କା ବ୍ୟୟରେ ରାସ୍ତାର ଉନ୍ନତି କରଣ ପାଇଁ ଶୁଭ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ୧୩ କୋଟି ୯୧ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ବରଗଡ଼-ଭେଡେନ କେନାଲ ରାସ୍ତା ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ସ୍ଥାନୀୟ ଅର୍ଥନୀତି ଓ ଯାତାୟାତକୁ ଆହୁରି ସୁଦୃଢ଼ କରିବ ବୋଲି ବିଧାୟକ କହିଛନ୍ତି। ସାମ୍ବାଦିକ ପ୍ରଦୀପ ମହାନ୍ତି, ଅଶୋକ ପଣ୍ଡା, ସମାଜସେବୀ କୁନୁ ମହାନ୍ତି, ଠିକାଦାର ସଂଘ ସଭାପତି ମଣ୍ଟୁ ଗଡ଼ତିଆ, ଆଇନଜୀବୀ ରବି ନାରାୟଣ ଦାଶ, ସଞ୍ଜୀବ ମହାପାତ୍ର, ସମୀର ସିଂ, ବିଜୟ ପାଣିଗ୍ରାହୀ, ପିଡବ୍ଲ୍ୟୁଡିଏସଡି ଓ ଶତ୍ରୁଘ୍ନ କାଲୋଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

# ବୀରତା ଦିବସ ପାଇଁ ଆଦିବାସୀ ମହାସଂଘର ପ୍ରସ୍ତୁତି

ପଦ୍ମପୁର, ୨୦।୧୧(ସମିସ): ସହିଦ ବୀର ମାଧୋ ସିଂଙ୍କ ବୀରତା ଦିବସ ପାଳନ ପାଇଁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଗୋରୁ ବଜାର ପ୍ରାଙ୍ଗଣ ଠାରେ ପଶ୍ଚିମ ମହାସଂଘର ବରଗଡ଼ ଜିଲ୍ଲା ସଭାପତି ଗୋବିନ୍ଦ ବରିହାଙ୍କ ସଭାପତିତ୍ୱରେ ପଦ୍ମପୁର ବ୍ଲକର ସମସ୍ତ ପଞ୍ଚାୟତର ଆଦିବାସୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ ଯୋଗ ଦେଇଥିଲେ। ସରକାରଙ୍କର ଆର୍ଥିକ ସହାୟତା ସୁଭଦ୍ରା ଯୋଜନା, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ବିକଲାଙ୍ଗ ଭତ୍ତା, ଭୂମିହୀନ ମାନଙ୍କୁ ଘରଡିହ, ପ୍ରଧାନମନ୍ତ୍ରୀ ଆବାସ ଗୃହ, ଶିକ୍ଷାର କ୍ଷେତ୍ରରେ ଏବଂ ବିଭିନ୍ନ କ୍ଷେତ୍ରରେ ସରକାରଙ୍କଠାରୁ ଆଦିବାସୀ ଦଳିତ ଏବଂ ଅନ୍ୟ ବର୍ଗର ଗରିବ ଲୋକ ମାନେ ଲାଭବାନ ହୋଇ ପାରିବେ, ସେହି ବିଷୟରେ ଗୋବର୍ଦ୍ଧନ ଭୋଏ ସମସ୍ତଙ୍କୁ ବୁଝାଇ ଥିଲେ। ଚଳିତ ବର୍ଷ ଡିସେମ୍ବର ୩୧ ତାରିଖ ଘେଁସ ଗାଁର ସହିଦ ବୀର ମାଧୋ ସିଂଙ୍କ ୧୬୮ ତମ ଫାଶୀ ଦିବସକୁ ବୀରତା ଦିବସ ଭାବେ ପାଳନ କରାହେବ ବୋଲି ପଦ୍ମପୁର ବ୍ଲକର ସମସ୍ତ ପଞ୍ଚାୟତ ସଭାପତି ଓ ସମ୍ପାଦକ ମାନଙ୍କୁ ଜଣାଇ ଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଯୁବରେଡ୍‌କ୍ରସ୍ ପରିଚାୟକ ସଭାରେ ପ୍ରାଥମିକ ଚିକିତ୍ସା ଓ ନିଶାମୁକ୍ତ ଭାରତ ଅଭିଯାନ

ଅତାବିରା, ୨୦।୧୧(ସମିସ): ଅତାବିରା ବ୍ଲକ ସ୍ଥିତ ଅଗ୍ରଣୀ ଶିକ୍ଷାକେନ୍ଦ୍ର ଲରମ୍ଭା ମହାବିଦ୍ୟାଳୟ ଠାରେ କଲେଜ ସ୍ଥିତ ଯୁବରେଡକ୍ରସ ତରଫରୁ ପରିଚାୟକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ପ୍ରଫେସର ଅଶୋକ ମହାନ୍ତି, ମୁଖ୍ୟ ଅତିଥି ଯୁବରେଡକ୍ରସ ଜିଲ୍ଲା ସଂଯୋଜକ ବରଗଡ଼ର ପ୍ରଫେସର ପରମାନନ୍ଦ ରଥ, ତାଲିମଦାତ୍ରି ଭାବେ ସରସରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ରାଜଶ୍ରୀ ମିଶ୍ର, ମହାବିଦ୍ୟାଳୟର ଯୁବରେଡକ୍ରସ ଅଧିକାରୀ ଅଧ୍ୟାପିକା କାଦମ୍ବିନୀ ଗୁରୁ, ଅଧ୍ୟାପିକା ବୀଣା ମେହେର, ଅଧ୍ୟାପକ ସୁନୀଲ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରାଥମିକ ଚିକିତ୍ସା ଉପରେ ତାଲିମ୍ ପ୍ରଦାନ କରାଯିବା ସହ ସାମ୍ପ୍ରତିକ ସମାଜରେ ଯୁବପିଢ଼ି କିପରି ନିଶା କବଳରେ ଛନ୍ଦି ହୋଇ ଅପରାଧମୂଳକ କାର୍ଯ୍ୟରେ ଲିପ୍ତରହି ଜୀବନକୁ ନଷ୍ଟ କରି ଦେଉଛନ୍ତି ସେ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଅଧ୍ୟାପିକା ବୀଣା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଇଙ୍କୁ ଲାଗି ହେବ ଜୈବିକ ଚାଷରୁ ପ୍ରସ୍ତୁତ ଚାଉଳ

ପଦ୍ମପୁର, ୨୦।୧୧(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ ତ୍ରିରଙ୍ଗା ଯୁବକ ସଂଘ କାର୍ଯ୍ୟାଳୟ ଠାରେ ସମଲେଶ୍ୱରୀ ଟ୍ରଷ୍ଟ ଓ ବିମଲ ଚାଷୀ ଉତ୍ପାଦକ କମ୍ପାନୀ ମିଳିତ ସହଯୋଗରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାରେ ମନ୍ଦିର ଟ୍ରଷ୍ଟର ସଦସ୍ୟ ଓ ଚାଷୀ ଉତ୍ପାଦକ କମ୍ପାନୀର ସଦସ୍ୟ ବୋଡାସମ୍ବର ଅଞ୍ଚଳର ଜୈବିକ ଚାଷୀଙ୍କ ଠାରୁ ମାସକୁ ୩୦ କ୍ୱିଣ୍ଟାଲ ଦେଶୀ ଚାଉଳରେ ଅନ୍ନ ଭୋଗ ପ୍ରସ୍ତୁତି ପାଇଁ ସହମତି ପ୍ରକାଶ କରିଥିଲେ। ଅଞ୍ଚଳର ଚାଷୀ ଏଥିରେ ଖୁସି ହୋଇ ଦେଶୀ ଚାଉଳ ଦେବା ପାଇଁ ସ୍ଥିର କରିଛନ୍ତି। ୨ ପ୍ରକାର ଦେଶୀ ଧାନ ଚାଷ କ୍ଷେତ୍ର ପରିଦର୍ଶନ କରି ଲୋକଙ୍କୁ ପ୍ରସାଦ ବ୍ୟବସ୍ଥା ଦେବାର ଲକ୍ଷ୍ୟ ରଖିଛନ୍ତି। କାର୍ଯ୍ୟକ୍ରମରେ ବିମଲ ଫାରମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ନିର୍ଦ୍ଦେଶକ ଅଶୋକ ସାହୁ, ନାରାୟଣ ବେହେରା, ପ୍ରିତମ ମେହେର, ସୁରେଶ ଚାନ୍ଦ, ମଳୟ ଭୋଇ, କୁଳମଣି, ପୃଥ୍ୱୀରାଜ ନାୟକ, ସୁରେନ୍ଦ୍ର ସାହୁ, କିଶୋର ଦାଶ, ତ୍ରିରଙ୍ଗା ଯୁବକ ସଂଘର ସଭାପତି ହୃଦୟାନନ୍ଦ ନାୟକ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ସରୋଜ ମହାନ୍ତି ଉପସ୍ଥିତ ଥିଲେ। ଶେଷରେ ବିମଲ କୃଷକ ଉତ୍ପାଦକ କମ୍ପାନୀ ମୁଖ୍ୟ ନିର୍ବାହୀ ଅଧିକାରୀ ତରଣୀ ସେନ ଦ୍ୱାରି ଧନ୍ୟବାଦ ଦେଇଥିଲେ।



# ରାଜୀବଲୋଚନ ହୋତା କଲେଜରେ ଫାର୍ମାସୀ ଦିବସ

ବରପାଲି/ମହଦା, ୨୦।୧୧(ସମିସ): ବରପାଲି ବ୍ଲକ ମହଦା ରାଜୀବ ଲୋଚନ ହୋତା କଲେଜ ଅଫ୍ ଫାର୍ମାସୀ ପରିସରରେ ସପ୍ତାହ ବ୍ୟାପୀ ଫାର୍ମାସୀ ଦିବସ ପାଳନର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ନିରୋଗ ରହିବା ପାଇଁ ଟୀକାକରଣ ଉଦ୍ଦେଶ୍ୟ ନେଇ ଜନ ସଚେତନା ସୃଷ୍ଟି ନିମନ୍ତେ ଶୋଭାଯାତ୍ରା ବାହାରିଥିଲା। ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର ହୋତା ଓ ସଭାପତି ନାରାୟଣ ପଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ସହିତ କଲେଜ ଅଧ୍ୟକ୍ଷ ଡ.ଆଶୁତୋଷ ମେହେର, ଉପାଧ୍ୟକ୍ଷ ଡ.ସୁଧୀର ସାହୁ ଓ ଅଧ୍ୟାପକ, ଅଧ୍ୟାପିକା ବୃନ୍ଦ ସାମିଲ ହୋଇଥିଲେ। ଶୋଭାଯାତ୍ରା ମହଦା ଗାଁ ପରିକ୍ରମା ମାଧ୍ୟମରେ ଉମା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟ ତଥା ରାଜୀବ ଲୋଚନ ହୋତା କଲେଜ୍ ଅଫ୍ ଫାର୍ମାସୀରେ ଟୀକାକରଣ ସଚେତନତା ବିଷୟ ଉପରେ ସଚେତନ ସଭା ମାନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ନୁରେନ୍ଦ୍ର ହୋତା ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଉପସ୍ଥିତ ଗ୍ରାମବାସୀ ମାନଙ୍କୁ ସପ୍ତାହବ୍ୟାପୀ ଫାର୍ମାସୀ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଟୀକାକରଣ ସଚେତନତା ଉପରେ ଏକ ନାଟକ ମଧ୍ୟ ପ୍ରଦର୍ଶନ କରାଯାଇଥିଲା।



# ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ତାରିଖ ଚୂଡ଼ାନ୍ତ

ବରଗଡ଼, ୨୦।୧୧(ସମିସ): ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବରଗଡ଼ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଆୟୋଜନ ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶାଶ୍ୱତୀ ଦାଶ, ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା, ପ୍ରଧାନଶିକ୍ଷକ ଶିବ ଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ରହି ଆସନ୍ତା ୨୫ ତାରିଖ ପିଏମଶ୍ରୀ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ବରଗଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାର ରୂପରେଖ ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଏହି ମେଳାରେ ବରଗଡ଼ ବ୍ଲକର ବିଭିନ୍ନ ସ୍କୁଲର ଶତାଧିକ ପ୍ରକଳ୍ପ ଏଥିରେ ସ୍ଥାନୀତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଜ୍ଞାନ ମେଳା ପରିଚାଳନା ପାଇଁ ବିଭିନ୍ନ କମିଟି ଗଠିତ ହୋଇ ଥିଲା। ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ନିର୍ବାହ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ବରଗଡ଼ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସିଆର୍‌ସିସି ମାନେ ଉପସ୍ଥିତ ଥିଲେ।

# ୨୪ରେ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ

ବରଗଡ଼, ୨୦।୧୧(ସମିସ): ରାଜ ପୁରୋହିତଙ୍କ ପରାମର୍ଶାନୁସାରେ ୭୮ ତମ ବର୍ଷ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବର ସଫଳ ଆୟୋଜନ ସକାଶେ ଚଳିତ ମାର୍ଗଶୀର ଶୁକ୍ଳପକ୍ଷ ଚତୁର୍ଥୀ ବା ୨୪ ତାରିଖ ସୋମବାର ସନ୍ଧ୍ୟାରେ ଶୁଭସ୍ତମ୍ଭ ସ୍ଥାପନ କରିବା ପାଇଁ ସ୍ଥିର ହୋଇଛି। ପରମ୍ପରା ଅନୁସାରେ ବରଗଡ଼ ଜିଲ୍ଲାପାଳ ତଥା ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଆଦିତ୍ୟ ଗୋୟଲ ଓ ସମ୍ମାନୀୟ ବରଗଡ଼ ଜିଲ୍ଲା ଏସ୍‌ପି ତଥା କାର୍ଯ୍ୟକାରୀ ସଭାପତି ପ୍ରହ୍ଲାଦ ସହାୟ ମୀନା, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଧନୁଯାତ୍ରା ମହୋତ୍ସବର ବିଭିନ୍ନ କମିଟି କର୍ମକର୍ତ୍ତା ତଥା ନୂତନ ଭାବେ ଚୟନ ହୋଇଥିବା କଂସ ମହାରାଜ ସୁଶୀଲ ମେହେର ଶୁଭସ୍ତମ୍ଭ ସ୍ଥାପନ ସମୟରେ ଉପସ୍ଥିତ ରହିବେ। ସନ୍ଧ୍ୟା ୫.୩୦ରେ ମାଁ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ହାଟପଦା ସଂଘର ମଣ୍ଡଳୀ ଅଭିମୁଖେ ଶୋଭାଯାତ୍ରା ହୋଇ ସନ୍ଧ୍ୟା ୭ରେ ଶୁଭସ୍ତମ୍ଭ ସ୍ଥାପନ ହେବ। ରାଜଦରବାର ମଞ୍ଚ କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂହ, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସହରର ବିଭିନ୍ନ ପ୍ରବେଶ ପଥରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ପ୍ରଚେଷ୍ଟା କ୍ରମେ ୬ଟି ସୁନ୍ଦର ତୋରଣ ନିର୍ମାଣ ହୋଇଛି।



# ଭଉଣୀକୁ ଶାଶୂଘରେ ହତ୍ୟା ଅଭିଯୋଗ

ପଦ୍ମପୁର, ୨୦।୧୧(ସମିସ): ପଦ୍ମପୁର ଉପଖଣ୍ଡ ପୁଢ଼େରଖାର ଗାଁର ଉମାକାନ୍ତ ବଛାଙ୍କୁ ଗାଇସିଲଟ ଥାନା ଅଧୀନ ଯୁବାଖୋଲ ଗାଁର ମିତା ବଛା ବୈଦିକ ରୀତିରେ ବିବାହ କରିଥିଲେ। ଗତ ୧୮ ତାରିଖରେ ମିତାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଏନେଇ ମୃତକଙ୍କ ଭାଇ ଅରୂପା ହାତୀ ଭଉଣୀକୁ ସ୍ୱାମୀ ଉମାକାନ୍ତ ହତ୍ୟା କରିଥିବା ଅଭିଯୋଗ ଆଣି ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ ମାରପିଟ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲେ ଓ ଶେଷରେ ମାରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତଦନ୍ତ କରି ଦୋଷୀ ବିରୁଦ୍ଧରେ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ବିଦ୍ୟାସାଗର ଏକାଡେମୀରେ ହସ୍ତତନ୍ତ, କଳା ଓ ବିଜ୍ଞାନ ପ୍ରଦର୍ଶନୀ



ବରଗଡ଼, ୨୦।୧୧(ସମିସ): ବିଦ୍ୟାସାଗର ଏକାଡେମୀରେ ବାର୍ଷିକ ହସ୍ତତନ୍ତ, କଳା ଏବଂ ବିଜ୍ଞାନ ପ୍ରଦର୍ଶନୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଚେୟାରମ୍ୟାନ ବଳରାମ ବିଶି, ପ୍ରଶାସନିକ ନିର୍ଦ୍ଦେଶିକା ଶୁଭ୍ରନିତା ବିଶି, ଡାଇରେକଟର ଡ.ଜୟଦେବ ଭୋଇ, ସୁଧାମୟୀ ଭୋଇ ସିବିଏସଇ ଅଧ୍ୟକ୍ଷ ଦିଲୀପ ମିଶ୍ର, ସିଏଚଏସଇ ଅଧ୍ୟକ୍ଷ ବିକାଶ ସେନ ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଫେସର ସୂର୍ଯ୍ୟ ବଡ଼ପଣ୍ଡା, କମଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ରାଜେନ୍ଦ୍ର ସିକନ୍ଦର ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ପ୍ରଦର୍ଶନୀ ସହ କଳା ଓ ହସ୍ତତନ୍ତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦୀପ ଓ କଳା ଶିକ୍ଷକ ପିତାମ୍ବର ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ୧୮୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରେ ଅନୁଷ୍ଠିତ ସାଧାରଣ ସଭାକୁ ଉପାଧ୍ୟକ୍ଷ ପ୍ରଦୀପ ବାନାର୍ଜୀ ପରିଚାଳନା କରିଥିଲା। ବେଳେ ଶିକ୍ଷକ ସୁଶୀଲ ବୁଧିଆ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଟ୍ରଷ୍ଟଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବରଗଡ଼, ୨୦।୧୧(ସମିସ): ସ୍ଥାନୀୟ ଟ୍ରଷ୍ଟ ଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଲେଙ୍ଗୁମିଶ୍ର ମିନି ଷ୍ଟାଡିୟମରେ ଅଧ୍ୟକ୍ଷ ପ୍ରତୁଲ ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦ ସେଠଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ କାଳୀ ମନ୍ଦିରରେ ପୂଜାର୍ଚ୍ଚନା ସହ ମଶାଲକୁ ଷ୍ଟାଡିୟମକୁ ଆଣି ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡାକୁ ଅଧ୍ୟକ୍ଷ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ତଥା ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ ଆଲୋକ ଗଡ଼ତିଆ ଓ ଛାତ୍ରୀଙ୍କ ମଧ୍ୟରେ ଅର୍ଚ୍ଚିତା ବାଗ ଚାମ୍ପିଅନ ହୋଇଥିଲେ। ଝରଣା ଦାଶ, ସୌମ୍ୟ ବିଭାର, ଆନନ୍ଦ ସେଠ, ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିବା ବେଳେ ଡ.ଜଗଦୀଶ ମିଶ୍ର ଧନ୍ୟବାଦ ଦେଇଥିଲେ।

# ୭୫ ବର୍ଷରେ ଆଧାର କାର୍ଡ ପାଇଲେ ଭିନ୍ନକ୍ଷମ

ଗାଇସିଲେଟ, ୨୦।୧୧(ସମିସ)

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଛିଦ୍ରାପାଲି ଗାଁର ଲିଙ୍ଗ ବରିହା ହେଉଛନ୍ତି ଜଣେ ୭୫ ବର୍ଷୀୟ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ଆଧାର କାର୍ଡ ନ ଥିବାରୁ ସମସ୍ତ ସରକାରୀ ସୁବିଧାରୁ ସେ ବଞ୍ଚିତ ରହିଛନ୍ତି। ଏନେଇ ସମାଜସେବୀ ଗୋବିନ୍ଦ ଡନସେନା ତାଙ୍କୁ ଧରି ବୁଧବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ଲକ୍ଷ୍ମଣ ମାଝୀ ତୁରନ୍ତ ତହସିଲଦାରଙ୍କ ସହିତ ଫୋନରେ କଥା ହୋଇ ଗୋଟିଏ ଦିନରେ ତାଙ୍କର ଜାତି, ସ୍ଥାୟୀ ବାସିନ୍ଦା, ଆୟ ସାର୍ଟିଫିକେଟ ତିଆରି କରିବା ସହ ଜିଲ୍ଲା ସିଏଚସି ମ୍ୟାନେଜର ବାଳମୁକୁନ୍ଦ ସାହୁଙ୍କୁ ଯୋଗାଯୋଗ କରିଥିଲେ। ବିଡିଓଙ୍କ ଅନୁରୋଧ କ୍ରମେ ହଠାତ ବରଗଡ଼ରୁ ସାହୁ ଆଜି ଗାଇସିଲେଟରେ ପହଞ୍ଚି ଲିଙ୍ଗ ବରିହାଙ୍କ ଆଧାର କାର୍ଡ ତିଆରି କରିଛନ୍ତି। ତେବେ ବୃଦ୍ଧ ବରିହାଙ୍କ ଆଖି ଦୁଇଟି ନଷ୍ଟ ହୋଇଯାଇଛି। ଦୀର୍ଘ ବର୍ଷ ଧରି ସରକାରୀ ସାହାଯ୍ୟ ପାଇଁ ଦୌଡ଼ି ଦୌଡ଼ି କୌଣସି ସୁଫଳ ତାଙ୍କୁ ମିଳି ନଥିଲା। ଏପରି ସ୍ଥଳେ ବିଡିଓ ଶ୍ରୀ ମାଝୀଙ୍କ ସହଯୋଗରେ ତୁରନ୍ତ ସମସ୍ତ କାର୍ଯ୍ୟ ହୋଇଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଆଧାର କାର୍ଡ ଆସିଲା ପରେ ୩୫୦୦ ଟଙ୍କା ଭତ୍ତା ସହ ଅନ୍ତୋଦୟ ଯୋଜନାରେ ଏକ ଗୃହ ଯୋଗାଇଦେବା ପାଇଁ ମଧ୍ୟ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ବିଡିଓ ଶ୍ରୀ ମାଝୀ ଅସହାୟ ଲୋକଙ୍କ ସେବା କରିବାକୁ ପ୍ରାଥମିକତା ଦେଉଥିବାରୁ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଆସିଛନ୍ତି। ବ୍ଲକରେ ହେଉଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଆସୁଥିବା ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ସେ ପ୍ରଥମେ ଆଗେଇ ଆସିଥାନ୍ତି। ବିଧବା, ଭିନ୍ନକ୍ଷମ, ବୟସ୍କଙ୍କ ଭତ୍ତା ଟଙ୍କା ପାଇଁ ନିଜେ ଅଧିକାରୀ ମାନଙ୍କୁ ସାଙ୍ଗରେ ନେଇ ଘର ଘର ବୁଲି ହିତାଧିକାରୀଙ୍କ ପାଖରେ ପହଞ୍ଚିଥାନ୍ତି। ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିବା ଏହି ଅଧିକାରୀ ଏବେ ଗାଇସିଲେଟ ଅଞ୍ଚଳରେ ଖୁବ୍ ଲୋକପ୍ରିୟ ହୋଇ ପାରିଛନ୍ତି।



# ରାଜ୍ୟସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍‌ର 'ଉଡାନ୍' ଶିବିର ଉଦ୍‌ଘାଟିତ



ଦହିତା/ପାଇକମାଳ, ୨୦।୧୧(ସମିସ): ରାଜ୍ୟସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପ 'ଉଡାନ୍' ୨୦୨୫ ଭାରତ ସ୍କାଉଟ୍ ଗାଇଡ୍, ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ୟୁନିଟ୍ ୩ ଠାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ସ୍କାଉଟ୍, ଗାଇଡ୍ ବାହିନୀଙ୍କୁ ନେଇ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ସ୍କାଉଟ୍ ଗାଇଡ୍ ତାଲିମ୍ କମିଶନର୍ ସୁଦର୍ଶନ ମହାକୁରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ୟୁନିଟ୍‌ରୁ ମନୋନୀତ ହୋଇଥିବା ୨୦ ଜଣ ସ୍କାଉଟ୍ ଗାଇଡ୍ ଛାତ୍ରଛାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ଦହିତା ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ୩ଜଣ, ଗାଇଡ୍ ୭ଜଣ; ମୁନିଖେଲ ଝିଟିକି ପଞ୍ଚାୟତ ହାଇସ୍କୁଲର ସ୍କାଉଟ୍ ୩ ଜଣ, କବି ଖଗେଶ୍ୱର ଶେଠ୍ ହାଇସ୍କୁଲ ଝେଙ୍ଗନାଡିହି ସ୍କାଉଟ୍ ଗାଇଡ୍ ୨ ଜଣ ଲେଖାଏଁ ଓ ପିଏମ୍‌ଶ୍ରୀ ହାଇସ୍କୁଲ ଅମ୍ବାଭୋନା ସ୍କାଉଟ୍ ଗାଇଡର ଯଥାକ୍ରମେ ୧ ଓ ୨ ଜଣ ଯୋଗ ଦାନ କରିଛନ୍ତି। ସ୍କାଉଟ୍ ମାଷ୍ଟର ଅକ୍ଷୟ ସାହୁ ଓ ଗାଇଡ୍ କ୍ୟାପଟେନ୍ ସୋନାଲିକା ଶବରଙ୍କ ତତ୍ତ୍ୱାବଧାନରେ କ୍ୟାମ୍ପରେ ସ୍କାଉଟ୍ ଗାଇଡ୍ ମାନେ ବିଭିନ୍ନ ନୃତ୍ୟ, ଗୀତ, ଯୋଗ, ମାର୍ଚ୍ଚପାଷ୍ଟ ତଥା ଶାରୀରିକ ପ୍ରଦର୍ଶନ କରି ଅନେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି।

# ଗୋଲାମୁଣ୍ଡା ଅଞ୍ଚଳରେ ବଢ଼ୁଛି ଥଣ୍ଡା ପ୍ରକୋପ

**ଗୋଲାମୁଣ୍ଡା, ୨୦।୧୧ (ସମିସ):** ମୌସୁମୀର ପ୍ରତ୍ୟାବର୍ତ୍ତନ ପରେ ପରେ ଲଘୁଚାପ ଜନିତ ବର୍ଷା ମଧ ଦୂରୀଭୂତ ହେବା ମାତ୍ରେ ପାରଦ ଖସିଛି। ତାପମାତ୍ରା କମିବାରୁ ଶୀତର ପ୍ରକୋପ ବୃଦ୍ଧି ପାଇଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରେ ମଧ ପ୍ରବଳ ମାତ୍ରାରେ ଥଣ୍ଡା ଅନୁଭୂତ ହେଉଛି। ସନ୍ଧ୍ୟା ଏବଂ ସକାଳ ଲୋକେ ଘର ଅଗଣା, ହେଉକି ରାସ୍ତା କଡ଼ରେ ନିଆଁ ଜାଳି ପାଖରେ ବସି ରହୁଥିବା ଦେଖିବାକୁ ମିଳିଛି। ପ୍ରବଳ ଥଣ୍ଡା ହେତୁ ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା ମଧ ଡେରି ହେଉଛି। ସେହିପରି ସବୁଠାରୁ ବେଶୀ କଷ୍ଟ ଦାୟକ ହେଉଛି ବୃଦ୍ଧବୃଦ୍ଧାଙ୍କ ଜୀବନ ପ୍ରତି। ଏପରିକି ଶୀତ ଦାଉରୁ ରକ୍ଷାପାଇବା ପାଇଁ ସରକାରୀ କର୍ମଚାରୀମାନେ ମଧ ଗରମ ପୋଷାକ ପରିଧାନ କରି ଅଫିସରେ କାମ କରୁଥିବା ଦେଖାଯାଇଛି। ପାହାଡ଼ ତଳିଆ ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ଦେଖିବାକୁ ମିଳିଛି।



## ୪ ଘଣ୍ଟା ପରେ ଗମନାଗମନ ସ୍ୱାଭାବିକ

# ଲାଞ୍ଜିଗଡ଼ ସହରରେ ଭାରୀଯାନ ଚଳାଚଳ ନେଇ ରାସ୍ତାରୋକ

**ଲାଞ୍ଜିଗଡ଼, ୨୦।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଏକ ଶିଳ୍ପାଞ୍ଚଳ ଯୋଗୁଁ ସହର ଭିତରେ ଦିନ ତମାମ ଭାରୀଯାନ ଚଳାଚଳ ହେଉଛି। ଏହାକୁ ବିରୋଧ କରି ଗୁରୁବାର ଅପରାହ୍ନ ୧୧ ଘଣ୍ଟା ସମୟରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା ସମେତ ଲାଞ୍ଜିଗଡ଼ବାସୀ ରାସ୍ତାରୋକ କରିଥିଲେ। ଫଳରେ ସମସ୍ତ ଭାରିଯାନ ପ୍ରାୟ ୪ ଘଣ୍ଟା ଧରି ଅଟକ ରଖିଥିବା ବେଳେ ଦିନ ୨ ଘଣ୍ଟା ପରେ ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ ଲାଞ୍ଜିଗଡ଼ ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ କାରଖାନାକୁ ମାଲ ପରିବହନ କିମ୍ବା କାରଖାନାରୁ କୌଣସି ଦ୍ରବ୍ୟ ବାହାରକୁ ପରିବହନ କରିବା ପାଇଁ ଦିନକୁ ଶହ ଶହ ଭାରିଯା।ନ ଲାଞ୍ଜିଗଡ଼ ସହର ଦେଇ ଯାତାୟାତ କରୁଛି। ଲାଞ୍ଜିଗଡ଼ ସହରର ରାସ୍ତା ଅଣଓସାରିଆ ହୋଇଥିବା ବେଳେ ଦିନ ବେଳା ଭାରୀଯାନ ଗୁଡିକ ଚଳପ୍ରଚଳ ହେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ସମେତ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ସହର ଭିତର ଦେଇ ଭାରୀଯାନ ଯାଉଥିବା ବେଳେ ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨ଟି ସ୍କୁଲ, କଲେଜ, ଅଙ୍ଗନବାଡି କେନ୍ଦ୍ର ଶିଶୁ ଓ ଛାତ୍ରଛାତ୍ରୀ ଯାତାୟାତ କରୁଥିବା ବେଳେ ରାସ୍ତା ଧୂଳି ଉଡି ଅଞ୍ଚଳବାସୀ ଅଣନିଶ୍ୱାସୀ ହେଉଛନ୍ତି। ଗାଡି ମାଲିକ କିମ୍ବା କାରଖାନା ତରଫରୁ ରାସ୍ତାରେ ପାଣି ସିଞ୍ଚନ ବ୍ୟବସ୍ଥା ମଧ କରାଯାଉନାହିଁ କି ଭାରିଯାନ ଯିବା ପାଇଁ କୌଣସି ବାଇପାସ ରାସ୍ତାର ବ୍ୟବସ୍ଥା କରାଯାଉନାହିଁ। ଘଣ୍ଟା ଘଣ୍ଟା ଟ୍ରାଫିକ୍ ସମସ୍ୟା ଲାଗି ରହିଥିବା ବେଳେ ଆମ୍ବୁଲାନ୍ସ ମଧ ଅଟକି ରହୁଛି। ଭାରିଯାନ ଯିବା ପାଇଁ କୌଣସି ସମୟ ସୀମା ନିର୍ଦ୍ଧାରିତ ନ କରି ଦିନ ତମାମ ସହରରେ ଭାରିଯାନ ପ୍ରବେଶକୁ ଆଜି ବିରୋଧ କରି ସମସ୍ତ ଭାରିଯାନକୁ ପ୍ରାୟ ୪ ଘଣ୍ଟା କାଳ ଅଟକାଇ ରଖିଥିଲେ ସରପଞ୍ଚ ସମେତ ଅଞ୍ଚଳବାସୀ। ଏହା ପରେ କମ୍ପାନୀ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ଅପରାହ୍ନ ୨ ଘଣ୍ଟା ସମୟରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ନେଇ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ହୋଇଥିଲା ସେମାନେ ଲାଞ୍ଜିଗଡ଼ର ଉକ୍ତ ରାସ୍ତାରେ ଦିନକୁ ତିନିଥର ପାଣି ସିଞ୍ଚନ କରିବା ସହିତ ଭାରିଯାନ ଗୁଡିକୁ ଅନ୍ୟ ରାସ୍ତାରେ ଛଡ଼ାଯିବାକୁ ନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଜଣାଇବୁ ବୋଲି ପ୍ରକାଶ କରିଥିଲେ।



# ୨୩ରେ ସତ୍ୟସାଇ ବାବାଙ୍କ ଜନ୍ମ ମହୋତ୍ସବ

**ରାଉରକେଲା, ୨୦।୧୧ (ସମିସ):** ଶ୍ରୀ ସତ୍ୟସାଇ ବାବାଙ୍କର ଜନ୍ମ ଶତ ବାର୍ଷିକୀ ଅବସରରେ ସମଗ୍ର ବିଶ୍ୱରେ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ପରିପ୍ରେକ୍ଷୀରେ ଶ୍ରୀ ସତ୍ୟସାଇ ସେବା ସମିତି ରାଉରକେଲା ଆନୁକୂଲ୍ୟରେ ନଭେମ୍ବର ୨୩ ତାରିଖ ଦିନ ମଧ ରାଉରକେଲାରେ ପାଳନ କରାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମିତିର ଆବାହକ ବିଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସୂଚନା ମୁତାବକ ଉକ୍ତ ଦିନ ସକାଳ ୫ ଘଟିକାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୮.୩୦ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଜାରି ରହିବ। ଏନେଇ ବୁଧବାର ରାଉରକେଲା ସହରରେ ଥିବା ବିଭିନ୍ନ କୁଷ୍ଠ ଆଶ୍ରମରେ ପ୍ରସାଦ ବିତରଣ ହେବା ସହିତ ବସ୍ତ୍ର ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ ତାରିଖ ଦିନ ତୁମକେଲା ବିଦ୍ୟାଳୟ ନିକଟରେ ଏକ ଆରଓ ପ୍ଲାଣ୍ଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଆସନ୍ତା ୨୨ ତାରିଖରେ ଆପୋଲୋ ହସ୍ପିଟାଲ୍ ରାଉରକେଲା ସହଭାଗିତାରେ ଉଦିତନଗର, ଓରାମପଡ଼ା ସ୍ଥିତ ସତ୍ୟ ସାଇ ମନ୍ଦିର ପ୍ରାଙ୍ଗଣରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯିବ। ଏଥିରେ ମେଡିସିନ, ମସ୍ତିଷ୍କ, ଇଏନ୍‌ଟି, ଦନ୍ତ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇ ନିଶୁଳ୍କ ସେବା କରିବା ସହ ବିଭିନ୍ନ ରକ୍ତ ପରୀକ୍ଷା ମଧ କରାଯିବ। ଏହି ଦିନ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ଚେତନା ଗବେଷକ, ପ୍ରଚାରକ ଆଦିତ୍ୟ ବାହିନୀ ପୁରୀ ଗୋବର୍ଦ୍ଧନ ମଠର ସଭାପତି ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ମାନବ ସେବା ହିଁ ମାଧବ ସେବା ବିଷୟବସ୍ତୁ ଉପରେ ସତସଙ୍ଗର ମୁଖ୍ୟ ବକ୍ତା ଭାବେ ଯୋଗ ଦେବେ। ବିଶେଷ ଅତିଥି ଭାବରେ ବିଜେପି ନେସନାଲ କାଉନସିଲ ମେମ୍ବର ମହେଶ ଚନ୍ଦ୍ର ମହାନ୍ତି, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥ ପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ଅତିରିକ୍ତ ଜିଲ୍ଲାପାଳ, ଏସ୍‌ପି ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ରାଉରକେଲାର ଅସଂଖ୍ୟ ଜନସାଧାରଣ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗର ଲୋକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଅନୁରୋଧ କରାଯାଇଛି। ଏତଦ୍‌ବ୍ୟତୀତ ଡିସେମ୍ବର ୨୧ ତାରିଖ ଦିନ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ସ ଷ୍ଟାଡିୟମଠାରେ ଶ୍ରୀ ସତ୍ୟସାଇ ରନ୍ ଆଣ୍ଡ ରାଇଡ୍, ମେଗା ମାରାଥନ ଓ ସାଇକେଲ ଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇଯାଇଥିବାବେଳେ ତାହା ନିଶୁଳ୍କ ଥିବା ସହିତ ଟି-ସାର୍ଟ ମେଡାଲ, ସାର୍ଟିଫିକେଟ୍ ଦେବାର ବ୍ୟବସ୍ଥା ମଧ ରହିଛି ବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁଗ୍ମ ଯୁବ ସଂଯୋଜକ ଚିନ୍ମୟନନ୍ଦ ପାତ୍ର, ଜିଲ୍ଲା ଉପଦେଷ୍ଟା ଗୋପୀନାଥ ପଟ୍ଟନାୟକ, ସମିତି ଉପଦେଷ୍ଟା ପ୍ରଫେସର ହୃଷୀକେଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶଳା ଗୁଳିମାଡ଼ରେ ଭିଣୋଇ ଗୁରୁତର

**ମନମୁଣ୍ଡା/ଶଗଡ଼ା, ୨୦।୧୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୁଦ୍ଧୁଲିଆ ପଞ୍ଚାୟତ ତିଳପଙ୍ଗାରେ ଗୁରୁବାର ଗୁଳିକାଣ୍ଡ ଘଟିଛି। ଶଳା ଗୁଳି ମାଡ଼ରେ ଭିଣୋଇ ଗୁରୁତର ହୋଇଛି। ଗୁରୁତର ଆହତ ଜଣକ ବାଉଁଶୁଣି ଥାନା ଗୁଡ଼ପଡ଼ା ଗ୍ରାମର ବ୍ୟୋମକେଶ ଖଟୁଆ। ତାଙ୍କୁ ପ୍ରଥମେ ବାଉଁଶୁଣୀ ଓ ପରେ ସୋନପୁର ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଗୁରୁବାର ସେ ତାଙ୍କ ଶଶୂର ଘର ତିଳପଙ୍ଗାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ତାଙ୍କ ଶଳା ସହ ପାରିବାରିକ କଥାକୁ ନେଇ ବଚସା ହୋଇଥିଲା। ସେଥିରେ ଶଳା ଉତ୍ତ୍ୟକ୍ତ ହୋଇ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ଖବର ପାଇ ମନମୁଣ୍ଡା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ଜବତ ଧାନ ଗାଡ଼ି ଛାଡି ଦେଲେ

**କୁଚିଣ୍ଡା, ୨୦।୧୧(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ମଣ୍ଡି ଖୋଲିବା ପୂର୍ବରୁ ଦଲାଲ ସକ୍ରିୟ ହୋଇଥିବା ଦେଖାଯିଛି। ଗତକାଲି କୁଚିଣ୍ଡାରେ ଗୋଟିଏ ୧୬ ଚକିଆ ଧାନ ବୋଝେଇ ଟ୍ରକ୍‌କୁ ତହସିଲଦାର ଓ ଯୋଗାଣ ବିଭାଗ ଛାଡ଼ି ଦେଇଛନ୍ତି। ମଣ୍ଡି ଖୋଲିବା ପୂର୍ବରୁ ଗୋଟିଏ ଟ୍ରକ୍‌ରେ ବେପାରୀମାନେ ଧାନ ମିଲକୁ ନେଉଥିବା ବେଳେ ଲୋକେ ଧରିଲେ। ତହସିଲଦାର ଓ ଯୋଗାଣ ବିଭାଗ ଧାନ ଜବତ କରି ଥାନାରେ ଜିମା ମଧ ଦେଲେ ହେଲେ କାହା ଅନୁମତିରେ ପୁଲିସ ଛାଡିଦେଲା। ଯୋଗାଣ ବିଭାଗ କାହିଁକି ବେଆଇନ ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କୁଚିଣ୍ଡା ଏସିଏସ ଓ ରାଜ କିଶୋର ସ୍ୱାଇଁ ଘଟଣାକୁ ହାଲୁକା ଭାବେ ନେଇ ଚାଷୀଙ୍କ ଧାନ ଥିଲା। ରଖିବା ପାଇଁ ଅନ୍ୟ ସ୍ଥାନକୁ ନେଇଥିଲେ ବୋଲି କହି ଏଡାଇ ଦେଇଛନ୍ତି। ହେଲେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି ଯେ, ଧାନ ଚାଲାଣ ନେଇ ସ୍ଥାନୀୟ ଏସିଏସ୍‌ଓ ତଦନ୍ତ କରୁଛନ୍ତି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।ସରକାର ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ପାଇଁ କଡ଼ା ନିୟମ କରିଛନ୍ତି। ଚାଷୀ ଅଭାବୀ ବିକ୍ରି ଶିକାର ନ ହେବ ସେ ନେଇ କମିଟି ଗଠନ କରିଛନ୍ତି। ହେଲେ ଯଦି କମିଟି ବେପାରୀ ସାଙ୍ଗରେ ବେପାର କରିବେ ତାହା ହେଲେ ଚାଷୀ ଅବସ୍ଥା କଣ ହେବ ବୋଲି ପ୍ରଶ୍ନ ଉଠିଛି। ସୂଚନା ଯୋଗ୍ୟ ଯେ, କୁଚିଣ୍ଡା ଉପଖଣ୍ଡରେ ଆସନ୍ତା ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଚଳିତ ବର୍ଷ ଧାନ ଭଲ ହୋଇଥିବାରୁ ଅଧିକ ଅମଳ ଆଶା ଚାଷୀ ଖୁସି ଅଛନ୍ତି। ଠିକ ଭାବେ ଧାନ ବିଲରୁ ଅମଳ ହୋଇ ନାହିଁ କିମ୍ବା ଅମଳ ହୋଇଥିଲେ ବି ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ପ୍ରଶାସନିକ ସ୍ତରରେ ମଣ୍ଡି ଖୋଲା ଯାଇ ନାହିଁ। ଏପରି ସ୍ଥିତିରେ ଦଲାଲମାନେ ଗଳା ବାଟ ଖୋଜି ବିଭିନ୍ନ ସ୍ଥାନରୁ ଚାଷୀଙ୍କ ଠରୁ କମ୍ ଦରରେ ଧାନକିଣି ତାଙ୍କ ଗୋଦାମରେ ଭର୍ତ୍ତି କରିବାରେ ବ୍ୟସ୍ତ। ସୋମବାର ସନ୍ଧ୍ୟାରେ ୧୬ ଚକିଆ ଟ୍ରକ୍ ନମ୍ବର ଓଆର୧୪-ଆର୦୭୭୫ରେ ଧାନ ବୋଝେଇ କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଟାଇଁସର ଗ୍ରାମର ୨ ଜଣ ଚାଷୀଙ୍କ ଧାନ ବୋଝେଇ ହୋଇ କୁଚିଣ୍ଡା ଆସୁଥିବା ବେଳେ ତହସିଲଦାର ଖବର ପାଇ କୁଚିଣ୍ଡା ପୁଲିସ ସହାୟତାରେ ଟାଇଁସର ଗ୍ରାମ ନିକଟରୁ ଗାଡିକୁ ଅଟକ ରଖି ନାନା ପ୍ରଶ୍ନ ପଚାରିଥିଲେ। ସନ୍ତୋଷଜନକ ଉତ୍ତର ନ ମିଳିବାରୁ କୁଚିଣ୍ଡା ପୁଲିସ ସହାୟତାରେ ଥାନାକୁ ଧାନ ବୋଝେଇ ଟ୍ରକ୍ ଆଣି ଜମା ଦେଇଥିଲେ।

**ମଣ୍ଡି ଖୋଲିବା ପୂର୍ବରୁ ଦଲାଲ ସକ୍ରିୟ**

# ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ



**ଖପ୍ରାଖୋଲ, ୨୦।୧୧ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ମାଟିଆଉଟା ପଞ୍ଚାୟତ ସାଲେପାଲି ଗାଁର ଜଣେ ଯୁବତୀ ପ୍ରତାରଣାର ଶିକାର ହୋଇଛନ୍ତି। ଜଣେ ଯୁବକ ତାଙ୍କୁ ପ୍ରଥମେ ପ୍ରେମ ଜାଲରେ ଫସାଇ କରି ବିବାହର ପ୍ରତିଶ୍ରୁତି ଦେଇଥିଲେ। ପରେ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେଲା ପରେ ବିବାହ କରିବାକୁ ମନା କରି ଦେଇଥିଲେ। ଏହାସହ ଗର୍ଭ ନଷ୍ଟ କରିଥିଲେ। ଖପ୍ରାଖୋଲ ଥାନାରେ ଏଭଳି ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଖପ୍ରାଖୋଲ ପୁଲିସ ଏହି ଗାଁର ସଂଗ୍ରାମ ବାଗ (୨୩)କୁ ଗୁରୁବାର ଗିରଫ କରିଛି। ଗର୍ଭ ନଷ୍ଟ ପାଇଁ ଔଷଧ ଖାଇ ଯୁବତୀ ଜଣକ ଗୁରୁତର ହୋଇ ପଡ଼ିଥିଲେ। ପାଟଣାଗଡ଼ ଡାକ୍ତରଖାନାରେ ଏକ ମୃତ ଶିଶୁକନ୍ୟା ଜନ୍ମ ଦେଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି।

# ବୌଦ୍ଧ ଜିଲ୍ଲାର ୩ ପୁଲିସ ଅଧିକାରୀଙ୍କ ବଦଳି

**ବୌଦ୍ଧ, ୨୦।୧୧(ସମିସ):** ବୌଦ୍ଧ ଜିଲ୍ଲାରେ କାର୍ଯ୍ୟରତ ୩ ଜଣ ଇନ୍ସପେକ୍ଟର ର୍‍ୟାଙ୍କର ପୁଲିସ୍ ଅଧିକାରୀଙ୍କ ବଦଳି ହୋଇଛି। ହରଭଙ୍ଗା ଆଇଆଇସି ବାଲ୍ମୀକି ପ୍ରଧାନଙ୍କୁ ବୁର୍ଲା ବିଟିଆଇ, ଇନ୍ସପେକ୍ଟର ତପନ ନାଏକଙ୍କୁ ପୁଲିସ୍ କମିଶନରେଟ ଓ ବାଉଁଶୁଣୀ ଥାନା ଆଇଆଇସି ମନ୍ଦାକିନୀ କହଁରଙ୍କୁ ବ୍ରହ୍ମପୁର ବଦଳି ହୋଇଛି। ସେହିପରି ବ୍ରହ୍ମପୁରରେ କାର୍ଯ୍ୟରତ ଇନ୍ସପେକ୍ଟର କୁମାରୀ ପ୍ରଣତି ନାଏକ, ବଲାଙ୍ଗୀରରେ କାର୍ଯ୍ୟରତ ବାସୁଦେବ ଭୋଇ ଓ ପୁଲିସ କମିସନରେଟ୍‌ରେ କାର୍ଯ୍ୟରତ ଇନ୍ସପେକ୍ଟର ବବିତା ସାହୁଙ୍କ ବୌଦ୍ଧ ଜିଲ୍ଲାକୁ ବଦଳି ହୋଇଛି।

# ଟ୍ରକ୍ ଧକ୍କାରେ କ୍ଷୀର ବ୍ୟବସାୟୀଙ୍କ ମୃତ

**ରେଢ଼ାଖୋଲ, ୨୦।୧୧(ସମିସ):** ସମ୍ବଲପୁର-କଟକ ୫୫ ନଂ ଜାତୀୟ ରାଜପଥ ଭୀମଭୋଇ ଛକ ନିକଟରେ ଗୁରୁବାର ଦିନ ୨୪ ଘଣ୍ଟା ମଧ୍ୟରେ ପୁଣି ଟ୍ରକ୍ ଦୁର୍ଘଟଣାରେ ଜଣେ କ୍ଷୀର ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ମୃତକ ରେଢ଼ାଖୋଲ ଡ଼ିମିରିକୁଦାଗ୍ରାମର ସୁବାଷ ଖିଲାରି(୫୮)। ବାରମ୍ବାର ସହର ମଧ୍ୟରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଜନସାଧାରଣ ଭୟଭୀତ ଅବସ୍ଥାରେ ରହିଛନ୍ତି। ରେଢ଼ାଖୋଲ ପଦୂଷଣ ମୁକ୍ତ ଏବଂ ଦୁର୍ଘଟଣାରୁ ତ୍ରାହି ପାଇବାକୁ ହେଲେ ଏକମାତ୍ର ବିକଳ୍ପ ବାଇପାସ୍ ବୋଲି ସାଧାରଣଲୋକେ ଦାବି କରିଥିଲେ। ସୂଚନା ଯୋଗ୍ୟ ଯେ ଡ଼ିମିରିକୁଦା ଗ୍ରାମର କ୍ଷୀର ବ୍ୟବସାୟୀ ସୁବାଷ ଖିଲାରୀ ସାଇକଲରେ କ୍ଷୀର ବ୍ୟବସାୟୀ କରି କଇଥସାହିପଟୁ ଭୀମଭୋଇ ଛକ ଆଡକୁ ଆସୁଥିଲେ। ଏହି ସମୟରେ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ଲୋଡ଼ିଙ୍ଗ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା।ତାଙ୍କ ଦୁଇ ଗୋଡ଼ରେ ଗାଡି ଚକ ମାଡ଼ି ଯିବାରୁ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ୫୫ ନଂ ଜାତୀୟ ରାଜପଥ ଓ ରାଞ୍ଚି ବିଜୟୱାଡା ରାଜପଥକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଏକ ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଥମେ ଜାତୀୟ ରାଜପଥ ଉପରକୁ ମାଡ଼ିଥିବା କିଛି ଦୋକାନୀଙ୍କୁ ଭିତରକୁ ରହିବ, ସ୍ପିଡ୍ ବ୍ରେକର ବ୍ୟବସ୍ଥା କରାଯିବ ଏବଂ ଟ୍ରାଫିକ ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ରେଢ଼ାଖୋଲ ପୁଲିସ ମାମଲା ରୁଜୁ କରି ଗାଡ଼ି ଜବତ କରି ଡ୍ରାଇଭରକୁ ଗିରଫ କରି ତଦନ୍ତ କରୁଛି।

# ହାର୍ଭେଷ୍ଟର ଉପରୁ ପଡ଼ି ଯୁବକ ଆହତ

**କୁଚିଣ୍ଡା, ୨୦।୧୧ (ସମିସ):** ବାମରା ବ୍ଲକ ଉଚ୍ଚକାପାଟଠାରେ ହାର୍ଭେଷ୍ଟର ଉପରୁ ଖସିପଡ଼ି ଜଣେ ଯୁବକ ଆହତ ହୋଇଥିବା ବେଳେ ତାଙ୍କୁ ସୁନ୍ଦରଗଡ଼କୁ ରେଫର୍ କରାଯାଇଛି। ସୂଚନା ଅନୁସାରେ ବୁଧବାର ଦିନ ଉଚ୍ଚକାଟ ଗ୍ରାମରେ ହାର୍ଭେଷ୍ଟର ମେସିନ ଧାନ କାଟୁଥିବା ବେଳେ କୈଳାଶ ରୋହିଦାସ ହାର୍ବେଷ୍ଟାର ଉପରେ ଚଢ଼ି କିଛି କାମ କରୁଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

## ଆଇଟିଇପି ମାନ୍ୟତା ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି

# ବିକ୍ଷୋଭ ପ୍ରଦର୍ଶନ କଲେ ଜିଏମ୍‌ୟୁ ଛାତ୍ରଛାତ୍ରୀ




**ସମ୍ବଲପୁର, ୨୦।୧୧(ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଇଣ୍ଟେଗ୍ରେଟେଡ୍ ବିଏଡ୍‌ରେ ଚାରି ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ନେସନାଲ କାଉନସିଲ ଫର୍ ଟିଚର୍ ଏଜୁକେସନ୍ (ଏନ୍‌ସିଟିଇ)ର ଗାଇଡ୍‌ଲାଇନ ନଂ. ଏଫ୍-ଆର୍‌ଇଜି୧୦୧୧/୬୯/୨୦୨୪-ଆର୍‌ଇଜି ଏସ୍‌ଇସି-ଏର୍‌କ୍ୟୁ ଆପେଣ୍ଡିକ୍ସ-୧ (ଏନେକ୍ସଚର୍-୧) ଅନୁଯାୟୀ ଆଇଟିଇପି ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରିବା କଥା। କିନ୍ତୁ ଏହା କରାଯାଇନଥିବାରୁ ବିଶ୍ୱବିଦ୍ୟାଳୟ ଆଇଟିଇପି ମାନ୍ୟତା ହରାଇବ। ଏହାଦ୍ୱାରା ଏଠାରୁ ପାସ କରିଥିବା କିମ୍ବା କରିବାକୁ ଥିବା ଛାତ୍ରଛାତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନରେ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଏହାସହ ବିଏସ୍‌ସି-ବିଏଡ୍ ଏବଂ ବିଏ-ବିଏଡ୍ ଛାତ୍ରଛାତ୍ରୀଙ୍କ କୋର୍ସ ଫିରେ ରହିଥିବା ତାରତମ୍ୟକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।ସମସ୍ୟାର ସମାଧାନ ପାଇଁ ଇଣ୍ଟେଗ୍ରେଟେଡ୍ ବିଏଡ୍ ଛାତ୍ରଛାତ୍ରୀ ଆଜି ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କୁଳସଚିବ ସନତ କୁମାର ନାଏକ, ଉପକୁଳସଚିବ ଡଃ ଉମାଚରଣ ପତି, ଶିକ୍ଷା ବିଭାଗ ମୁଖ୍ୟ ଡଃ ପାର୍ଥସାରଥୀ ମଲ୍ଲିକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତଙ୍କ ସହ ଛାତ୍ରଛାତ୍ରୀଙ୍କ ପ୍ରତିନିଧି ଦଳ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଏନେଇ ଉପକୁଳସଚିବ ଡଃ ଉମାଚରଣ ପତି କହିଛନ୍ତି, ତତ୍‌କାଳୀନ ଗଙ୍ଗାଧର ମେହେର ମହାବିଦ୍ୟାଳୟ ସମୟରେ ୨୦୧୫ମେ ମାସରେ ଇଣ୍ଟଗ୍ରେଟେଡ୍ ବିଏଡ୍ ପାଠ୍ୟକ୍ରମ ପାଇଁ ଆବେଦନ କରାଯାଇଥିଲା। ଏହାପରେ ମହାବିଦ୍ୟାଳୟରୁ ଏକକ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ ହୋଇଥିଲା। ଏବେ ସରକାର ଇଣ୍ଟେଗ୍ରେଟେଡ୍ ବିଏଡ୍‌କୁ ଆଇଟିଇପିକୁ ପରିବର୍ତ୍ତନ କରୁଛନ୍ତି। ସେଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇଛି ଏବଂ ସେମାନେ ଆଉ କିଛି ଆବଶ୍ୟକ କାଗଜାତ ମାଗିଛନ୍ତି, ଯାହାକି ୧୦ ଦିନ ମଧ୍ୟରେ ପଠାଇ ଦିଆଯିବ। ତେଣୁ ଆସନ୍ତା ୨୦୨୬ ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଆଇଟିଇପି ମାନ୍ୟତା ପାଇବ ବୋଲି ଡଃ ପତି ସୂଚନା ଦେଇଛନ୍ତି।

# ଅପରେସନ୍ ଥଣ୍ଡର ମାଧ୍ୟମରେ ରାଉରକେଲା ପୁଲିସର କାର୍ଯ୍ୟାନୁଷ୍ଠାନ

**ରାଉରକେଲା, ୨୦।୧୧(ସମିସ)**

ଓଡ଼ିଶା ପୁଲିସ ମୁଖ୍ୟାଳୟର ନିର୍ଦ୍ଦେଶ ଅନୁଯାୟୀ, ସମଗ୍ର ରାଜ୍ୟରେ ଅପରେସନ ଥଣ୍ଡର ସ୍ୱତନ୍ତ୍ର ଅଭିଯାନ ଜାରି ରହିଥିବା ପରିପ୍ରେକ୍ଷୀରେ ରାଉରକେଲା ପୁଲିସ ଜିଲ୍ଲା ୨୦୨୫ ନଭେମ୍ବର ୧୮ ତାରିଖରେ ବହୁବିଧ ଅପରେସନ୍ କରିଥିଲା। ଅପରାଧ ନିବାରଣ, ଏନଡିପିଏସ୍ ପ୍ରବର୍ତ୍ତନ, ଉତ୍ପାଦ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ନିୟନ୍ତ୍ରଣରେ ଉଲ୍ଲେଖନୀୟ ଫଳାଫଳ ହାସଲ କରିଛି। ଅପରେସନ ଥଣ୍ଡର ମାଧ୍ୟମରେ ଡକାୟତି ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଗୋଟିଏ ମାମଲା ଚିହ୍ନଟ କରି ରାଉରକେଲା ପୁଲିସ ଗୋଟିଏ ମାମଲା ପଞ୍ଜିକୃତ କରିଛି। ଯାହାଫଳରେ ବଡ଼ ଧରଣର ମାରଣାସ୍ତ୍ର ଜବତ ସହିତ ୬ ଜଣଙ୍କୁ ଗିରଫ୍ କରାଯାଇଛି। ସେହି ୬ କୁଖ୍ୟାତ ଅପରାଧୀ ହେଲେ ରଘୁନାଥପାଲ୍ଲୀ ଥାନା ଅଧୀନସ୍ଥ ଜଲଦା ସି ବ୍ଲକର ଶଙ୍କର ଲୋହାର (୩୫), ଦେଓଗାଁର ବିଷ୍ଣୁ ତିର୍କି (୨୧), ଦେଓଗାଁର ଚିଣ୍ଟୁ ମୁଣ୍ଡା (୨୪), ଦେଓଗାଁର ବିନାୟକ ମଲ୍ଲିକ (୩୨), ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟ ନିକଟସ୍ଥ ଗୋବିନ୍ଦା ସାଣ୍ଡିଲ (୨୫) ଏବଂ ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ଫର୍ଟିଲାଇଜରର ରୋହିତ ପାତ୍ର (୨୨)। ଅଭିଯୁକ୍ତ ଶଙ୍କର ଲୋହାର (୩୫)ଙ୍କ ନାମରେ ପୂର୍ବରୁ କୋଇଡା, ରଘୁନାଥପାଲ୍ଲୀ ଏବଂ ଟାଙ୍ଗରପାଲ୍ଲୀ ଥାନାରେ ୭ଟି ମାମଲା ରହିଛି। ସେହିପରି ଅଭିଯୁକ୍ତ ବିଷ୍ଣୁ ତିର୍କୀ (୨୨) ନାମରେ ରଘୁନାଥପାଲ୍ଲୀ ଓ ଟାଙ୍ଗରପାଲ୍ଲୀ ଥାନାରେ ୭ଟି ମାମଲା ରହିଛି। ଚିଣ୍ଟୁ ମୁଣ୍ଡା (୨୪) ନାମରେ ରଘୁନାଥପାଲ୍ଲୀ ଥାନାରେ ଗୋଟିଏ ମାମଲା ରହିଥିଲାବେଳେ ବିନାୟକ ମଲ୍ଲିକ (୩୨) ନାମରେ ରଘୁନାଥପାଲ୍ଲୀ, ଟାଙ୍ଗରପାଲ୍ଲୀ ଓ ରାଉରକେଲା ଜିଆରପି ଥାନାରେ ୫ଟି ମାମଲା ରହିଛି। ଗୋବିନ୍ଦା ସାଣ୍ଡିଲ (୨୫) ନାମରେ ରଘୁନାଥପାଲ୍ଲୀ, ଲହୁଣୀପଡ଼ା, ଉଦିତନଗର ଓ ରାଜଗାଙ୍ଗପୁର ଥାନାରେ ୯ଟି ମାମଲା ରହିଛି। ଅଭିଯୁକ୍ତଙ୍କ ନିକଟରୁ ୨ଟି ଖଣ୍ଡା, ୩ଟି ଲୁହା ରଡ, ଗୋଟିଏ ଭୁଜାଲି ସହିତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ୍ କରାଯାଇଛି। ୬ ଅଭିଯୁକ୍ତଙ୍କ ବିରୋଧରେ ରଘୁନାଥପାଲ୍ଲୀ ଥାନାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ରାଉରକେଲା ପୁଲିସ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ଦୁଇଟି ମାମଲା ପଞ୍ଜୀକୃତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରଥମ ମାମଲାରେ ଝିରପାଣି ଥାନାରେ ମାମଲା ରୁଜୁ କରାଯାଇ ଶକ୍ତିନଗରର ଚନ୍ଦନ କାଳିନ୍ଦି (୪୧)ଙ୍କୁ ଗିରଫ କରାଯାଇଥିଲାବେଳେ ତାଙ୍କ ନିକଟରୁ ୧କିଲୋ ୩୪୬ଗ୍ରାମ ଚୋରାଗଞ୍ଜେଇ ଜବତ କରାଯାଇଛି। ଏଥିସହିତ ୧୦୧୦ ଟଙ୍କା ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଦ୍ୱିତୀୟ ଏନଡିପିଏସ୍ ମାମଲାରେ ଉଦିତନଗର ପିଏସ୍ କେସ୍ ନମ୍ବର ୩୯୨ ରୁଜୁ କରାଯିବା ସହିତ ଧାରାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବାସନ୍ତୀ କଲୋନୀର ଏ ଏମ୍ ୫୪ର ବିଶାଲ ଶଙ୍କର ମହାପାତ୍ର (୪୨)। ଅଭିଯୁକ୍ତଙ୍କ ନିକଟରୁ ୪୯୦ ଗ୍ରାମ ଚୋରା ହେରୋଇନ୍, ଏକ ମୋବାଇଲ୍ ଫୋନ୍, ୬୦୦ ଟଙ୍କା ଏବଂ ଗୋଟିଏ ସ୍କୁଟି ଜବତ କରାଯାଇଛି।

# ଗାୟତ୍ରୀ ମହାଯଜ୍ଞର ଶକ୍ତି କଳସ ଯାତ୍ରା

**ସିନାପାଲି, ୨୦।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଠାରେ ଆଗାମୀ ଜାନୁଆରୀ ମାସରେ ହେବାକୁ ଥିବା ୨୪ କୁଣ୍ଡୀୟ ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହାଯଜ୍ଞର ଶକ୍ତି କଳସ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଶହଶହ ଶ୍ରଦ୍ଧାଳୁ ଗଣ୍ଡାବାହାଲିରେ ପହଞ୍ଚିଥିଲେ।ଏହି ଅବସରରେ ଗଣ୍ଡାବାହାଲି ଗ୍ରାମ ତଥା ନିକଟସ୍ଥ ଗ୍ରାମରୁ ଅନେକ ଗାୟତ୍ରୀ ପରିବାରର ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ରହି ଶକ୍ତି କଳସକୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଗ୍ରାମ୍ୟର ପ୍ରତ୍ୟେକ ଘରେ ଝୋଟି ଦେଇ, ଭବ୍ୟ ଶୋଭାଯାତ୍ରା ମାଧ୍ୟମରେ ଶକ୍ତିକଳସକୁ ସମ୍ବର୍ଦ୍ଧନା ଜଣାଇଥିଲେ। ଗାୟତ୍ରୀ ମହାଯଜ୍ଞ କମିଟିର ସଭାପତିଙ୍କ ସୂଚନା ଅନୁସାରେ ଆଗାମୀ ନଭେମ୍ବର ୩୦ରେ ସମାବେଶରେ ଯଜ୍ଞର ଭୂମି ପୂଜନ ଓ ଦେବ ଦମ୍ପତ୍ତି ସମ୍ମିଳନୀ ହେବ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୦୬-ଚୀନ୍ ଅଫିମ ବ୍ୟବସାୟ ଉପରେ ରୋକ୍ ଲଗାଗଲା।
- ୧୯୪୭-ସ୍ୱାଧୀନତା ପରେ ଦେଶରେ ପ୍ରଥମ ଥର ଡାକଟିକଟ ଜାରି କରାଗଲା।
- ୧୯୭୦- ଭାରତର ପ୍ରସିଦ୍ଧ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦେହାନ୍ତ।
- ୧୯୯୯- ଚୀନ୍ ପ୍ରଥମ ମାନବ ରହିତ ମହାକାଶଯାନ 'ଶେନ୍‌ଝୁ'କୁ ପ୍ରକ୍ଷେପଣ କଲା।



# ବିଶ୍ୱ ଟେଲିଭିଜନ ଦିବସ

ଆଜି ବିଶ୍ୱ ଟେଲିଭିଜନ ଦିବସ। କଳାଧଳା ଯୁଗରୁ ଆରମ୍ଭ ହୋଇଥିବା ଟେଲିଭିଜନ ଏବେ ସ୍ମାର୍ଟ ଟିଭିରେ ପହଞ୍ଚିଲାଣି। ମନୋରଞ୍ଜନର ଏକ ପ୍ରମୁଖ ଅଂଶ ଟେଲିଭିଜନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ନଭେମ୍ବର ୨୧ ତାରିଖକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ କରାଯାଏ। ୧୯୯୬ ମସିହା ନଭେମ୍ବର ୨୧ ଓ ୨୨ ତାରିଖ ଦିନ, ବିଶ୍ୱର ପ୍ରଥମ ଟେଲିଭିଜନ ଫୋରମ୍ ଆୟୋଜନ କରାଯାଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ସେହି ବର୍ଷ ଡିସେମ୍ବର ୧୭ ତାରିଖରେ, ୨୧ ନଭେମ୍ବରକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ ପାଇଁ ଘୋଷଣା କରିଥିଲା। ଜାତିସଂଘ ଏହାର ସଦସ୍ୟ ରାଷ୍ଟ୍ରଙ୍କୁ ଆମନ୍ତ୍ରଣ କରି ବିଶ୍ୱର ସବୁଦେଶ ମଧ୍ୟରେ ଟେଲିଭିଜନ କାର୍ଯ୍ୟକ୍ରମର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ସହ ଏହା ମାଧ୍ୟମରେ କିପରି ବିଶ୍ୱର ଅର୍ଥନୀତି, ସୁରକ୍ଷା, ସାମାଜିକ ବିକାଶ,ଶାନ୍ତି ଓ ସାଂସ୍କୃତିକ ପରିବର୍ତ୍ତନକୁ ଆଗକୁ ନେଇହେବ, ତା'ଉପରେ ଗୁରୁତ୍ୱାରୋପ କରିଥିଲା। ସେବେଠାରୁ ବିଶ୍ୱ ଟେଲିଭିଜନ ଦିବସ ଅବସରରେ ଏହି ସବୁ ଲକ୍ଷ୍ୟ ପୂରଣ ନିମନ୍ତେ ଟେଲିଭିଜନ କେତେ ସକ୍ଷମ ହୋଇ ପାରିଛି, ତା'ର ସମୀକ୍ଷା କରାଯାଏ। ଟେଲିଭିଜନ ରେଡିଓର ଏକ ବିକଶିତ ରୂପ କହିଲେ କିଛି ଭୁଲ୍ ହେବ ନାହିଁ। ଭାରତରେ ପ୍ରଥମେ ଦୂରଦର୍ଶନ ଆକାଶବାଣୀ ସହିତ ସଂଲଗ୍ନ ଥିଲା, ଅବଶ୍ୟ ପରେ ଏହା ଅଲଗା ହୋଇଯାଇଥିଲା। ଟେଲିଭିଜନ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଶ୍ୱରେ ଯେଉଁ ସମସ୍ୟା ଲୋକମାନଙ୍କୁ ବେଶି ପ୍ରଭାବିତ କରୁଛି, ତାହାକୁ ଟେଲିଭିଜନ ଦ୍ୱାରା କିପରି ଦୂର କରାଯାଇପାରିବ, ତାହା ଏହି ଦିବସର ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇଛି। ଟେଲିଭିଜନ ଏକ ଗଣମାଧ୍ୟମ, ଯାହା ମନୋରଞ୍ଜନ, ଶିକ୍ଷା, ରାଜନୀତି, ସ୍ୱାସ୍ଥ୍ୟ, ଦେଶ ବିଦେଶର ଘଟଣାବଳୀ ବିଷୟରେ ଲୋକଙ୍କୁ ଅବଗତ କରାଇଥାଏ। ୧୯୨୪ ମସିହାରେ ଜନ୍ ଲୋଜି ବଏର୍ଡ୍ ଟେଲିଭିଜନର ଉଦ୍ଭାବନ କରିଥିଲେ। ତାପରେ ଏହାର ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଆମ ଦେଶରେ ଟେଲିଭିଜନ ବା ଟିଭି ଏକ ଉପକରଣ ନୁହେଁ, ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ। ଯେତେବେଳେ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିଲା, ଯାହା ଘରକୁ ଟିଭି ଆସୁଥିଲା, କେବଳ ପାଖ ପଡ଼ୋଶୀ ନୁହଁନ୍ତି, ଆଖପାଖ ଅଞ୍ଚଳରେ ଲୋକେ ଦେଖିବା ପାଇଁ ପହଞ୍ଚୁଥିଲେ। ଏବେ କିନ୍ତୁ ଘରେ ଘରେ ଟିଭି। ସ୍ମାର୍ଟଫୋନ୍‌ର ଅଭିବୃଦ୍ଧି ଏବେ ଟେଲିଭିଜନର ଲୋକପ୍ରିୟତାକୁ କିଛି ମାତ୍ରାରେ ହ୍ରାସ କରିଛି। ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ଟିଭି ସାମନାରେ ବସିବାର ସମୟ ପାଉନାହାନ୍ତି। ଏପରିସ୍ଥିତିରେ ଟିଭି ଯୁଗ ଖୁବଶୀଘ୍ର ଶେଷ ହୋଇଯିବ ବୋଲି ଗବେଷକମାନେ ମତ ଦେଇଛନ୍ତି। ଅନ୍ୟପଟେ କରୋନା ସଂକ୍ରମଣ ଏବଂ ଲକ୍‌ଡାଉନ୍‌ରେ ଟିଭି ଦର୍ଶକଙ୍କ ସଂଖ୍ୟା ବଢିଥିବା ଏକ ରିପୋର୍ଟରୁ ଜଣାପଡିଛି। ଆଜି ବି ସାମାଜିକ ଗଣମାଧ୍ୟମର ଭିଡ଼ ମଧ୍ୟରେ ବି ଟିଭି ତାର ଲୋକପ୍ରିୟତା ହରାଇ ନାହିଁ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ଟେଲିଭିଜନର ବିକାଶ ଯାତ୍ରା ଓ ଡିଜାଟାଲ ଯୁଗରେ ଏହାର ଭବିଷ୍ୟତକୁ ନେଇ କର୍ମଶାଳା ଆୟୋଜନ କରାଯାଏ।



# କାନ୍ଥରେ ଚାଷ

କୃଷି କ୍ଷେତ୍ରରେ ଉନ୍ନତମାନର ଶସ୍ୟ ଉତ୍ପାଦନ ପାଇଁ ଆଧୁନିକ ଶୈଳୀ ସବୁ ଆପଣାଯାଉଛି। ଏହାଦ୍ୱାରା ଅମଳ ଭଲ ହେବା ସହ ଚାଷକାର୍ଯ୍ୟ ସହଜ ହୋଇପାରୁଛି। ଏହି କ୍ରମରେ ଏପରି ଏକ ଦେଶ ରହିଛି, ଯେଉଁଠି ଲୋକେ ଜମି ବଦଳରେ କାନ୍ଥରେ ଚାଷ କରନ୍ତି। ତେବେ ଇସ୍ରାଏଲ୍‌ରେ ଏହି ନିଆରା ଶୈଳୀରେ ଚାଷକାର୍ଯ୍ୟ କରାଯାଉଛି। ଏଠାରେ ଧାନ, ଗହମ ଓ ପନିପରିବା ମଧ୍ୟ ଏହି ପ୍ରକ୍ରିୟାରେ ଚାଷ କରାଯାଉଛି। ଏହି ନିଆରା ଚାଷ ପ୍ରଣାଳୀକୁ ଭର୍ଟିକାଲ ଫାର୍ମି ଅର୍ଥାତ୍ କାନ୍ଥରେ ଚାଷ କରିବା କୁହାଯାଏ। ଏହି ପଦ୍ଧତିରେ ଗଛଗୁଡ଼ିକୁ ଫୁଲକୁଣ୍ଡରେ ଛୋଟ ୟୁନିଟ୍‌ରେ ଲଗାଯାଏ। ଏହାପରେ ଗଛଗୁଡ଼ିକୁ କାନ୍ଥରେ ସେଟ୍ କରାଯାଏ। କାନ୍ଥରୁ ଫୁଲକୁଣ୍ଡଗୁଡ଼ିକ ଯେମିତି ପଡ଼ି ନ ଯାଏ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ। ଅବଶ୍ୟ ଗଛକୁ ଯେମିତି ପାଣି ଓ ଉପଯୁକ୍ତ ପୋଷକତତ୍ତ୍ୱ ମିଳିପାରିବ ସେବ୍ୟବସ୍ଥା ମଧ୍ୟ କରାଯାଇଥାଏ। କିଛି ସମୟ ପାଇଁ ଗଛକୁ କାନ୍ଥରୁ ବାହାର କରାଯାଇଥାଏ ଏବଂ ପୁନର୍ବାର କାନ୍ଥରେ ରଖାଯାଏ। ଇସ୍ରାଏଲରେ ଚାଷଜମିର ଅଭାବ ଦେଖାଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକେ ଭର୍ଟିକାଲ ଫାର୍ମି ସାହାଯ୍ୟ ନେଉଛନ୍ତି। ଇସ୍ରାଏଲ୍ ବ୍ୟତୀତ ଏହି ଚାଷ ପଦ୍ଧତି ଆମେରିକା, ଚୀନ୍ ଓ ଇଉରୋପରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏହିଭଳି ଉପାୟରେ ଚାଷ କରିବାର ସବୁଠୁ ବଡ଼ ଫାଏଦା ହେଉଛି କାନ୍ଥରେ ଗଛଲତା ରହିବା ଦ୍ୱାରା ଘରର ତାପମାତ୍ରା ବୃଦ୍ଧିପାଏ ନାହିଁ। ଏହାବାଦ୍ ଶବ୍ଦ ପ୍ରଦୂଷଣର ପ୍ରଭାବ ମଧ୍ୟ ହ୍ରାସ ପାଏ। ଏନେଇ ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଗାମୀ ଦିନରେ ଚାଷଜମି ନ ଥିବା ଦେଶଗୁଡ଼ିକ ପାଇଁ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

# ଦୁଇଟି ପାର୍ଟରେ ଆସିବ 'ଧୁରନ୍ଧର'

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ଟ୍ରେଲର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଆଦିତ୍ୟ ଧର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ରଣବୀରଙ୍କର ଜବରଦସ୍ତ ଲୁକ୍ ଓ ଆକ୍ସନ୍ ଦର୍ଶନଙ୍କ ମନ ଜିଣିଛି। ଏହି ଫିଲ୍ମ ପାଇଁ ରଣବୀର ୩୦ରୁ ୪୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ, ସାରା ଅର୍ଜୁନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ଆର୍ ମାଧବନ୍ ଦେଖାଯିବେ। ଏହା ଡିସେମ୍ବର ୫ରେ ମୁକ୍ତିଲାଭ କରିବ। ଫିଲ୍ମର କାହାଣୀ ଏକ ସିକ୍ରେଟ୍ ମିଶନ ଉପରେ ଆଧାରିତ। ଧୂଆଁଧାର ଆକ୍ସନ, ଜବରଦସ୍ତ ସଂଳାପ ସହ ଦମ୍‌ଦାର୍ ସିନ୍ ଏଥିରେ ଦେଖିବାକୁ ମିଳିବ। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ପ୍ରଥମ ପାର୍ଟ ଡିସେମ୍ବର ୫ରେ ଆସିବ ଓ ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଆସିବ। ପ୍ରଥମ ପାର୍ଟର ଶେଷରେ ଦ୍ୱିତୀୟ ପାର୍ଟ କଥା ଘୋଷଣା କରାଯାଇପାରେ ବୋଲି କୁହାଯାଉଛି।






## 'ସକାଳ'ର ସ୍ୱାସ୍ଥ୍ୟ

# ଆଲ୍‌ଫା-ଗାଲ୍-ସିଣ୍ଡ୍ରୋମ



**ଆଲ୍‌ଫା –ଗାଲ୍ ସିଣ୍ଡ୍ରୋମ ଏକ ବିରଳ ଆଲର୍ଜି, ଯାହାକି ଏକ ସ୍ୱତନ୍ତ୍ର ଟିକ୍‌ କାମୁଡ଼ିବା ଓ ରେଡମିଟ୍ ଖାଇବା ଯୋଗୁ ହୋଇଥାଏ। ୨୦୨୪ରେ ନ୍ୟୁ ଜର୍ସିର ଜଣେ ୪୭ ବର୍ଷୀୟ ବ୍ୟକ୍ତି ବର୍ଗର ଖାଇବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ନାନା ଗବେଷଣା ପରେ ତାଙ୍କ ମୃତ୍ୟୁର କାରଣ ରେଡ ମିଟ୍ ଆଲର୍ଜି ବୋଲି ଜଣାପଡ଼ିଛି। ଏହାକୁ ଆଲଫା-ଗାଲ୍ ସିଣ୍ଡ୍ରୋମ କୁହାଯାଏ। ତେବେ ଏହି ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର କ'ଣ ଜାଣିବା।**

ଆଲ୍‌ଫା-ଗାଲ୍ ଏକ କାର୍ବୋହାଇଡ୍ରେଟ୍ ଅଣୁ। ଏହା ସ୍ତନ୍ୟପାୟୀ ପ୍ରାଣୀ (ମାନବ ବ୍ୟତୀତ) ଏବଂ ଏକ ଟିକ୍‌ର ଲାଳରୁ ମିଳିଥାଏ। ଏହି ଟିକ୍ କାମୁଡିବା ଦ୍ୱାରା ଶରୀରରେ ଆଲର୍ଜି ସୃଷ୍ଟି ହୁଏ। ଏହାକୁ ଆଲଫା-ଗାଲ୍ ଆଲର୍ଜି କୁହାଯାଏ। ଏହା ଏକ ପ୍ରକାରର ଖାଦ୍ୟ ଆଲର୍ଜି। ମୁଖ୍ୟତଃ ରେଡ୍‌ମିଟ (ବିଫ୍, ପର୍କ, ମଟନ) ପ୍ରସ୍ତୁତ ଉତ୍ପାଦ ପ୍ରତି ଏହା ଅଧିକ ପ୍ରତିକ୍ରିୟା କରେ। ଆମେରିକାର ଦକ୍ଷିଣ ପୂର୍ବ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ଅଧିକାଂଶ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। 'ଲୋନ ଷ୍ଟାର' ଟିକ୍ କାମୁଡିଲେ ଏହାର ଲାଳର ବିଷାକ୍ତ ମନୁଷ୍ୟ ଶରୀରକୁ ପ୍ରବେଶ କରି ରୋଗପ୍ରତିରୋଧକ ପ୍ରଣାଳୀକୁ ପ୍ରଭାବିତ କରେ। ସେହି ସମୟରେ ଜଣେ ଯଦି ରେଡମିଟ୍ ଖାଆନ୍ତି ଆଲର୍ଜି ପ୍ରତିକ୍ରିୟା ଅଧିକ ହୁଏ।

**ପ୍ରଭାବିତ ହୁଏ ପାଚନପ୍ରଣାଳୀ:** ଏହି ରୋଗରେ ପୀଡ଼ିତଙ୍କ ଶରୀରରେ କିଛି ଲକ୍ଷଣ ଯଥା- ଚର୍ମ ପରିବର୍ତ୍ତନ, ଲାଲ୍ ଲାଲ୍ ପଡ଼ିଯିବା, ଓଠ, ଆଖିପତା, ଗଳା, ଜିଭ କିମ୍ବା ମୁହଁ ଫୁଲିଯିବା, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ, ପେଟ ଯନ୍ତ୍ରଣା, ଝାଡ଼ା, ବାନ୍ତି ଏବଂ ମୁଣ୍ଡବୁଲାଇବା ଲକ୍ଷଣ ଆଦି ଦେଖାଯାଏ। ଏହି ଲକ୍ଷଣ ଦେଖି ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତପରୀକ୍ଷା କରାଯାଏ।

**ପ୍ରତିକାର:** ରୋଗୀର ଲକ୍ଷଣ ଆଧାରରେ ଡାକ୍ତର ଚିକିତ୍ସା କରନ୍ତି। ତେଣୁ ରୋଗୀ ରେଡ ମିଟ୍‌ଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଆଲର୍ଜି ଗମ୍ଭୀର ରୂପ ନେଲେ ଡାକ୍ତର ଆଣ୍ଟି ଆଲର୍ଜିକ ଔଷଧ ଉପଯୋଗ କରନ୍ତି। ଏଥିରୁ ବର୍ତ୍ତିବାକୁ ହେଲେ ଜଙ୍ଗଲ ଅଞ୍ଚଳକୁ ଯିବା ଅନୁଚିତ। ବାହାରକୁ ଯିବା ସମୟରେ ଚର୍ମକୁ ଘୋଡାଇ ରଖିବା ଭଲ। ଆଲର୍ଜି ସୃଷ୍ଟି ହେଉଥିବା ଖାଦ୍ୟ ଛାଡ଼ି ପାରିବେ। ଘରେ ଗୃହପାଳିତ ପ୍ରାଣୀ ଥିଲେ, ନିୟମିତ ବ୍ୟବଧାନରେ ତାଙ୍କ ଶରୀରରେ ଟିକ୍ ସଫା କରିବା ଆବଶ୍ୟକ।

# ମସ୍ତିଷ୍କ କର୍କଟ ପାଇଁ ଟିକା

ମସ୍ତିଷ୍କ କର୍କଟ ହେଉଛି ମସ୍ତିଷ୍କ ସମ୍ବନ୍ଧୀୟ ଏକ ରୋଗ। ଏହି କର୍କଟରେ ମସ୍ତିଷ୍କ ମଧ୍ୟରେ ଅସ୍ୱାଭାବିକ କୋଷ ବୃଦ୍ଧି ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ କାର୍ଯ୍ୟକ୍ଷମତା ପ୍ରଭାବିତ ହୁଏ। ଏହାଦ୍ୱାରା ପ୍ରବଳ ମୁଣ୍ଡବିନ୍ଧା, ବାନ୍ତି, ଦୃଷ୍ଟିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଏହା ପକ୍ଷାଘାତର କାରଣ ସାଜିଥାଏ। ଏହି ରୋଗର ସଫଳ ଚିକିତ୍ସା ପାଇଁ ଶୀଘ୍ର ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ରୋଗର ସ୍ଥିତି ଅନୁସାରେ ଚିକିତ୍ସା ଯୋଗାନ୍ତି। ଜାଣି ଖୁସି ହେବେ ଯେ, ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମସ୍ତିଷ୍କ କର୍କଟ (ଗ୍ଲାଓବ୍ଲାଷ୍ଟମା) ଚିକିତ୍ସା ପାଇଁ ଏକ ନୂତନ ଏମ୍‌ଆର୍‌ଏନ୍‌ଏ ଟିକା ବିକଶିତ କରିଛନ୍ତି। ଟିକାର ପ୍ରାରମ୍ଭିକ ପରୀକ୍ଷାରୁ ଉତ୍ସାହଜନକ ପରିଣାମ ଦେଖିବାକୁ ମିଳିଥିଲା। ଟିକାଟି ରୋଗୀର ଟ୍ୟୁମର କୋଷିକାରୁ ମିଳିଥିବା ଏମ୍‌ଆରଏନ୍‌ଏକୁ ଉପଯୋଗ କରି ତିଆରି କରାଯାଇଛି। ଏହା ଶରୀରରେ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ କୋଷକୁ ଚିହ୍ନି ତାକୁ ନଷ୍ଟ କରିବାରେ ସାହାଯ୍ୟ କରିବାକୁ ପୁନଃକାର୍ଯ୍ୟକ୍ଷମ କରିଥାଏ। ପ୍ରଥମେ ମୂଷା ଏବଂ କୁକୁରଙ୍କ ଉପରେ ଏହାର ପରୀକ୍ଷା କରାଯାଇଥିଲା। ଏହି ଟିକାଟି ସେମାନଙ୍କ ମସ୍ତିଷ୍କର ଟ୍ୟୁମରକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା। ନୂତନ କୋଷ ସୃଷ୍ଟି କରିବାକୁ ଦେଇ ନ ଥିଲା। ଏହି ଟିକା ପାରମ୍ପରିକ ଉପଚାର କେମୋଥେରାପି ଏବଂ ବିକିରଣଠାରୁ ଭିନ୍ନ। ଏଥିରେ ପାର୍ଶ୍ୱପ୍ରତିକ୍ରିୟା କମ୍ ହୋଇଥାଏ। ପ୍ରତିରକ୍ଷା ପ୍ରଣାଳୀକୁ ଦୀର୍ଘ ସମୟ କର୍କଟ ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ। ତେବେ ଟିକାଟି ସମସ୍ତ ପରୀକ୍ଷଣରେ ସଫଳ ହେଲେ ଏହା ମସ୍ତିଷ୍କ କର୍କଟ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଅନ୍ୟପଟେ ଋଷର ବୈଜ୍ଞାନିକମାନେ ଏମ୍‌ଆର୍‌ଏନ୍‌ଏ କୌଶଳରେ ନୂଆ ଟିକା 'ଏଣ୍ଟରୋମିକ୍ସ' ବିକଶିତ କରିଛନ୍ତି। ଏହାର ଡାକ୍ତରୀ ପରୀକ୍ଷଣ ସଫଳ ହୋଇଛି। ଏହି ଟିକା କୋଲନ କର୍କଟ ସମେତ ମସ୍ତିଷ୍କ କର୍କଟ, ଚର୍ମ କର୍କଟ ଚିକିତ୍ସାରେ ପ୍ରଭାବୀ ହେବ।



# କଅଁଳ ବୟସରୁ ପରିପକ୍ୱ

**ଆଧୁନିକ ଜୀବନଶୈଳୀ, ଦୀର୍ଘ ସମୟ ଫୋନ୍ ବ୍ୟବହାର ଆଦି ଅଭ୍ୟାସ ଯୋଗୁଁ ଏବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ହେଉଛି। ସେଥିରୁ ପ୍ରିକୋସିୟସ୍ ପ୍ୟୁବର୍ଟି ଯୋଗୁଁ ପିଲାମାନେ କଅଁଳ ବୟସରୁ ପରିପକ୍ୱ ହେଉଛନ୍ତି। ମାତ୍ର ୭ରୁ ୮ ବର୍ଷରୁ ପୁଅ ଓ ଝିଅଙ୍କ ଶାରୀରିକ ଓ ମାନସିକ ପରିବର୍ତ୍ତନ ହେଉଛି। ଏହା ପ୍ରାୟତଃ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ତେଣୁ ଏହି ସମସ୍ୟା କାହିଁକି ହେଉଛି, ଏହାର ସମାଧାନ କ'ଣ ତାହାକୁ ନେଇ ଏହି ଆଲେଖ୍ୟ।**



ଋତୁସ୍ରାବ ମହିଳାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ଏହା ୧୨ରୁ ୧୪ବର୍ଷ ବୟସରେ ଆରମ୍ଭ ହୋଇଯାଏ। ଏବେ କିନ୍ତୁ ୮ ରୁ ୯ ବର୍ଷୀୟା ଝିଅମାନେ ଋତୁସ୍ରାବକୁ ସାମ୍ନା କରୁଛନ୍ତି। ଝିଅଙ୍କ ପରି ପୁଅମାନଙ୍କର କମ୍ ବୟସରୁ ଯୌନାଙ୍ଗବୃଦ୍ଧି, ସ୍ୱରରେ ପରିବର୍ତ୍ତନ, ନିଶ ଉଠିବା ଆଦି ଲକ୍ଷଣ ଦେଖାଯାଉଛି। ତେବେ କମ୍ ବୟସରୁ ଏହି ପରିପକ୍ୱତା ସେମାନଙ୍କ ଶାରୀରିକ, ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଫଳରେ ସେମାନଙ୍କ ସ୍ୱଭାବ ଚିଡ଼ିଚିଡ଼ା ହେଉଛି।

**ଅନିୟନ୍ତ୍ରିତ ଜୀବନଶୈଳୀ**
ରାସାୟନିକଯୁକ୍ତ ଖାଦ୍ୟ, ଗର୍ଭବସ୍ଥାରୁ ଇଞ୍ଜେକସନ୍ ଏବଂ ଔଷଧ ସେବନ ଅଭ୍ୟାସରୁ ପିଲାମାନେ ଶୀଘ୍ର ରାସାୟନିକ ସମ୍ପର୍କରେ ଆସିଯାଉଛନ୍ତି। ଜନ୍ମ ପରେ ଖାଦ୍ୟଠୁ ନେଇ ଶାରୀରିକ ବୃଦ୍ଧି ପାଇଁ ଖାଦ୍ୟରେ ଗ୍ରୋଥ୍ ହରମୋନ୍ ଉପଯୋଗ ଯୋଗୁଁ ହରମୋନ୍ ଅସନ୍ତୁଳନ ହେଉଛି। ଅଧିକ ଜଙ୍କଫୁଡ ସେବନ ଦ୍ୱାରା କମ୍ ବୟସରୁ ପିଲା ପରିପକ୍ୱ ହେଉଛନ୍ତି।

**ମେଦବହୁଳତା ଏବଂ ଚିନ୍ତା:** ପ୍ରିଜରଭେଟିଭ ଖାଦ୍ୟଗ୍ରହଣ, ଶାରୀରିକ ନିଷ୍କ୍ରିୟତା ଯୋଗୁଁ ପିଲାମାନେ ମେଦବହୁଳତାରେ ପୀଡ଼ିତ ହେଉଛନ୍ତି। ଏହା ଦ୍ୱାରା ଚିନ୍ତା ଓ ଓଜନ ବୃଦ୍ଧି ସମସ୍ୟା ଅଧିକ ବଢୁଛି। ଏହା ମଧ୍ୟ ପ୍ରିକୋସିୟସ୍ ପ୍ୟୁବର୍ଟିର ମୂଳ କାରଣ।

**କାଳ ସାଜୁଛି ମୋବାଇଲ୍ ଫୋନ୍:** ପଢ଼ାକୁ ନେଇ ଅଧିକାଂଶ ପିଲା ଚାପଗ୍ରସ୍ତ ରହୁଛନ୍ତି। ଘଣ୍ଟା ଘଣ୍ଟା ଡିଜିଟାଲ ସ୍କ୍ରିନ୍ ବ୍ୟବହାର ଯୋଗୁଁ ଫୋନ୍‌ର ନୀଳ ଆଲୋକ ମସ୍ତିଷ୍କକୁ ନିଦ ସଙ୍କେତ ଦିଏ ନାହିଁ। ବିଳମ୍ବିତ ରାତିଯାଏଁ ସେମାନେ ଅନିଦ୍ରା ରହୁଥିବାରୁ ହରମୋନ ଅସନ୍ତୁଳନ ହେଉଛି। ଫଳରେ କମ୍ ବୟସରୁ ପରିପକ୍ୱ ହେଉଛନ୍ତି।

**ଖାଦ୍ୟପେୟରେ ସତର୍କତା:** ପିଲାମାନେ ସନ୍ତୁଳିତ ଖାଦ୍ୟ ସେବନ ସହିତ ବ୍ୟାୟାମ କରିବା ନିତାନ୍ତ ଜରୁରି। ଶୋଇବାର ଘଣ୍ଟାକ ପୂର୍ବରୁ ମୋବାଇଲ୍ ବନ୍ଦ କରିବା ଉଚିତ। ୮ରୁ ୯ ବର୍ଷ ବୟସରେ ପୁଅଝିଅ ପରିପକ୍ୱ ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।

# ରକ୍ତଚାପ ନିୟନ୍ତ୍ରଣକାରୀ ଲାଉ ଜୁସ୍

**ଆୟୁର୍ବେଦରେ ଲାଉର ଅନେକ ଔଷଧୀୟ ଗୁଣ ଭରି ରହିଛି। ଲାଉରୁ ପ୍ରସ୍ତୁତ ଜୁସ୍ ପିଇଲେ ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଲାଉ ଜୁସ୍‌ରେ ଭିଟାମିନ୍, ମିନେରାଲ ଅନେକ ପୋଷକତତ୍ତ୍ୱ ରହିଛି। ତେଣୁ ନିୟମିତ ରୂପେ ସଠିକ ମାତ୍ରାରେ ଏହାକୁ ସେବନ କଲେ, ଶରୀରର ବିଭିନ୍ନ ରୋଗ ଦୂର ହୋଇପାରେ। ଶୀତଦିନେ ଲାଉ ଜୁସ୍ ପିଇବା ଅତ୍ୟନ୍ତ ହିତକର।**

- ଲାଉରେ ଥିବା ପଟାସିୟମ ରକ୍ତଚାପକୁ ନିୟନ୍ତ୍ରିତ ରଖେ। ପାଚନତନ୍ତ୍ରକୁ ସକ୍ରିୟ ରଖିବାରେ ଏହାର ଭୂମିକା ରହିଛି। ସେହିପରି ଲାଉରେ ଭିଟାମିନ-ସି, ପଟାସିୟମ, ମ୍ୟାଗ୍ନେସିୟମ, ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ହୃଦୟକୁ ସୁସ୍ଥ ରଖେ। ଶରୀରରେ ଜଳୀୟଅଂଶ ସନ୍ତୁଳିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ।
- ମୁଣ୍ଡବିନ୍ଧା ସମସ୍ୟାରୁ ରକ୍ଷା ପାଇବାକୁ ପ୍ରତିଦିନ ଲାଉ ଜୁସ୍ ପିଇବା ହିତକର। ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଏ। କେବଳ ସେତିକି ନୁହେଁ, ଏହା ଓଜନ ନିୟନ୍ତ୍ରଣ କରିବାରେ ବିଶେଷ ଭୂମିକା ନିଭାଏ। ସକାଳୁ ଖାଲି ପେଟରେ ଏହି ଜୁସ୍ ପିଇପାରିବେ। ନିୟମିତ ରୂପେ ୧୦୦ରୁ ୧୫୦ ମିଲି ଟଟକା ଲାଉ ଜୁସ୍ ପିଇବାକୁ ପରାମର୍ଶ ଦିଆଯାଏ। ଯଦି କାହାର ସ୍ୱାସ୍ଥ୍ୟ ସମସ୍ୟା ରହିଥାଏ, ସେମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଲାଉ ଜୁସ୍ ସେବନ କରିବା ଅନୁଚିତ।



### ଶନିବାରରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ

# ଭାରତ ସାମ୍ନାରେ ଚୂଡ଼ାନ୍ତ ଏକାଦଶ ଚୟନ ଦ୍ୱନ୍ଦ୍ୱ

ଗୌହାଟୀ,୨୦।୧୧(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ସିରିଜ୍‌ର ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍ ଶନିବାରଠୁ ଖେଳାଯିବ। ଭାରତର ୨୮ତମ ଟେଷ୍ଟ ଭେନ୍ୟୁଭାବେ ଏଠାରେ ପ୍ରଥମ ଟେଷ୍ଟ ଖେଳାଯିବ। ଆଜି ଖୋଲାଯାଇଥିବା ବର୍ଷାପଡ଼ା ପିଚ୍‌ରେ ପ୍ରବଳ ଘାସ ଥିବାର ଦେଖାଯାଇଛି। କିନ୍ତୁ ଆସନ୍ତାକାଲି ଏହା ନ ଥିବ। ଏହା ସତ୍ତ୍ୱେ ପିଚ୍ କିପରି ବ୍ୟବହାର କରିବ, ଭାରତ କେଉଁଭଳି ପିଚ୍ ପସନ୍ଦ କରିବ ଏହା ଉପରେ ସବୁକିଛି ନିର୍ଭର କରୁଛି। କୋଲକାତାର ଅନ୍‌ଇଭିନ ବାଉନ୍ସ ଓ ଟର୍ଣ୍ଣିଂ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ମୁକାବିଲା କରିପାରିଲା ନାହିଁ। ଏଣୁ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ବର୍ଷାପଡ଼ା ଷ୍ଟାଡିୟମ୍‌ର ଭେନ୍ୟୁ କିପରି ହେବ ତାହା ଏବେଠାରୁ କହିବା କଷ୍ଟକର।

ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ ଶିବିରରେ ମନ୍ଥନ ପରେ ମନ୍ଥନ ଚାଲିଛି। ବିଚାର ବିମର୍ଷ, ଅଭ୍ୟାସ, ଯୋଜନା ଓ ରଣନୀତିକୁ ନେଇ କ୍ରିକେଟ ମହଲ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ବିଶେଷ କରି ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ୨ଟି ଟେଷ୍ଟ ସିରିଜ୍‌ରେ କ୍ଲିନ୍ ସୁଇପ ନ ହେବାକୁ ସମସ୍ତେ ନିଶ୍ଚିତ ଚେଷ୍ଟା କରିବେ। କିନ୍ତୁ ଏଥିଲାଗି କେଉଁ ରଣନୀତି ଗ୍ରହଣ କରାଯିବ, କିଭଳି ପିଚ୍ ରହିବ ଓ କେଉଁ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ ଓ କାହାକୁ ବାଦ୍ ଦିଆଯିବ ତାହାକୁ ନେଇ ଟିମ୍ ମ୍ୟାନେଜ୍‌ମେଣ୍ଟ ଦ୍ୱନ୍ଦ୍ୱରେ ପଡ଼ିଛି। ଏହା ସତ ଯେ, ଆହତ ଅଧିନାୟକ ଶୁବମନ ଗିଲଙ୍କ ଖେଳିବା ଉପରେ ଟିମ୍ ମ୍ୟାନେଜମେଣ୍ଟ ଶେଷ ମୂହୂର୍ତ୍ତଯାଏ ଅପେକ୍ଷା କରିବ। ମେଡିକାଲ ଟିମ୍‌ର ସାର୍ଟିଫିକେଟ ଏବଂ ଗିଲ ନିଜେ ସହଜ ଅନୁଭବ କଲେ ଖେଳିବେ କି ନାହିଁ ସ୍ଥିର ହେବ। ଟିମ୍ ମ୍ୟାନେଜମେଣ୍ଟ ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି, ଗିଲ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସୁଯୋଗ ଦିଆଯିବ ନାହିଁ। ଶନିବାର ଖେଳ ଆରମ୍ଭ ହେବା ପରେ ତାଙ୍କୁ ନିଜ ଘରକୁ କିମ୍ବା ବେଙ୍ଗାଲୁରୁ ପଠାଇଦିଆଯିବ। ସେଠାରେ ତାଙ୍କର ଚିକିତ୍ସା ହେବ ଓ ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ଲାଗି ସେ ଫିଟ୍ ହୁଅନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖୁଛି।


ବର୍ଷାପଡ଼ା ଷ୍ଟାଡିୟମରେ ଅପରାହ୍ଣ ୪ଟା ୪୦ ମିନିଟରେ ସ୍ଥିତି

ଗିଲଙ୍କ ଯଦି ଦ୍ୱିତୀୟ ଟେଷ୍ଟ ନ ଖେଳିବେ ତେବେ ଉପଅଧିନାୟକ ତଥା ୱିକେଟରକ୍ଷକ ଋଷଭ ପନ୍ତ ଦଳର ନେତୃତ୍ୱନେବେ। କିନ୍ତୁ ତାଙ୍କ ଅନୁପସ୍ଥିତିରେ ଭାରତର ଚୂଡାନ୍ତ ଏକାଦଶ ଚୟନକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ବର୍ଷାପଡ଼ାରେ ଭାରତ ତାଙ୍କ ସ୍ଥାନରେ କାହାକୁ ଖେଳାଇବ ତାହାକୁ ନେଇ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ। ଗତ କିଛିଦିନ ଯେପରି ସାଇ ସୁଦର୍ଶନଙ୍କୁ ପ୍ରୋଜେକ୍ଟ କରାଯାଉଛି, ସେଥିରୁ ଜଣାଯାଉଛି ଗିଲ୍‌ଙ୍କ ସ୍ଥାନ ସେ ପୂରଣ କରିବେ। ଅର୍ଥାତ୍ ୱାଶିଂଟନ ସୁନ୍ଦର ପୂର୍ବପରି ନଂ-୩ରେ ବ୍ୟାଟିଂ କରିବେ ଓ ତାଙ୍କ ପରେ ସୁଦର୍ଶନ ଆସିବେ। ସେହିପରି କୋଲକାତାରେ ବିଶେଷ ପ୍ରଭାବ ପକାଇପାରି ନ ଥିବା ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦେବାର ଆଶଙ୍କା ରହିଛି। ଏପରି ହେଲେ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯିବ। ଦକ୍ଷିଣ ଆଫ୍ରିକା-ଏ’ ବିପକ୍ଷ ଦିନିକିଆ ସିରିଜ୍ ଖେଳୁଥିଲାବେଳେ ନୀତୀଶଙ୍କୁ ଦଳକୁ ଫେରାଇ ଅଣାଯାଇଛି। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ସାମିଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

**ଦ୍ୱିତୀୟ ଟେଷ୍ଟର ଖେଳ ସମୟ**

- **ପ୍ରଥମ ସେସନ୍** — ସକାଳ ୯ଟାରୁ ୧୧ଟା
- **ଟି (ଚା’ ପାନ)** — ୧୧ଟାରୁ ୧୧ଟା ୨୦ମିନିଟ୍
- **ଦ୍ୱିତୀୟ ସେସନ୍** — ପୂର୍ବାହ୍ଣ ୧୧.୨୦ରୁ ୧.୨୦
- **ଲଞ୍ଚ୍ (ମଧ୍ୟାହ୍ନ ଭୋଜନ)** — ଅପରାହ୍ଣ ୧.୨୦ରୁ ୨ଟା
- **ତୃତୀୟ ସେସନ୍** — ଅପରାହ୍ଣ ୨ଟାରୁ ୪ଟା

## ବର୍ଷାପଡ଼ା ଟେଷ୍ଟ: ଲଞ୍ଚ୍ ଆଗରୁ ଟି’ | ଆଇଡେନ୍ ମାର୍‌କ୍ରମ୍‌ଙ୍କ ସମାଲୋଚନା

ବର୍ଷାପଡ଼ା: ଭାରତରେ ଟେଷ୍ଟ କ୍ରିକେଟ ସାଧାରଣତଃ ସକାଳ ୯ଟା ୩୦ରୁ ଆରମ୍ଭ ହୋଇଥାଏ। କିନ୍ତୁ ଦ୍ୱିତୀୟ ଟେଷ୍ଟ ଖେଳାଯିବାକୁ ଥିବା ଆସାମ ରାଜ୍ୟ ଭାରତର ଉତ୍ତରପୂର୍ବାଞ୍ଚଳରେ ଅବସ୍ଥିତ। ଏଠାରେ ସୂର୍ଯ୍ୟୋଦୟ ଯେପରି ଆଗୁଆ ହୁଏ, ଠିକ୍ ସେହିପରି ସୂର୍ଯ୍ୟାସ୍ତ ମଧ ଦେଶର ଅନ୍ୟଭାଗ ଅପେକ୍ଷା ଆଗୁଆ ହୋଇଥାଏ। ଏଣୁ ପ୍ରତ୍ୟେକ ଦିନର ଓଭର କୋଟା ପୂରଣ କରିବାକୁ ମ୍ୟାଚ୍‌କୁ ସକାଳ ୯ଟାରୁ ଆରମ୍ଭ କରାଯିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଫଳରେ ପୂର୍ବାହ୍ଣ ୧୧ଟାରୁ ୧୧ଟା୨୦ ମଧ୍ୟରେ ପ୍ରଥମ ବ୍ରେକ୍ ବା ଟି’ ହେବ। ଲଞ୍ଚ୍ ଲାଗି ସକାଳ ୧୧ଟା ବହୁତ ଆଗୁଆ ହେବ ବୋଲି ବିସିସିଆଇ ସମ୍ପାଦକ ତଥା ଆସାମ ବାସିନ୍ଦା ଦେବଜିତ ସାଇକିଆ କହିଥିଲେ। ୧୧ଟା ୨୦ରୁ ୧ଟା ୨୦ ପର୍ଯ୍ୟନ୍ତ ଦ୍ୱିତୀୟ ସେସନ ଖେଳ ହେବା ପରେ ଲଞ୍ଚ୍ ହେବ। ଏହାର ଅର୍ଥ ଦିନରେ ଖେଳାଯାଉଥିବା ଟେଷ୍ଟ କ୍ରିକେଟ ଇତିହାସରେ ଏହା ପ୍ରଥମ ମ୍ୟାଚ୍ ହେବ ଯେଉଁଥିରେ ଲଞ୍ଚ୍ ଆଗରୁ ଟି’ ବ୍ରେକ୍ ହେବ। ୧ଟା୨୦ରୁ ୨ଟାଯାଏ ଲଞ୍ଚ ଓ ଏହା ପରେ ଅର୍ଥାତ୍ ଅପରାହ୍ଣ ୨ଟାରୁ ୪ଟା ଯାଏ ତୃତୀୟ ତଥା ଶେଷ ସେସନ ଖେଳାଯିବ। ପ୍ରତ୍ୟେକ ଦିନ ୯୦ ଓଭର ଖେଳାଯିବାର ନିୟମ ରହିଛି। କିନ୍ତୁ ଆଗୁଆ ସୂର୍ଯ୍ୟାସ୍ତ ହେଉଥିବାରୁ ବର୍ଷାପଡ଼ାରେ ଏହା ସମ୍ଭବ ହେବ ନାହିଁ। ଏହି ନିଷ୍ପତ୍ତିକୁ ଦକ୍ଷିଣ ଆଫ୍ରିକାର ଓପନର ଆଇଡେନ୍ ମାରକ୍ରମ ସମାଲୋଚନା କରିଛନ୍ତି। ତାଙ୍କ ମତରେ ଟେଷ୍ଟ କ୍ରିକେଟ ମାନେ ପୂର୍ବାହ୍ଣ ୧୦ଟାରୁ ଆରମ୍ଭ ହେବା କଥା। ଏଠାରେ ସ୍ଥିତି ଭିନ୍ନ ରହିଛି। ଅନ୍ୟଦକ୍ଷିଣ ଆଫ୍ରିକୀୟ ଖେଳାଳି କେଶବ ମହାରାଜ ଏହି ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି। ପୂରା ସମୟ ଖେଳ ଲାଗି ଏପରି ନିଷ୍ପତ୍ତି ଯଥାର୍ଥ ବୋଲି ସେ କହିଛନ୍ତି। ଭାରତୀୟ ବ୍ୟାଟର ସାଇ ସୁଦର୍ଶନ ମଧ ଏହି ନିଷ୍ପତ୍ତିକୁ ସମର୍ଥନ ଦେଇଛନ୍ତି।

### ଆଜିଠୁ ଆସେସ୍ ସିରିଜ

## ଟ୍ରଫି ବଜାୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

ପର୍ଥ, ୨୦।୧୧ (ଏଜେନ୍ସି): ଟେଷ୍ଟ କ୍ରିକେଟ୍ ଇତିହାସର ସବୁଠୁ ପୁରୁଣା ଓ ସମ୍ମାନଜନକ ସିରିଜ ‘ଦି ଆସେସ୍’ର ୭୪ତମ ସଂସ୍କରଣ ଶୁକ୍ରବାରଠାରୁ ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁଯାଉଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମୁକାବିଲା ପର୍ଥ ଷ୍ଟାଡିୟମରେ ଖେଳାଯିବ। ଅଭିଜ୍ଞ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଭ୍ରମଣକାରୀ ଇଂଲଣ୍ଡ ଦଳର ନେତୃତ୍ୱ ନେଉଛନ୍ତି। ଦଳରେ ଜୋ ରୁଟ୍, ଓଲି ପୋପ୍, ବେନ୍ ଡକେଟ୍, ହ୍ୟାରୀ ବ୍ରୁକ୍, ଜୋଫ୍ରା ଆର୍ଚର, ମାର୍କ ଉଡ୍‌ଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଇଂଲଣ୍ଡ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଆସେସ୍ ସିରିଜ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଷ୍ଟିଭ ସ୍ମିଥଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଘରୋଇ ମାଟିରେ କୌଣସି ସୁଯୋଗ ନ ଦେଇ ସିରିଜ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ସ୍ମିଥଙ୍କ ସମେତ ମାର୍ନସ ଲାବୁଶ୍ୱେନ, ଟ୍ରାଭିସ ହେଡ, ମିଚେଲ ଷ୍ଟାର୍କ, ନାଥନ ଲିୟନଙ୍କ ଭଳି ଅଭିଜ୍ଞ ଖେଳାଳି ଇଂଲଣ୍ଡକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛନ୍ତି।

**ପ୍ରଥମ ଟେଷ୍ଟ**
ଆରମ୍ଭ: ସକାଳ ୭ଟା ୫୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ




**ଅଷ୍ଟ୍ରେଲିଆରେ ଆସେସ୍**

- ପ୍ରଥମ ସିରିଜ: ୧୮୭୬-୭୭
- ମୋଟ୍ ସିରିଜ: ୭୩
- ଅଷ୍ଟ୍ରେଲିଆ ବିଜୟ: ୩୪ଥର
- ଇଂଲଣ୍ଡ ବିଜୟ: ୩୨ଥର
- ଡ୍ର: ୭ଥର
- ମୋଟ୍ ଟେଷ୍ଟ ମ୍ୟାଚ୍: ୩୪୦ଟି
- ଅଷ୍ଟ୍ରେଲିଆ ଜିତିଛି: ୧୪୦ଟି
- ଇଂଲଣ୍ଡ ଜିତିଛି: ୧୦୮ଟି

## ଏଏଫ୍‌ଆଇରେ ଜିଏସ୍ ପଟ୍ଟନାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ

ଭୁବନେଶ୍ୱର, ୨୦।୧୧ (ସମିସ): ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏସନ (ଓଏଏ)ର ସଭାପତି ଜିଏସ୍ ପଟ୍ଟନାୟକଙ୍କୁ ଜାତୀୟ ସଂଘରେ ଏକ ବଡ଼ ଦାୟିତ୍ୱ ମିଳିଛି। ସେ ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଅଫିସିଏଟିଂ ସେକ୍ରେଟାରୀ (କାର୍ଯ୍ୟାଳୟ ପରିଚାଳନା ସମ୍ପାଦକ) ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ଏଏଫ୍‌ଆଇର ବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଉଥିଲେ। ଓଡ଼ିଶା ଇତିହାସରେ ଶ୍ରୀ ପଟ୍ଟନାୟକ ପ୍ରଥମ ବ୍ୟକ୍ତି ଭାବେ ଏଏଫ୍‌ଆଇର ଅଫିସିଏଟିଂ ସେକ୍ରେଟାରୀ ପଦ ମଣ୍ଡନ କରିଛନ୍ତି। ଏହି ଅବସରରେ ଓଏଏର ଚେୟାରମ୍ୟାନ ଆଶୀର୍ବାଦ ବେହେରା, ସମ୍ପାଦକ ଅଭିଜିତ୍ ପାଲ୍‌ଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଜିଏସ୍ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



### ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର

## ବିଶେଷଙ୍କୁ ହ୍ୟାଟ୍ରିକ୍ ଟାଇଟଲ

ଭୁବନେଶ୍ୱର,୨୦।୧୧(ସମିସ): ରାଜ୍ୟ ଜୁନିଅର ବିଲିଆର୍ଡ୍ସ ଚାମ୍ପିଅନ୍ ବିଶେଷ ସିଂଘାଲ ରାଜ୍ୟ ଜୁନିଅର ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସ୍ନୁକରରେ ଏହା ତାଙ୍କର ହ୍ୟାଟ୍ରିକ୍ ଟାଇଟଲ। ଗୁରୁବାର ଅନୁଷ୍ଠିତ ଫାଇନାଲରେ ସେ ୨-୦ ଫ୍ରେମ୍‌ରେ ସାଇ ସଙ୍କଳ୍ପଙ୍କୁ ହରାଇ କ୍ରମାଗତ ତୃତୀୟ ଟାଇଟଲ ଜିତିଥିଲେ। ଗତକାଲି ଅନୁଷ୍ଠିତ ସିନିଅର ବିଲିଆର୍ଡ୍ସରେ ବିଶେଷ ପୂର୍ବତନ ଜାତୀୟ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସିନିଅର ସ୍ନୁକର ବିଭାଗରେ ସୁବ୍ରତ ଦାସ, ଆଶୁତୋଷ ପାଢ଼ୀ, ଅନୁଜ ପଣ୍ଡା ଓ ସୁଦୀପ୍ତ ଦାଶ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



## ଡିସେମ୍ବର ୨୮ରୁ ମହିଳା, ଜାନୁଆରୀ ୩ରୁ ପୁରୁଷ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍ ପୁଣିଥରେ ଫେରୁଛି। ହକି ଇଣ୍ଡିଆ ପକ୍ଷରୁ ରାଞ୍ଚିରେ ଡିସେମ୍ବର ୨୮ରୁ ଜାନୁଆରୀ ୧୦ ଯାଏ ମହିଳା ଲିଗ୍ ଏବଂ ଚେନ୍ନଇ, ରାଞ୍ଚି ଓ ଭୁବନେଶ୍ୱରରେ ୨୦୨୬ ଜାନୁଆରୀ ୩ରୁ ୨୬ ଯାଏ ପୁରୁଷ ଲିଗ୍ ଖେଳାଯିବାକୁ ସ୍ଥିର ହୋଇଛି। ବିଗ୍ ଇଜ୍ ବ୍ୟାକ୍ ନାମରେ ହକି ଇଣ୍ଡିଆ ଲିଗ୍‌ର ଅଫିସିଆଲ ପ୍ରୋମୋ ଆଜି ଉନ୍ମୋଚିତ ହୋଇଛି। ଏହି ଲୋକପ୍ରିୟ ପ୍ରତିଯୋଗିତା ଲାଗି ହକି ସମର୍ଥକ ପ୍ରସ୍ତୁତ ହୋଇ ରହିଛନ୍ତି।

## ୱାର୍ଲ୍ଡ ବକ୍ସିଂ କପ୍: ୪ ଭାରତୀୟ ମହିଳାଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ୱାର୍ଲ୍ଡ ବକ୍ସିଂ କପ୍‌ରେ ଭାରତୀୟ ମହିଳା ୪ଟି ସ୍ୱର୍ଣ୍ଣ ଓ ପୁରୁଷ ପ୍ରତିଯୋଗୀ ୪ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ମହିଳା ବିଭାଗ ୪୮ କେଜିରେ ମିନାକ୍ଷୀ, ୫୪ କେଜିରେ ପ୍ରୀତି, ୭୦ କେଜିରେ ଅରୁନ୍ଧତୀ ଓ ୮୦ରୁ ଉର୍ଦ୍ଧ୍ୱ କେଜିରେ ନୁପୁର ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଯଦୁମଣି ସିଂ, ପୱନ ବାର୍ତ୍ତୱାଲ, ଅବିନାଶ ଜାମୱାଲ୍ ଓ ଅଙ୍କୁଶ ପାଙ୍ଘଲ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

## ମହିଳା କବାଡ଼ି ବିଶ୍ୱକପ୍: ସେମିରେ ଭାରତ

ଢାକା, ୨୦।୧୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଭାରତ ୩ୟ ଗ୍ରୁପ୍ ମ୍ୟାଚରେ ଜର୍ମାନୀକୁ ୬୩-୨୨ ପଏଣ୍ଟରେ ହରାଇଥିଲା। ବିଶ୍ୱକପ୍‌ରେ ଭାରତର ଏହା ହ୍ୟାଟ୍ରିକ ବିଜୟ ଥିଲା। ନଭେମ୍ବର ୨୩ରେ ସେମିଫାଇନାଲ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟ ଶେଷ ପରେ ଭାରତ ସେମିଫାଇନାଲରେ କାହାକୁ ଭେଟିବ ତାହା ସ୍ପଷ୍ଟ ହେବ। ୨୦୧୨ରେ ଅନୁଷ୍ଠିତ ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା।

### ଅଷ୍ଟ୍ରେଲିଆନ ଓପନ୍ ବ୍ୟାଡ୍‌ମିଣ୍ଟନ

## ବିପର୍ଯ୍ୟୟ ଘଟାଇ କ୍ୱାର୍ଟରରେ ଆୟୁଷ

ସିଡ୍‌ନୀ, ୨୦।୧୧ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ସେଟ୍ଟୀ ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଗୁରୁବାର ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ୨୦ ବର୍ଷୀୟ ଆୟୁଷ ୨୧-୧୭, ୨୧-୧୬ ସିଧାସଳଖ ଗେମରେ ୪ର୍ଥ ସିଡ୍ ଜାପାନର କୋଡାଇ ନାରାଓକାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ବିଶ୍ୱ ମାନ୍ୟତାର ୩୨ତମ ସ୍ଥାନରେ ରହିଥିବା ଆୟୁଷ କ୍ୱାର୍ଟରରେ ସାଥୀ ଖେଳାଳି ଲକ୍ଷ୍ୟ ସେନଙ୍କୁ ଭେଟିବେ। ଅନ୍ୟ ଏକ ପ୍ରି-କ୍ୱାର୍ଟରରେ ଲକ୍ଷ୍ୟ ୨୧-୧୭, ୧୩-୨୧, ୨୧-୧୩ ଗେମରେ ଚାଇନିଜ ତାଇପେଇର ଚି ୟୁ-ଜେନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ପୁରୁଷ ଡବଲ୍ସରେ ଟପ୍ ସିଡ୍ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

## ଶତକ ଟେଷ୍ଟରେ ଶତକ ରହିମଙ୍କ ବିରଳ କୀର୍ତ୍ତିମାନ

ମୀରପୁର, ୨୦।୧୧ (ଏଜେନ୍ସି): ବାଂଲାଦେଶର ବରିଷ୍ଠ କ୍ରିକେଟର୍ ମୁସଫିକର ରହିମ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱର ୧୧ତମ ବ୍ୟାଟର୍ ଭାବେ ୩୮ ବର୍ଷୀୟ ରହିମ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପ୍ରଥମ ପାଳିରେ ରହିମ ୧୦୬ ରନ ସଂଗ୍ରହ କରିଥିଲେ। ରହିମଙ୍କ ଏହା ୧୦୦ତମ ଟେଷ୍ଟ ମ୍ୟାଚ୍ ଥିଲା। ପୂର୍ବରୁ ବିଶ୍ୱର ୧୦ଜଣ କ୍ରିକେଟର୍ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିଛନ୍ତି। ସେମାନେ ହେଲେ ଇଂଲଣ୍ଡର କଲିନ କାଓଡ୍ରେ, ଜାଭେଦ ମିଆଁଦାଦ, ଗର୍ଡନ ଗ୍ରୀନିଜ୍, ଆଲେକ୍ ଷ୍ଟିୱାର୍ଟ, ଇଞ୍ଜାମାମ-ଉଲ୍-ହକ, ରିକି ପଣ୍ଟିଂ, ଗ୍ରାଏମ ସ୍ମିଥ, ହାସିମ ଅମଲା, ଜୋ ରୁଟ୍, ଡେଭିଡ୍ ୱାର୍ଣ୍ଣର। ଏହି ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ୪୭୬ ରନରେ ସୀମିତ ରହିଥିଲା। ଜବାବରେ ଆୟର୍ଲାଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୫ ୱିକେଟରେ ୯୮ ରନ ସଂଗ୍ରହ କରିଛି।








PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS